R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୯
ତିଥି : ସପ୍ତମୀ
୧୦ ଅକ୍ଟୋବର ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ରସାୟନ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ

ନୂଆଦିଲ୍ଲୀ, ୯।୧୦ : ରସାୟନ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ୩ ବୈଜ୍ଞାନିକଙ୍କୁ ଚଳିତ ବର୍ଷ ନୋବେଲ ପୁରସ୍କାର ମିଳିବ । ରୟାଲ ସ୍ୱେଡେସ୍ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ରାଶି ବାବଦରେ ୧୧ ମିଲିୟନ୍ ସ୍ୱେଡେସ୍ କ୍ରାଉନ୍ ପ୍ରଦାନ କରାଯିବ । ଚଳିତ ବର୍ଷ ପାଇଁ ଡାଭିଡ ବାକେର, ଡେମିସ ହାସାବିସ ଓ ଜନ୍ ଜମ୍ପରଙ୍କୁ ଏହି ପୁରସ୍କାର ମିଳିବ । କମ୍ପ୍ୟୁଟେସନନାଲ ପ୍ରୋଟିନ୍ ଡିଜାଇନ୍ ପାଇଁ ଏହି ଅର୍ଥ ପ୍ରଦାନ କରାଯିବ । ତେବେ ପୁରସ୍କାର ବାବଦରେ ମିଳିବାକୁ ଥିବା ଅଧା ଅର୍ଥ ଏକାକୀ ଡାଭିଡ୍ ବାକେର ନେବେ । (୯ ପୃଷ୍ଠାରେ)

## ଇସିଙ୍କୁ ଭେଟିଲା କଂଗ୍ରେସ

ନୂଆଦିଲ୍ଲୀ, ୯।୧୦ : ହରିୟାଣା ବିଧାନସଭା ନିର୍ବାଚନରେ ପରାଜୟକୁ ସ୍ୱୀକାର କରିପାରୁନି କଂଗ୍ରେସ । ଏହି ଫଳାଫଳକୁ ଅପ୍ରାଶ୍ୟତ ଦର୍ଶାଇ ଇଭିଏମ୍ ଉପରେ ପ୍ରଶ୍ନବାଚୀ ଲଗାଇଛି । କଂଗ୍ରେସ ନେତା କେସି ବେଣୁଗୋପାଳ, ଜୟରାମ ରାମେଶ, ପଓ୍ୱନ ଖେରା, ଅଜୟ ମାକେନ୍ ଆଜି ନିର୍ବାଚନ ନିର୍ବାଚନ କମିଶନ (ଇସି)କୁ ନୂଆଦିଲ୍ଲୀରେ ତାଙ୍କୁ ସାକ୍ଷାତ କରି ହରିୟାଣା। ବିଧାନସଭା ନିର୍ବାଚନ ଫଳାଫଳ ନେଇ ନିଜର ଚିନ୍ତା ପ୍ରକଟ କରିଛନ୍ତି । ନିର୍ବାଚନ କମିଶନଙ୍କୁ ସାକ୍ଷାତ ବେଳେ ଯେଉଁ ପ୍ରକ୍ରିୟାରେ କେତେକ ନିର୍ବାଚନ ମଣ୍ଡଳିରେ (୯ ପୃଷ୍ଠାରେ)

# ରତନ ଟାଟାଙ୍କ ପରଲୋକ



ମୁମ୍ବାଇ, ୯।୧୦ : ବିଶିଷ୍ଟ ଉଦ୍ୟୋଗପତି ପଦ୍ମବିଭୂଷଣ ରତନ ଟାଟାଙ୍କର ବୁଧବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ଶିଳ୍ପ ଜଗତର କିମ୍ବଦନ୍ତୀ ପୁରୁଷ କୁହାଯାଉଥିବା ରତନ ଟାଟା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିଳ୍ପ ଜଗତର ବହୁ ନାମିଦାମୀ ବ୍ୟକ୍ତିତ୍ୱ ଗଭୀର ଶୋକ ପ୍ରକାଶ କରିଛନ୍ତି ।

୨୦୦୮ରେ ପଦ୍ମ ବିଭୂଷଣରେ ସମ୍ମାନୀତ ହୋଇଥିବା ରତନ ଟାଟା ଟାଟା ଗ୍ରୁପ୍ ଅଫ୍ ସନ୍ସର ଅଧ୍ୟକ୍ଷ ଥିଲେ । ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ଥିବା ରତନ ଟାଟା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଗତ କିଛିଦିନ ତଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଗମ୍ଭୀର ଥିବାନେଇ ଖବର ପ୍ରକାଶ ପାଇଥିଲା । କିନ୍ତୁ ଏହାକୁ ଟାଟା ଗ୍ରୁପ୍ ପକ୍ଷରୁ ଅସ୍ୱୀକାର କରାଯାଇଥିଲା । ରତନ ଟାଟାଙ୍କ ପରଲୋକ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ପ୍ରଥମେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ୧୯୯୧ରୁ ୨୦୧୨ ପର୍ଯ୍ୟନ୍ତ ସେ ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରୁଥିଲେ । ତାଙ୍କ ବିୟୋଗରେ ଶିଳ୍ପ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି । ୧୯୩୭ ମସିହା ଡିସେମ୍ବର ୨୮ ତାରିଖରେ ଭାରତର ଏହି ସୁଯୋଗ୍ୟ ସନ୍ତାନ ରତନ ଟାଟା ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିଲେ । କୋର୍ଣ୍ଣେଲ୍ ୟୁନିଭର୍ସିଟି କଲେଜ ଅଫ୍ ଆର୍କିଟେକ୍ଚରରୁ ସେ ସ୍ନାତକ ଶିକ୍ଷା ସମାପ୍ତି ସହିତ ୧୯୭୫ ମସିହାରେ ହାଓ୍ୱର୍ଡ ବିଜ୍‌ନେସ୍ ସ୍କୁଲରେ ମଧ୍ୟ ସେ ଶିକ୍ଷାଲାଭ କରିଥିଲେ । ୧୯୬୧ ମସିହାରେ ରତନ ଟାଟା ଟାଟା ଗ୍ରୁପ୍‌ରେ ଯୋଗ ଦେଇଥିଲେ । ତା'ପରେ ସେ ଆଉ ପଛକୁ ଫେରିନାହାନ୍ତି । ତାଙ୍କ ନେତୃତ୍ୱରେ ଟାଟା ଟ୍ରଷ୍ଟ ପକ୍ଷରୁ ଅନେକ ଅନୁଷ୍ଠାନ ଗଢ଼ି ଉଠିଛି । ଟାଟା ଗ୍ରୁପ୍‌କୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାରେ ସେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ସେ ଜଣେ ଅମାୟିକ ବ୍ୟକ୍ତିତ୍ୱ, ମେଳାପି ଏବଂ ସମାଜସେବୀ ଥିଲେ । ଟାଟା ଗ୍ରୁପ୍ ପକ୍ଷରୁ ଅନେକ ସାମାଜିକ ଅନୁଷ୍ଠାନ ଗଢ଼ି ଉଠିଛି । ଶିଳ୍ପ ଜଗତରେ ତାଙ୍କର ଅବଦାନକୁ କେହି ଭୁଲିପାରିବେ ନାହିଁ । ଟାଟାସନ୍ସର ଅଧ୍ୟକ୍ଷ ମଧ୍ୟ ଟାଟାଙ୍କ ପରଲୋକରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।











## ସୋସିଆଲ କୋଟ୍ସ



ଦୀପିକା କେବଳ ଦେଖିବାକୁ ସୁନ୍ଦର ନୁହେଁ, ତାଙ୍କର କଥା ଓ ଆଖି ମଧ୍ୟ ବେଶ ସୁନ୍ଦର । ସେ ଖୁବ ଭଲ ଅଭିନେତ୍ରୀ ।

**ସଞ୍ଜୟ ଲୀଲା ଭଂସାଲୀ, ଫିଲ୍ମମେକର**



ବିଗ୍‌ବସ୍‌କୁ ନେଇ ମୁଁ ଖୁବ ନର୍ଭସ ଅଛି । ନିକଟରେ ଗୋଟିଏ ଶୋ' ଜିତିବା ପରେ ଦର୍ଶକଙ୍କ ଆଶା ବଢିଯାଇଥାଏ, ଯାହା ମୋତେ ଡରାଉଛି ।

**କରଣବୀର ମେହେରା, ଅଭିନେତା**



ଦିନ ଥିଲା ଅମିତାଭ ଖୁବ କରଜରେ ବୁଡିଥିଲେ । ଅର୍ଥ ଉପାର୍ଜନ କରିବାକୁ ୧୮ ଘଣ୍ଟା କାମ କରୁଥିଲେ । ଏପରିକି ନିଜ ଘର ବିକିବାର ପରିସ୍ଥିତି ମଧ୍ୟ ଆସିଥିଲା ।

**ରଜନୀକାନ୍ତ, ଅଭିନେତା**

## ଇତିହାସ

୧୯୦୬– ଭାରତୀୟ ଔପନ୍ୟାସିକ ଆର୍‌.କେ. ନାରାୟନଙ୍କ ଜନ୍ମ ।
୧୯୧୦– ବାରାଣସୀରେ ମଦନ ମୋହନ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀ ଆୟୋଜିତ ।
୧୯୬୪– ଟୋକିଓରେ ହୋଇଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସର ପ୍ରଥମକରି ଦୂରଦର୍ଶନରେ ସିଧା ପ୍ରସାରଣ କରାଗଲା ।
୧୯୭୮– ପ୍ରଥମ ମହିଳା ରୂପେ ରାଷ୍ଟ୍ରୀୟ ଚେସ୍ ପ୍ରତିଯୋଗିତାରେ ରୋହିଣୀ ଖାଦିଲକର ବିଜୟୀ ।
୧୯୯୧– ଭାରତକୁ ବିଶ୍ୱ କ୍ୟାରମ୍ ପ୍ରତିଯୋଗିତା ଟାଇଟଲ୍ ।
୧୯୯୨– କୋଲକାତାରେ ଦ୍ୱିତୀୟ ହୁଗୁଳି ପୋଲ ବା ବିଦ୍ୟାସାଗର ସେତୁ ଖୋଲିଲା ।
୨୦୦୫– ଆଞ୍ଜେଲା ମାର୍କେଲ୍ ଜର୍ମାନୀର ପ୍ରଥମ ମହିଳା ଚାନ୍ସେଲର ହେଲେ ।
୨୦୧୪– ଭାରତର କୈଳାଶ ସତ୍ୟାର୍ଥୀଙ୍କୁ ନୋବେଲ ପୁରସ୍କାର ପ୍ରଦାନ ଲାଗି ଘୋଷଣା ।
୨୦୨୨– ପ୍ରସିଦ୍ଧ ଭାରତୀୟ ରାଜନୀତିଜ୍ଞ, ସମାଜବାଦୀ ନେତା ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ଦେହାନ୍ତ ।



## ଏଡିଏଚ୍‌ଡି

ଆଟେନ୍‌ସନ୍ ଡେଫିସିଟି ହାଇପରକ୍ୟାଟିଭିଟି ଡିସ୍‌ଅର୍ଡର ବା ଏଡିଏଚ୍‌ଡି ଏକ ଏଭଳି ରୋଗ ଯେଉଁଥିରେ ଅନେକ ପୀଡିତ ଥାଆନ୍ତି ହେଲେ ଏହାର ଲକ୍ଷଣ ଚିହ୍ନି ଏହାକୁ ଜାଣିବା କଷ୍ଟକର ହୋଇଥାଏ । ଏହା ଏକ ମାନସିକ ସମସ୍ୟା ଯେଉଁଥିରେ ରୋଗୀ ମାନସିକ ସ୍ତରରେ ଅନ୍ୟମନସ୍କ ରହିଥାଏ । ଏହି ରୋଗରେ ଜଣେ ପିଲାଦିନୁ ପୀଡିତ ହେଲେ ମଧ୍ୟ ଏହାକୁ ଚିହ୍ନଟ କରିବା କଷ୍ଟସାଧ୍ୟ । ପ୍ରଥମେ ଏହାର ପ୍ରାଥମିକ ଲକ୍ଷଣକୁ ଚିହ୍ନିବାକୁ ହୋଇଥାଏ । ଏହି ରୋଗରେ ପୀଡିତମାନେ କୌଣସି ଗୋଟିଏ କଥାରେ ଫୋକସ କରିପାରି ନଥାନ୍ତି । ସେମାନେ ଛୋଟ ଛୋଟ କଥା ଭୁଲି ଯାଇଥାଆନ୍ତି । ଏମାନେ ସବୁବେଳେ ଅନ୍ୟମନସ୍କ ରହୁଥିବାର ଦେଖିବାକୁ ମିଳିଥାଏ । ଯେ କେହି ବି ଏମାନଙ୍କୁ ନିଜ କାମରୁ ଡିଷ୍ଟ୍ରାକ୍ଟ କରିପାରିବେ । ଗୋଟିଏ ଯାଗାରେ ଥୟ ହୋଇ ବସିବା ଏମାନଙ୍କ ପାଖରେ ବେଶ କଷ୍ଟସାଧ୍ୟ ହୋଇଥାଏ । ସବୁବେଳେ ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇବା ଏମାନଙ୍କର ଅଭ୍ୟାସ ହୋଇଥାଏ । ତେବେ ଯଦି ଏଭଳି ରୋଗ କାହା ନିକଟରେ ଦେଖିବାକୁ ମିଳୁଛି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏଥିନିମନ୍ତେ ଅନେକ ଥେରାପି ରହିଛି, ଯାହା ସାହାଯ୍ୟରେ ଏହାକୁ ଚିକିତ୍ସା କରାଯାଇପାରିବ । ଏହା ଏକ ମାନସିକ ରୋଗ ହୋଇଥିବାରୁ ଏହାକୁ ଚିହ୍ନଟ କରିବା ସହିତ ଏହାର ଚିକିତ୍ସା ଆବଶ୍ୟକତା ବେଶି ରହିଛି ।

## ଘରେ ରଖନ୍ତୁ ଶାନ୍ତ ମୂର୍ତ୍ତି

ସମସ୍ତଙ୍କ ପୂଜାଘରେ ବିଭିନ୍ନ ପ୍ରକାରର ମୂର୍ତ୍ତି ପୂଜା ପାଇଥାଆନ୍ତି । ତେବେ ମୂର୍ତ୍ତି ପୂଜାକୁ ନେଇ ବାସ୍ତୁ ଶାସ୍ତ୍ରରେ ଅନେକ ନିୟମ ରହିଛି । ସେହିଭଳି ପୂଜାଘରେ କେଉଁ ମୂର୍ତ୍ତି ରଖିବେ ଏବଂ କେଉଁଭଳି ରଖିବେ ତାକୁ ନେଇ ମଧ୍ୟ କିଛି ନିୟମ ରହିଛି । ସର୍ବଦା ମୂର୍ତ୍ତିକୁ ସିଧା ରଖନ୍ତୁ, ଯେପରି ମୂର୍ତ୍ତିର ମୁହଁ ପଟ ଆପଣଙ୍କ ପଟକୁ ରହିବ । ମୂର୍ତ୍ତିକୁ ପଛପଟିଆ କେବେ ବି ରଖନ୍ତୁ ନାହିଁ । ସେହିଭଳି ଶାସ୍ତ୍ର ଅନୁସାରେ ଗଣେଶଙ୍କର ଦୁଇଟି ମୂର୍ତ୍ତି କିମ୍ବା ଫଟୋ କେବେ ବି ପୂଜା ଘରେ ରଖନ୍ତୁ ନାହିଁ । ଅଲଗା ଅଲଗା ସ୍ଥାନରେ ଜଣେ ଠାକୁରଙ୍କର ମୂର୍ତ୍ତି ରଖନ୍ତୁ, ହେଲେ ଗୋଟିଏ ସ୍ଥାନରେ ଏକାଠି ରଖନ୍ତୁ ନାହିଁ । ସେହିଭଳି କୌଣସି ଠାକୁରଙ୍କର ରାଗ ସମୟର ମୂର୍ତ୍ତି କିମ୍ବା ଫଟୋ ପୂଜା ପାଇଁ ରଖନ୍ତୁ ନାହିଁ । ସର୍ବଦା ଶାନ୍ତ ମୂର୍ତ୍ତି ପୂଜା ପାଇଁ ରଖନ୍ତୁ, ଯାହା ଫଳରେ ଘରେ ସକରାତ୍ମକତା ଉର୍ଜା ଖେଳିବ ।



## ମେଟ୍ରୋ ଥିମ୍‌ର ଦୁର୍ଗାପୂଜା

ବର୍ତ୍ତମାନ ଦୁର୍ଗା ପୂଜାର ମାହୋଲ ସବୁସ୍ଥାନରେ ଦେଖିବାକୁ ମିଳୁଛି । ବିଭିନ୍ନ ପ୍ରକାର ଥିମ୍‌କୁ ବ୍ୟବହାର କରି ଦୁର୍ଗାପୂଜା ମଣ୍ଡପକୁ ସଜାଯାଇଛି । ସବୁଠାରୁ ଭିନ୍ନ ଓ ସ୍ୱତନ୍ତ୍ର ପୂଜା ମଣ୍ଡପ କୋଲକାତାରେ ହିଁ ଦେଖିବାକୁ ମିଳିଥାଏ । ସେହିଭଳି ଏକ ଦୁର୍ଗାପୂଜା ମଣ୍ଡପ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏହି ଦୁର୍ଗା ପୂଜାଟି ମେଟ୍ରୋ ଥିମ୍‌ରେ ନିର୍ମାଣ କରାଯାଇଛି । ଲୋକମାନେ ଏହି ପେଣ୍ଡାଲକୁ ଖୁବ ପସନ୍ଦ କରିବାରେ ଲାଗିଛନ୍ତି । ମଣ୍ଡପଟି ଦେଖିବାକୁ ଖୁବ ସୁନ୍ଦର ହୋଇଛି । କେବଳ ମେଟ୍ରୋ ଥିମ୍ ନୁହେଁ ବରଂ ଏଥିରେ ଆଉ ସବୁ କାର୍ଯ୍ୟ ମଧ୍ୟ ମେଟ୍ରୋ ଭଳି କରାଯାଉଛି । ମେଟ୍ରୋ ଭଳି ଆନାଉନ୍ସମେଣ୍ଟ ମଧ୍ୟ କରାଯାଉଛି । ଏଥିରେ ପ୍ଲାଟ୍‌ଫର୍ମ ଭଳି ଏସ୍କଲେଟର ଓ ଏଗ୍‌ଜିଟ୍ ସାଇନ୍ ମଧ୍ୟ ରହିଛି । ଏହି ମଣ୍ଡପ ଓ ସତସତିକା ମେଟ୍ରୋ ଷ୍ଟେସନ ଭିତରେ କୌଣସି ଫରକ ନାହିଁ । ଶିଳ୍ପୀଙ୍କର କ୍ରିଏଟିଭିଟିକୁ ସମସ୍ତେ ଖୁବ ପ୍ରଶଂସା କରିବାରେ ଲାଗିଛନ୍ତି । ଜଗତ ମୁଖାର୍ଜୀ ପାର୍କରେ ଏହାକୁ ନିର୍ମାଣ କରାଯାଇଛି ।





## ଝିଟିପିଟି ଶୁଣିପାରେ ଭାଇବ୍ରେସନ୍

ବିଭିନ୍ନ ସମୟରେ ଆମ ଆଖପାଖରେ ଥିବା ଜୀବଜନ୍ତୁଙ୍କୁ ନେଇ କିଛି ନୂଆନୂଆ ତଥ୍ୟ ସାମନାକୁ ଆସିଥାଏ । ସେହିଭଳି କିଛି ତଥ୍ୟ ଝିଟିପିଟି ଏକ ପ୍ରଜାତିକୁ ନେଇ ଆସିଛି । ଏହି ପ୍ରଜାତିର ଜୀବ ଗିକସ୍‌ମାନଙ୍କର ଏକ ସ୍ୱତନ୍ତ୍ରଧରଣର ଶୁଣିବା ଶକ୍ତି ରହିଛି । ଯାହାଫଳରେ ସେମାନେ ବିଭିନ୍ନ ଭାଇବ୍ରେସନ୍‌କୁ ଶୁଣିବା ସହିତ ଅନୁଭବ କରିପାରିବେ । ଏହି ତଥ୍ୟ ଜୀବଜନ୍ତୁଙ୍କର ଶୁଣିବା ଶକ୍ତି ଉପରେ ବୈଜ୍ଞାନିକଙ୍କୁ ଅଧିକ ତଥ୍ୟ ଯୋଗାଇବ । ମାରଲାଣ୍ଡ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏନେଇ ଗବେଷଣା କରିବା ସହିତ ଏହି ନୂଆ ତଥ୍ୟ ହାସଲ କରିଛନ୍ତି । ଏହି ପ୍ରଜାତିର ଜୀବମାନେ ତାଙ୍କ କାନରେ ଥିବା ବିଭିନ୍ନ ପରସ୍ତକୁ ବ୍ୟବହାର କରି ଭାଇବ୍ରେସନ୍‌କୁ ମେଣ୍ଟେନ୍ କରନ୍ତି । ଏହାକୁ ବୈଜ୍ଞାନିକମାନେ ସିକ୍ସଥ୍ ସେନ୍ସ ବୋଲି ନାଁ ଦେଇଛନ୍ତି । ଯାହାକୁ ବ୍ୟବହାର କରି ସେମାନେ ନିଜର ସାଧାରଣ ଶୁଣିବା ଶକ୍ତିକୁ ବଢାଇଥାଆନ୍ତି ।





## ଭାଙ୍ଗି ପଡିଥିଲେ ଆଲିଆ

ନିକଟରେ ଫିଲ୍ମମେକର ସଞ୍ଜୟ ଲିଲା ଭଂସାଲୀ ଏକ ସାକ୍ଷାତକାରରେ ଫିଲ୍ମ ଇଂଶାଆଲ୍ଲାକୁ ନେଇ କଥା ହୋଇଛନ୍ତି । ଏହି ଫିଲ୍ମ ପାଇଁ ଆଲିଆ ଭଟ୍ଟଙ୍କୁ ପ୍ରଥମେ ଫାଇନାଲ କରାଯାଇଥିଲା। ଏଥିରେ ଆଲିଆ ସଲମାନଙ୍କ ବିପକ୍ଷରେ ନଜର ଆସିଥାଆନ୍ତେ । ହେଲେ ଏହି ପ୍ରୋଜେକ୍ଟଟି କ୍ୟାନ୍ସଲ ହୋଇଯାଇଥିଲା । ଯେତେବେଳେ ଏନେଇ ଆଲିଆଙ୍କୁ ସଞ୍ଜୟ ଜଣାଇଥିଲେ ସେ ଖୁବ କାନ୍ଦିଥିଲେ ବୋଲି ସଞ୍ଜୟ ଲୀଲା ଭଂସାଲି ପ୍ରକାଶ କରିଛନ୍ତି । ଆଲିଆ କାନ୍ଦିବା ସହିତ ନିଜକୁ ଏକ ରୁମ୍‌ରେ ବନ୍ଦ ମଧ୍ୟ କରିଦେଇଥିଲେ । ସମ୍ପୃକ୍ତ ଫିଲ୍ମର ଚରିତ୍ର ଆଲିଆଙ୍କୁ ଖୁବ ପସନ୍ଦ ଆସିଥିଲା । ତେବେ ଏହାପରେ ସଞ୍ଜୟ ତାଙ୍କୁ ଗଙ୍ଗୁବାଇ ଫିଲ୍ମ କଥା କହିଥିଲେ । ଇଂଶାଆଲ୍ଲାରେ ଆଲିଆଙ୍କ ଚରିତ୍ର ପୁରା ବିଦେଶୀ ଥିବାବେଳେ ଗଙ୍ଗୁବାଇରେ ସମ୍ପୂର୍ଣ୍ଣ ଦେଶୀ । ଯାହା ଶୁଣିବା ପରେ ଆଲିଆ ଟିକେ ଦ୍ୱନ୍ଦ୍ୱରେ ପଡିଥିଲେ । କିଭଳି ସେ ଏହାକୁ କରିବେ ସେନେଇ ସଞ୍ଜୟ ଲିଲା ଭଂସାଲୀଙ୍କୁ ନିଜ ମନକଥା ପ୍ରକାଶ କରିଥିଲେ । ହେଲେ ପରେ ସଞ୍ଜୟ ତାଙ୍କୁ ଚରିତ୍ର ନେଇ ବୁଝାଇଥିଲେ ଯାହାପରେ ଆଲିଆ ଗଙ୍ଗୁବାଇ ଫିଲ୍ମ କରିବାକୁ ରାଜି ହୋଇଥିଲେ । ଆଲିଆ ଖୁବ ଆରାମରେ ଏହି ଚରିତ୍ରରେ ଅଭିନୟ କରିପାରିବେ ବୋଲି ସଞ୍ଜୟ ଲିଲା ଭଂସାଲୀ ତାଙ୍କୁ ବୁଝାଇଥିଲେ, ଯେଉଁ କାରଣରୁ ଆଲିଆ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ ।

## ସ୍ମାର୍ଟ ଲେନ୍ସ

ସାଧାରଣତ ଲେନ୍ସ ଆଖିର ଚଷମାର ବିକଳ୍ପ ଭାବେ ବ୍ୟବହୃତ ହୋଇଥାଏ । କେତେକ ଯାଗାରେ ଝିଅ ମାନେ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ବ୍ୟବହାର କରନ୍ତି । ତେବେ ଏଭଳି ଏକ ଲେନ୍ସ ବାହାରିଛି ଯାହା ମଧୁମେହ ଓ ହୃତପିଣ୍ଡର ରୋଗ ଉପରେ ଧ୍ୟାନ ଦେବ । ଏହି ଲେନ୍ସ ଲୁହ ସାହାଯ୍ୟରେ ବ୍ଲଡ୍ ସୁଗାର ଲେବଲ ଚେକ କରିବା ସହିତ ରୋଗୀଙ୍କୁ ଆଲଟ ମଧ୍ୟ କରିବ । ଏହାକୁ ବ୍ରିଟେନ,ଚୀନ ଓ ଆମେରିକାର ବୈଜ୍ଞାନିକମାନେ ମିଶି କରି ପ୍ରସ୍ତୁତ କରିଛନ୍ତି । ଏହି ଲେନ୍ସ ଦୃଷ୍ଟି ଶକ୍ତି ବଢାଇବା ସହିତ ସ୍ୱାସ୍ଥ୍ୟ ଉପରେ ମଧ୍ୟ ନଜର ରଖିବ । ଏହା ଲୁହରୁ ବ୍ଲଡ୍ ସୁଗାର ଲେବଲ ଚେକ କରିବା ସହିତ ଡାଟାକୁ ଓୟାରଲେସ୍ ମାଧ୍ୟମରେ କମ୍ପ୍ୟୁଟରକୁ ଟ୍ରାନ୍ସଫର କରିଥାଏ । ଏହି ଡାଟାରୁ ଶରୀରରେ ଥିବା ରୋଗ ସମ୍ବନ୍ଧରେ ଜଣାପଡିଥାଏ । ଏହା ଅନ୍ୟ ଲେନ୍ସ ତୁଳନାରେ ପତଳା । ଦୁଇଟି ଲେନ୍ସ ମଧ୍ୟରେ ଗୋଟିଏ ସେନ୍ସର ଓ ସର୍କିଟ ଫିଟ୍ କରାଯାଇଛି । ଯାହା ସଂପର୍ଶରେ ଆଖିର ଲୁହ ଆସିବା ଫଳରେ ବିଶେଷଜ୍ଞଙ୍କୁ ନୂଆ ତଥ୍ୟ ମିଳିଥାଏ । ଗବେଷକଙ୍କ ମତ ଅନୁସାରେ ଯଦି କୌଣସି ଜିନିଷକୁ ଜୁମ କରି ଦେଖିବାକୁ ହୋଇଥାଏ ତେବେ ଲେନ୍ସ ପିନ୍ଧିଥିବା ଲୋକଙ୍କୁ ପତା ପକାଇବାକୁ ହେବ । ପତା ପକାଇବା କ୍ଷଣି ହିଁ ଜିନିଷଟି ଜୁମ ହୋଇ ଦେଖାଯିବ । ଲେନ୍ସଟି ଏତେ ସବୁ କଥା କଲେ ମଧ୍ୟ ଆଖିକୁ ଆରାମ ଦେଇଥାଏ ।



## ପୁଅଙ୍କ ଜୁଏଲାରୀ ନିଶା

**କେବଳ ଯେ ଝିଅମାନେ ଗହଣା ପିନ୍ଧନ୍ତି ତାହା ନୁହେଁ । ପୁଅମାନଙ୍କର ପାଇଁ ମଧ୍ୟ ଗହଣା ରହିଛି ଯାହା ସେମାନଙ୍କୁ ଏକ କୁଲ୍ ଲୁକ ଦେଇଥାଏ । ଏଥିରେ ହାତ, କାନ ଓ ବେକ ଆଦି ଅଙ୍ଗର ଗହଣା ସାମିଲ ରହିଛି ।**

**ବ୍ରେସ୍‌ଲେଟ୍–**ପୁଅପିଲାଙ୍କର ପସନ୍ଦ ତାଲିକାରେ ଏହା ସବୁଠାରୁ ଆଗରେ ରହିଥାଏ । ଏହା ସେମାନଙ୍କ ଆଉଟ୍‌ଫିଟ୍‌କୁ ଏକ ଡିଫରେଣ୍ଟ ଲୁକ୍ ଦେଇଥାଏ । ଏହାକୁ ରିଙ୍ଗ ଓ ନେକ୍‌ଲେସ୍ ସହିତ ମ୍ୟାଚ କରି ପିନ୍ଧା ଯାଇପାରିବ । ପ୍ଲାଟିନମ୍, ସୁନା, ରୁପା ଓ ହିରାର ବ୍ରେସଲେଟ୍ ରହିଛି । ଅନ୍ୟକେତେକ ଗ୍ୟାରେଣ୍ଟି ରହିଥିବା ବ୍ରେସଲେଟ୍ ମଧ୍ୟ ବଜାରରେ ମିଳିଥାଏ । ଏଗୁଡିକ ଖୁବ ସୁନ୍ଦର ହୋଇଥାଏ ।



**ରିଙ୍ଗ୍–** ସାଧାରଣତଃ ଝିଅପିଲାମାନେ ରିଙ୍ଗ୍ ବା ମୁଦି ପିନ୍ଧନ୍ତି । ହେଲେ ଆଜିକାଲି ପୁଅଙ୍କ ଫ୍ୟାଶନରେ ରିଙ୍ଗ୍ ବି ସାମିଲ ହେଲାଣି । ବର୍ତ୍ତମାନ ବିଭିନ୍ନ ଭେରାଇଟି ଆଉ ଷ୍ଟାଇଲର ରିଙ୍ଗ ମାର୍କେଟରେ ମିଳୁଛି । ଏହା ଆପଣ ନିଜ ପର୍ସନାଲିଟିକୁ ସୁଟ୍ କରିବା ଭଳି କିଣି ପାରିବେ । ସେହିଭଳି ଏଥିରେ କଷ୍ଟମାଇଜ୍ ରିଙ୍ଗ୍‌କୁ ମଧ୍ୟ ସାମିଲ କରିପାରିବେ । ଏହାକୁ ମଧ୍ୟ ବ୍ରେସଲେଟ୍ କିମ୍ବା ନେକ୍‌ଲେସ୍ ସହିତ ମ୍ୟାଚ କରି ପିନ୍ଧା ଯାଇପାରିବ ।

**ନେକଲେସ୍–** ସାଧାରଣତଃ ଝିଅ ବୋହୂମାନେ ନେକଲେସ୍ ବା ହାର ପିନ୍ଧିବାର ଦେଖିଥିବେ , କିନ୍ତୁ ଏବେ ଯୁଗ ବଦଳିଲାଣି । ପୁଅଙ୍କ ଫ୍ୟାଶନରେ ବି ଏହା ସାମିଲ ହେଲାଣି । ପୁଅମାନେ ଏବେ ରୁପା କିମ୍ବା ପ୍ଲାଟିନମ୍‌ର ନେକଲେସ୍ ପନ୍ଧୁଛନ୍ତି । ଏଥିରେ ଭେରାଇଟିର ଲକେଟ୍ ରହୁଛି । ଏଥିରେ କଷ୍ଟମାଇଜ୍ ଲକେଟ୍‌ର ଚାହିଦା ବେଶି ରହୁଛି । ଯାହାକୁ ସେମାନେ ପର୍ସନାଲିଟି ଓ ପସନ୍ଦ ହିସାବରେ କଷ୍ଟମାଇଜ୍ କରି ପିନ୍ଧୁଛନ୍ତି ।



**କଫ୍‌ଲିଙ୍କ୍ସ–** କଫ୍‌ଲିଙ୍କ୍ସକୁ ପୁଅଙ୍କର କ୍ଲାସିକାଲ ଜୁଏଲାରୀ ଭାବେ ସମ୍ବୋଧନ କରାଯାଏ । ଏହାକୁ ବିଜ୍‌ନେସ୍ ଡ୍ରେସ୍ ହେଉଁ କିମ୍ବା ଅକେଜନାଲ ଆଉଟ୍ ଫିଟ୍ ସବୁସହିତ ପିନ୍ଧା ଯାଇପାରିବ । ଏହାର ଅନ୍ୟନାମ କର୍ପୋରେଟ୍ ଜୁଏଲାରୀ ମଧ୍ୟ । ଏହାକୁ ଆଜିକାଲିର ଯୁବକମାନେ ଅଫିସ୍ ଠାରୁ ଆରମ୍ଭ କରି ସବୁ ଯାଗାରେ ପିନ୍ଧି ହେଉଛନ୍ତି ।


With Best Wishes From :
ଶାରଦୀୟ ଅଭିନନ୍ଦନ
REH
RAGHUPATTE
'ସମୟ'ର ୨୮ତମ ସ୍ୱନକ୍ଷତ୍ର ଓ ଦଶହରା ଅବସରରେ 'ସମୟ'ର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ କଟକବାସୀଙ୍କ ସୁଖ ସମୃଦ୍ଧି ପାଇଁ ଜଗତଜନନୀ ମା ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା ।
M/s RAGHUPATEE ESTATE & HOLDING PVT LTD.
CUTTACK, ODISHA
PRABHAT KUMAR NANDA
CHAIRMAN & MANAGING DIRECTOR
M/S RAGHUPATEE ESTATE & HOLDING PVT LTD


କାଲିଆତି/ପାର୍ସଲ ସ୍କାମ ପ୍ରତି
ସତର୍କ ରୁହନ୍ତୁ!
ଆରବିଆଇ/ବ୍ୟାଙ୍କ/ସରକାରୀ ଏଜେନ୍ସି/କୋରିୟର କମ୍ପାନୀ ଇତ୍ୟାଦି ଗୁଡ଼ିକର ଅଧିକାରୀଙ୍କ ନାମରେ ଆସୁଥିବା ସାଇବର ଅପରାଧୀମାନଙ୍କ ଅଡିଓ/ଭିଡିଓ କଲ ପ୍ରତି ସାବଧାନ ରୁହନ୍ତୁ, ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଧମକ ଦେଉଛନ୍ତି କିମ୍ବା ତୁରନ୍ତ ଟଙ୍କା ଟ୍ରାନ୍ସଫର କରିବା ପାଇଁ କହୁଛନ୍ତି କିମ୍ବା ଆପଣଙ୍କର ବ୍ୟାଙ୍କ ଖାତା କିମ୍ବା ଡେବିଟ/କ୍ରେଡିଟ କାର୍ଡକୁ ଫ୍ରିଜ୍ କିମ୍ବା ବ୍ଲକ୍ କରିଦେବାର ଭୟ ଦେଖାଉଛନ୍ତି ।
କ'ଣ କରିବେ ନାହିଁ
• ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ – ଠକମାନେ ଆପଣଙ୍କୁ ଫାନ୍ଦରେ ପକେଇ ପାରନ୍ତି
• ନିଜର କୌଣସି ବ୍ୟକ୍ତିଗତ/ଆର୍ଥିକ ସୂଚନା ଶେୟାର କରନ୍ତୁ ନାହିଁ
• ପେମେଣ୍ଟ କରିବା ପାଇଁ କୌଣସି ଅଜଣା ଲିଙ୍କରେ କ୍ଲିକ୍ କରନ୍ତୁ ନାହିଁ
କ'ଣ କରିବେ
• କଲ କରିବା ବ୍ୟକ୍ତି /ଅର୍ଥ ଅନୁରୋଧର ବାସ୍ତବିକତା ସର୍ବଦା ଯାଞ୍ଚ କରନ୍ତୁ
• cybercrime.gov.in ରେ ତତ୍କ୍ଷଣାତ ରିପୋର୍ଟ କରନ୍ତୁ କିମ୍ବା ସହାୟତା ପାଇଁ 1930 କୁ କଲ କରନ୍ତୁ
ଆରବିଆଇ କହେ...
ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !
ଅଧିକ ସୂଚନା ପାଇଁ,
https://rbikehtahai.rbi.org.in/fraud କୁ ଯାଆନ୍ତୁ
ମତାମତ ଦେବା ପାଇଁ,
rbikehtahai@rbi.org.in କୁ ଲେଖନ୍ତୁ
ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in


MINISTRY OF CORPORATE AFFAIRS
GOVERNMENT OF INDIA
ପିଏମ୍
ଇଣ୍ଟର୍ଣ୍ଣଶିପ
ଲର୍ଣ୍ଣ ଫ୍ରମ୍ ଦି ବେଷ୍ଟ
ପାଞ୍ଚ ବର୍ଷରେ ୧ କୋଟି ଯୁବକଙ୍କୁ
ଟପ 500
କମ୍ପାନୀରେ ୧୨ ମାସର ଇଣ୍ଟର୍ଣ୍ଣଶିପ୍
CBC 07101/13/0007/2425
ଟ. ୫୦୦୦ର
ମାସିକ ଇଣ୍ଟର୍ଣ୍ଣଶିପ୍ ରାଶି
ଟ. ୬୦୦୦ ର
ଏକକାଳୀନ ଅନୁଦାନ
୨୧ ରୁ ୨୪ ବର୍ଷ ର ଯୁବକଙ୍କ ପାଇଁ
ଅନେକ ସେକ୍ଟରରେ ଇଣ୍ଟର୍ଣ୍ଣଶିପ୍
ଅଧିକ ଜାଣିବା ପାଇଁ
ଯୋଗାଯୋଗ କରନ୍ତୁ - ୧୮୦୦ ୧୧୬୦୯୦ (ଟୋଲ ଫ୍ରି) । ପରିଦର୍ଶନ କରନ୍ତୁ - pminternship.mca.gov.in
ସ୍କାନ୍ କରନ୍ତୁ



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଗୋପବନ୍ଧୁ ଜୟନ୍ତୀ

କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ କର୍ମକର୍ତ୍ତା ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ସେବା ଓ ତ୍ୟାଗ ତଥା ଓଡିଆ ଅସ୍ମିତା ପାଇଁ ଗୋପବନ୍ଧୁ ଚିର ଅମର ଏବଂ ତାଙ୍କରି ଆଦର୍ଶରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେବାକୁ ଦିଗଦର୍ଶନ ଦେଇଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ନିର୍ଦ୍ଦେଶକ(ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ଡିନ୍ ଡ. ନୟନ ରଂଜନ ସାମଲ, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ପ୍ରାଧ୍ୟାପକ ବାବୁରାମ ନାୟକ,ଡ. ତୁଷାରକାନ୍ତ ସାମଲ, ଡା, ଦୁର୍ଗାପ୍ରସାଦ ମିଶ୍ର, ଡ. ଅଜିତ୍ କୁମାର ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ,ପଦ୍ମିନୀ କେୟାର ହସ୍‌ପିଟାଲର ଡାକ୍ତର, ମେଡିକାଲ କଲେଜର ବିଦ୍ୟାର୍ଥୀ, ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ତିନିଥର ନୋଟିସ ସତ୍ତ୍ୱେ ଜବାବ ରଖିଲେନି କଣ୍ଟାବାଞ୍ଜି ବିଧାୟକ
# ଏକ ତରଫା ଶୁଣାଣି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,(ସବ୍ୟୁ): ତିନତିନି ଥର ହାଇକୋର୍ଟରୁ ନୋଟିସ୍ ଗଲା । ଏହାସତ୍ତ୍ୱେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ଜବାବ ରଖୁଲେନି । ଫଳରେ ବଧହୋଇ ହାଇକୋର୍ଟ ଆଜି ଏହି ମାମଲାକୁ ଏକ ତରଫା ବା ଏକ୍ସ ପାର୍ଟି ଭାବେ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଫଳରେ ବିଧାୟକ ଶ୍ରୀ ବାଗ୍‌ଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି । ଗିରିରାଜ୍ ସିଂ ମାଝୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ନିର୍ଦ୍ଦେଶ ଦେଇଛନ୍ତି । ବିଜେପିରୁ ପ୍ରାର୍ଥୀ ହୋଇ ଜିତିଥିବା ବିଧାୟକ ଲକ୍ଷ୍ମଣ ବାଗ୍ ନିର୍ବାଚନ ସମୟରେ ସତ୍ୟପାଠରେ କେତେକ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ତାଙ୍କ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ବିଧାୟକ ପଦ ରଦ୍ଦ ଲାଗି ସେ ପ୍ରାର୍ଥନା କରିଥିଲେ । ପ୍ରଥମେ ହାଇକୋର୍ଟ ବିଧାୟକଙ୍କୁ ସ୍ପିଡ୍ ପୋଷ୍ଟ ଜରିଆରେ ଜବାବ ରଖୁବା ଲାଗି ନୋଟିସ୍ କରିଥିଲେ । କିନ୍ତୁ ଏହି ନୋଟିସ୍କୁ ସେ ଗ୍ରହଣ କଲେନାହିଁ । ପରେ ହାଇକୋର୍ଟ ବଲାଙ୍ଗୀର ଜିଲ୍ଲାଜଜ୍‌ଙ୍କ ଜରିଆରେ ମଧ୍ୟ ବିଧାୟକଙ୍କୁ ନୋଟିସ୍ ପଠାଇଥିଲେ । ଏହାକୁ ମଧ୍ୟ ସେ ଗ୍ରହଣ କଲେନାହିଁ । ଶେଷରେ ହାଇକୋର୍ଟ ରେଜେଷ୍ଟ୍ରି ଜରିଆରେ ଇମେଲ୍ କରି ଜବାବ ରଖିବାକୁ ଉଲ୍ଲେଖ କରିଥିଲେ । କିନ୍ତୁ ବିଧାୟକ ଶ୍ରୀ ବାଗ୍ ନା ଏହି ଇ-ମେଲର କୌଣସି ଜବାବ ରଖିଲେ ନା ଆଜି ଅଦାଲତରେ ତାଙ୍କ ଆଇନଜୀବୀଙ୍କ ଜରିଆରେ ପକ୍ଷ ରଖିଲେ । ଫଳରେ ହାଇକୋର୍ଟ ଆଜି ଏହି ମାମଲାକୁ ଏକ ତରଫା ଶୁଣାଣି କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ଆଇନଜୀବୀ କହିଛନ୍ତି ଯେ, ଏକତରଫା ଆଦେଶ ଫଳରେ ଏଣିକି କେବଳ ଆବେଦନକାରୀଙ୍କ ପକ୍ଷକୁ ଅଦାଲତ ଶୁଣିବେ । ବିଧାୟକଙ୍କୁ ଆଉ କହିବାର କିମ୍ବା ଜବାବ ରଖିବାର କୌଣସି ସୁଯୋଗ ଦିଆଯିବ ନାହିଁ । ଯାହା ବିଧାୟକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି ।

### ଦୁର୍ଗାପୂଜା ସୁରକ୍ଷାରେ
# ୬୩ ସେକ୍ସନ ଫୋର୍ସ, ଏକ ପ୍ଲାଟୁନ ବିଏସ୍ଏଫ୍



ଭୁବନେଶ୍ୱର, (ସବ୍ୟୁ) : ଦୁର୍ଗାପୂଜା ସୁରକ୍ଷା ପାଇଁ ବୁଧବାର ପୋଲିସ ସେବା ଭବନରେ ଭୁବନେଶ୍ୱରର ସମସ୍ତ ଥାନା ଅଫିସର, ଏସିପି ଓ ଅନ୍ୟାନ୍ୟ କେତେକ ଅଫିସରଙ୍କୁ ନେଇ ଏକ ବଡଧରଣର ବୈଠକ ହୋଇଥିଲା । ବୈଠକରେ ଦ୍ୱୈତନଗରୀର ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ ଅଧ୍ୟକ୍ଷତା କରୁଥିବା ବେଳେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର, ମୁଖ୍ୟାଳୟ ଡିସିପି ସୁରେଶ ପାତ୍ର ଓ ଟ୍ରାଫିକ୍ ଡିସିପି ତାପସ ଦାସ ମଞ୍ଚାସୀନ ଥିଲେ । ସୁରକ୍ଷାରେ ୬୩ ସେକ୍ସନ ଫୋର୍ସ ସାଙ୍ଗକୁ ଏକ ପ୍ଲାଟୁନ ବିଏସ୍ଏଫ୍ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି ।

ନିୟୋଜିତ ଫୋର୍ସ ଓ ଅଫିସରମାନେ ସୁରକ୍ଷା, ଟ୍ରାଫିକ୍ ଓ ଅପରାଧ ନିୟନ୍ତ୍ରଣ ଉପରେ ନଜର ରଖିବେ । ଏଥିସହ ମୁଖ୍ୟ ସମସ୍ୟା ପାର୍କିଂ ମ୍ୟାନେଜମେଣ୍ଟ ମଧ୍ୟ କରିବେ । ଶ୍ରଦ୍ଧାଳୁମାନେ କିପରି ସହଜରେ ଯାତାୟାତ କରିପାରିବେ, ସେଥିପ୍ରତି ସତର୍କ ନଜର ରଖିବାକୁ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ ପରାମର୍ଶ ଦେଇଥିଲେ । ପାଟ୍ରୋଲିଂ ବୃଦ୍ଧି କରାଯିବା ସହ ମୁଖ୍ୟ ସ୍ଥାନଗୁଡିକରେ ସିସିଟିଭି ଲଗାଯାଇଛି, ସେଥିପ୍ରତି ମଧ୍ୟ ନଜର ରଖିବେ । ନହରକଣ୍ଟା, ଝାରପଡା, ବରମୁଣ୍ଡା, କୋରଡକଣ୍ଟା, ବାଙ୍କୁଆଳ, ଗୋପାଳପୁର, କିସ୍ ରାସ୍ତା, ଭଗବାନପୁର, ଚନ୍ଦକା, ଶିମିଳିପାଟଣା (ମଝିସାହି ଛକ), ଛତାବର ଖେଳପଡିଆ, କପିଳପ୍ରସାଦ ଫୁଟବଲ ପଡିଆ, ଲକ୍ଷ୍ମୀସାଗର, ପାହାଳ, ଖଣ୍ଡଗିରି, ବଡଗଡ, ଇଙ୍ଫୋବାଲି, ଇଙ୍ଫୋସିଟି, ତମାଣ୍ଡୋ, ଚନ୍ଦକା, ଏୟାରଫିଲ୍ଡ ପ୍ରଭୃତି ୧୨ଟି ସ୍ଥାନରେ ହେଉଥିବା ରାବଣ ପୋଡି ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଦୁଇଜଣ ଡିସିପି, ଆଡିସନାଲ ଡିସିପି ୧୦, ଏସିପି ୨୨, ୨୪୫ ଅଫିସର, ଅନ୍ୟାନ୍ୟ ଅଫିସର ୬୫୭, ହୋମ୍‌ଗାର୍ଡ ୩୨୮, ଏକ ପ୍ଲାଟୁନ ବିଏସ୍ଏଫ୍, ୬୩ ସେକ୍ସନ ଫୋର୍ସ ପୂଜାରେ ମୁତୟନ ହେବେ । ସେହିପରି ରାବଣ ପୋଡିରେ ମଧ୍ୟ ଆଡିସନାଲ ଡିସିପି ୩ଜଣ, ଅଫିସର ୬୫ଜଣ, ଅନ୍ୟାନ୍ୟ ଅଫିସର ୨୦ ଓ ୨୦ ସେକ୍ସନ ଫୋର୍ସ ମୁତୟନ ରହିବେ । ବୁଧବାର ବୈଠକ ପୂର୍ବରୁ ଭୁବନେଶ୍ୱର ପୋଲିସ ଡିସିପି ପିନାକ ମିଶ୍ରଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଲୋକଙ୍କୁ ସତର୍କ କରାଇ ଦିଆଯାଇଛି । କୌଣସି ଅପ୍ରୀତିକର ପରିସ୍ଥିତି ଓ ଅପରାଧ ପ୍ରତି ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ । କାରଣ ଶ୍ରଦ୍ଧାଳୁମାନେ ପୂଜା ଓ ରାବଣ ପୋଡି ଶୃଙ୍ଖଳାର ସହ ଦର୍ଶନ କରି ଯେପରି ଘରକୁ ଫେରିବେ । ସେଥିପ୍ରତି କମିଶନରେଟ୍ ପୋଲିସ ଯତ୍ନବାନ ।

## ମହାନଦୀବିହାରରେ ସ୍ମାର୍ଟ ଅଲୋକୀକରଣ ଉଦ୍‌ଘାଟିତ



କଟକ, (ସ୍ୱପ୍ର) : ସ୍ଥାନୀୟ ୪୭ନଂ ୱାର୍ଡ ସ୍ଥିତ ଶିଖରପୁର ଅଣ୍ଡର ପାସ ଠାରୁ ମହାନଦୀବିହାର ଜଷ୍ଟିସ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ସ୍ମାର୍ଟ ଆଲୋକୀକରଣର ଉଦ୍‌ଘାଟନ ହୋଇଛି । ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସିଏମସି ପକ୍ଷରୁ ୩୦ଲକ୍ଷ ଟଙ୍କା ବ୍ୟୟରେ ଏହି ଆଲୋକୀକରଣ ବ୍ୟବସ୍ଥାକୁ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଫଳରେ ମହାନଦୀବିହର ଅଞ୍ଚଳ ନୂତନ ଆଲୋକମାଳାରେ ଝଲସି ଉଠିଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ମୂରବୀ ଶରତ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଇଂ ଗୋପାଳ କୃଷ୍ଣ ବେହେରା, ରବୀନ୍ଦ୍ର ନାଥ ମହାନ୍ତି, ସମାଜସେବୀ ସଞ୍ଜୟ ଜେନା, ହିମାଂଶୁ ଷଢଙ୍ଗୀ, ଚର୍ତୃଭୂଜ ମହାପାତ୍ର, ଜୟନ୍ତ କୁମାର ପ୍ରଧାନ, ଇଂ ଆଶିଷ ସ୍ୱାଇଁ, ମହିଳା ସମିତିର ସଭାପତି ନମିତା ଦାସ, ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀଙ୍କ ସମେତ ବହୁ ସଂଖ୍ୟାରେ ମୂରବୀ, ମହିଳା, ଯୁବ ଓ ଛାତ୍ର ମାନେ ଉପସ୍ଥିତ ଥିଲେ ।

## ନବମୀରେ ଦଶହରା ମଣ୍ଡପ ବୁଲିବେ ମୁଖ୍ୟମନ୍ତ୍ରୀ

କଟକ,(ସବ୍ୟୁ): ପ୍ରତିବର୍ଷ କଟକ ସହରରେ ଦୁର୍ଗା ପୂଜା ବଡ ଧୁମ୍ ଧାମରେ ହୋଇଥାଏ । ଚଳିତ ବର୍ଷ ପୂଜା ଅବସରରେ ମୁଖ୍ୟମନ୍ତ୍ରୀ କଟକ ସହରର ପୂଜା ମଣ୍ଡପ ବୁଲିଯିବାକୁ କଟକ ନଗର ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱ ରେ ନଗର ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ନିମନ୍ତ୍ରଣ କରାଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ସମୀର ଦେ , ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଓ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି କଟକ ପୂଜା ମଣ୍ଡପ ବୁଲିଯିବାକୁ ନିମନ୍ତ୍ରଣ ଜଣାଇଛନ୍ତି । ଆସନ୍ତା ୧୨ ତାରିଖ , ଶନିବାର ନବମୀ ତିଥିରେ ମୁଖ୍ୟମନ୍ତ୍ରୀ କଟକ ସହରର ପୂଜା ମଣ୍ଡପ ବୁଲି ଯିବାକୁ ପ୍ରତିଶୃତି ଦେଇଛନ୍ତି ।

# କାଦମ୍ବିନୀର ଶାରଦୀୟ ବନ୍ଧୁ ମିଳନ



ଭୁବନେଶ୍ୱର,(ସବ୍ୟୁ): ଲୋକପ୍ରିୟ ମାସିକ ପାରିବାରିକ ପତ୍ରିକା ‘କାଦମ୍ବିନୀ’ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ କିସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟ, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରୁ ୫ଶହରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ‘କାଦମ୍ବିନୀ’ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଲେ, କାଦମ୍ବିନୀ ପ୍ରତିବର୍ଷ କବି ଓ ସାହିତ୍ୟିକଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କରିଥାଏ । ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ଉନ୍ନତି ଦିଗରେ ‘କାଦମ୍ବିନୀ’ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ବୋଲି ସେ କହିଥିଲେ । ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ, କବି ଓ ଗାଳ୍ପିକ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ, ବିଶିଷ୍ଟ ବାଗ୍ମୀ, ସୁବକ୍ତା, ଧର୍ମଶାସ୍ତ୍ର ବିଶାରଦ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା କୃଷ୍ଣ କେଶବ ଷଡ଼ଙ୍ଗୀ, ପାଲା ଗାୟିକା ପ୍ରଜ୍ଞା ରାଉତ ଓ ଶିକ୍ଷାବିତ ଡ. ପ୍ରିତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଅଧ୍ୟାତ୍ମ୍ୟ ଉପରେ ବିଷଦ ଆଲୋଚନା କରିଥିଲେ । ସେଥି ସହ ଏହିସବୁ କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଭୂମିକା ରହିଥିବା ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।

ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ଶାରଦୀୟ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । ଏଥିରେ ପ୍ରଚ୍ଛଦପଟରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଡ. ଇତିରାଣୀ ସାମନ୍ତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ।

## ଦୁର୍ଗା ପୂଜା ଅବସରରେ ରାଜ୍ୟ ବାସୀଙ୍କୁ ବିରୋଧୀ ଦଳ ନେତାଙ୍କ ଶୁଭେଚ୍ଛା

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ଦୁର୍ଗାପୂଜା ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡିଶା ବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି । ମାତୃଶକ୍ତି ଆରାଧନା ର ଏ ମହାନ ପର୍ବ ଆମ ଆଧ୍ୟାତ୍ମିକ ସଂସ୍କୃତିକୁ ଗରୀୟାନ କରିଛି ଆଦ୍ୟାଶକ୍ତିଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ସୁଖ ଶାନ୍ତି ଓ ସମୃଦ୍ଧିରେ ଭରି ଦେଉ ବୋଲି ଶ୍ରୀ ପଟ୍ଟନାୟକ କାମନା କରିଛନ୍ତି ।

## ଫାଟିଲା ଏୟାର ପ୍ରେସର ଟାଙ୍କି: ଦୋକାନ ମାଲିକ ମୃତ, ଦୁଇ ଗୁରୁତର



ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧାସଦର ଥାନା ଦଧିମା ଗାଡିଆ ଠାରେ ଅଭାବନୀୟ ଘଟଣା ଘଟିଛି । ଗାଡିରେ ପମ୍ପ ଦେବା ବେଳେ ଫାଟିଲା ଏୟାର ପ୍ରେସର ଟାଙ୍କି । ଘଟଣାସ୍ଥଳରେ ଦୋକାନ ମାଲିକଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତି ହୋଇଛନ୍ତି । ମୃତକ ହେଲେ କଦଳିବାଡିରେ ରହୁଥିବା ନବ କିଶୋର ବରାଡ (୫୫) । ଆହତ ଦ୍ୱୟ ହେଲେ ଗାଡିର ଡ୍ରାଇଭର ଜଙ୍କଆ ଥାନା ଛତ୍ରପଡା ର ଦେବାଶିଷ ମାନସିଂ ଓ ଦୀପକ ମାନସିଂ ।

ସୂଚନା ଅନୁସାରେ ମାଆ ଭଗବତୀ ଟାୟାର ପ୍ରେସର ନାମକ ଦୋକାନରେ ସକାଳୁ ଟାୟାର ପ୍ରେସର୍ ଦେଉଥିବା ବେଳେ କୌଣସି କାରଣରୁ ସକାଳ ପ୍ରାୟ ୭.୩୦ରେ ଟାଙ୍କି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣଟି ଏତେ ଭୟଙ୍କର ଥିଲା ଯେ ଏଥିରେ ଦୋକାନ ମାଲିକ ନବକିଶୋର ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେଠାରେ ଉପସ୍ଥିତ ଥିବା ଦୁଇଜଣ ଗାଡି ଡ୍ରାଇଭର ଏଥିରେ ଆହତ ହୋଇଥିବାବେଳେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଁଚି ଅଧିକ ତଦନ୍ତ ଆରମ୍ଭ କରିଛି । ଏନେଇ ପୁଲିସ ୨୪୩/୨୪ରେ ଏକ ମାମଲା ରୁଜୁ କରି ନବକିଶୋରଙ୍କ ଖଣ୍ଡବିଖଣ୍ଡିତ ଶରୀର କୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି ।

## ଆଲମଣ୍ଡର ପୌଷ୍ଟିକତା ସହିତ ନବରାତ୍ରୀ

ଭୁବନେଶ୍ୱର,(ସବ୍ୟୁ): ଭାରତର ଦୀପ୍ତିମାନ ପର୍ବ ମଧ୍ୟରୁ ଅନ୍ୟତମ, ନବରାତ୍ରୀକୁ ବେଶ ଆନନ୍ଦ ଏବଂ ଉତ୍ସାହରେ ପାଳନ କରାଯାଇଥାଏ । ଅବଶ୍ୟ, ଅଧିକାଂଶ ଉତ୍ସବମୟ ଖାଦ୍ୟରେ ଓଜନ ବୃଦ୍ଧି, ମଧୁମେହ ଏବଂ ହୃଦୟ ସମ୍ବନ୍ଧୀୟ ସଙ୍କଟକୁ ବଢାଉଥିବା ଚିନି, ଚର୍ବି ଏବଂ ଶ୍ୱେତସାର ଅଧିକ ଥାଏ । ତେଣୁ ଆହାରରେ ତାଜା ଫଳ, ପନିପରିବା, ଏବଂ ଆଲମଣ୍ଡ ଭଳି ନଟ୍ସ ଆଦି ସ୍ୱାସ୍ଥ୍ୟକର ଉପାଦାନକୁ ଅନ୍ତର୍ଭୁକ୍ତ କରିବା ଉତ୍ସବର ମଜା ସହିତ ସ୍ୱାସ୍ଥ୍ୟକୁ ସନ୍ତୁଳିତ କରିବାର ଏକ ସରଳ କିନ୍ତୁ ତଥାପି ଏକ ପ୍ରଭାବଶାଳୀ ଉପାୟ । ନବରାତ୍ରୀ ଏଭଳି ଏକ ସମୟ ଯେତେ ବେଳେ ଅନେକେ କରୁଥିବା ଉପବାସ କିମ୍ବା ଗ୍ରହଣ କରୁଥିବା ଶାକାହାରୀ ଖାଦ୍ୟ ଯୋଜନାରେ ଆଲମଣ୍ଡକୁ ଯୋଗ କରିବା ଉତମ ହୋଇଥାଏ କାରଣ ଏଗୁଡିକ ଗ୍ଲୁଟେନ ମୁକ୍ତ ଅଟନ୍ତି । ଶାକାହାରୀ ଆହାର ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଭିଦ ଭିତିକ ପ୍ରୋଟିନ ଏବଂ ୧୫ଟି ଜରୁରୀ ପୋଷକ ତତ୍ତ୍ୱରେ ଭରପୂର ଆଲମଣ୍ଡ ମଧ୍ୟ ଅତ୍ୟନ୍ତ ଉପଯୋଗୀ । ନବରାତ୍ରୀ ସ୍ୱତନ୍ତ୍ର ଭୋଜନରେ ଆଲମଣ୍ଡ ମିଶାଇବା କେବଳ ସ୍ୱାଦ ଏବଂ କୁରକୁରା ପଣକୁ ବଢାଇନଥାଏ ବରଂ ଅନେକ ସ୍ୱାସ୍ଥ୍ୟ ଲାଭ ମଧ୍ୟ ପ୍ରଦାନ କରିଥାଏ । ଏବଂ ଏକ ସୁ-ସ୍ତୁଳିତ ଆହାରର ଅଂଶ ଭାବରେ ଅ’ର୍ଭୁକ୍ତ ଆଲମଣ୍ଡ ଏଲଡିଏଲ ଏବଂ ମୋଟ କଲେଷ୍ଟ୍ରଲ ସ୍ତରକୁ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟକୁ ସମର୍ଥନ କରେ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାର୍ଯ୍ୟ କରେ ।

# ୪୦ଗ୍ରାମ ବ୍ରାଉନସୁଗର ଜବତ ୨ଗିରଫ



ଖୋର୍ଦ୍ଧା,(ସବ୍ୟୁ): ଶିଜ୍ଞା ଥାନା ପୁଲିସ ବରୁଣେଇ ନିକଟ ଗଡଖାର୍ଦ୍ଧା ୱାଇ ରୋଡ ଠାରୁ ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ଆଦର୍ଶଥାନା ଅନ୍ତର୍ଗତ ଲୋକେଶ୍ୱରପୁର ର ଅନୀଲ ରାୟ(୨୮) ଏବଂ ବୌଦ ର ଆଦର୍ଶଥାନା ଜେମାଦେଇ ହାଉସିଂବୋର୍ଡ କଲୋନୀରେ ରହୁଥିବା ଆକାଶ ସେଠୀ (୨୧) ବୋଲି ଏସପି ସାଗରିକା ନାଥ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବୁଧବାର ମଧ୍ୟାହ୍ନରେ ବେଳେ ଗଡଖାର୍ଦ୍ଧା ୱାଇ ରୋଡ ଠାରେ ବ୍ରାଉନସୁଗର ବେପାର ହେବା ଖବର ପାଇ ପୁଲିସ ଚଢାଉ କରିଥିଲା । ଚଢାଉ ବେଳେ ସେମାନଙ୍କ ଠାରୁ ୪୦ଗ୍ରାମ ବ୍ରାଉନସୁଗର ସମେତ ୪ଟା ମୋବାଇଲ ଫୋନ, ନଗଦ ୬ହଜାର ଟଙ୍କା, ଦୁଇଟି ମୋଟରସାଇକେଲକୁ ପୁଲିସ ଜବତ କରିଛି । ଖୋର୍ଦ୍ଧା ଜିଲ୍ଲାରେ ଆଣ୍ଟିଂ ନାରକୋଟିକ୍ସ ଟ୍ୟାକ୍ସ ଫୋର୍ସ ଡିଏସପି ଅନୀଲ ମହାନ୍ତି ଓ ଯୁଗୋଳ ମଲିକଙ୍କ ନେତୃତ୍ୱରେ ଗଠନ ହୋଇଛି । ଏହି ଟିମକୁ ଜନସାଧାରଣ ଯେଉଁଠାରେ ନିଶା କାରବାର ହେଉଛି ସେ ସମ୍ପର୍କରେ ଖବର କରିବେ । ସେ ନେଇ ହେଲପଲାଇନ ନଂ- ୯୪୩୮୯୧୬୫୧୭ ବୋଲି ଏସପି କହିଥିଲେ । ଏହି ଟିମ ଯୋଗୁ ଆଜି ଶିଜ୍ଞାଞ୍ଚଳ ପୁଲିସ ଏ ସଫଳତା ପାଇଛି ବୋଲି ଏସପି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅନୀଲ ମହାନ୍ତି, ଆଇଆଇସି ଗାୟତ୍ରୀ ମିଶ୍ର, ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଆରମ୍ଭ ହେଲା ହାଇକୋର୍ଟର ଦଶହରା ଅବକାଶ,୨୧ରେ ଖୋଲିବ

କଟକ,(ସବ୍ୟୁ): ଦଶହରା ଅବକାଶ ପୂର୍ବରୁ ବୁଧବାର ହାଇକୋର୍ଟର ଥିଲା ଶେଷ କାର୍ଯ୍ୟ ଦିବସ । ଗୁରୁବାରଠାରୁ ଦଶହରା ଅବକାଶ ଆରମ୍ଭ ହେବ । ୨୦ ତାରିଖ ପର୍ଯ୍ୟନ୍ତ ଅଦାଲତ ବନ୍ଦ ରହିବ । ୨୧ ତାରିଖରେ ଅଦାଲତ ପୂର୍ବଭଳି କାର୍ଯ୍ୟ ଆରମ୍ଭ କରିବ । ଏହି ସମୟ ମଧ୍ୟରେ କେବଳ ୧୮ ତାରିଖରେ ଅବକାଶ କାଳୀନ ଅଦାଲତ-ବସିବ । ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଭିନ୍ନ ଜରୁରୀକାଳୀନ ମାମଲାର ଶୁଣାଣି ହେବ । ଉଭୟ ମଧ୍ୟ ପୃଥକ ଭାବେ ଆଉ କେତେକ ମାମଲାର ଶୁଣାଣି କରିବେ । ତେବେ ୧୪, ୧୫, ୧୭ ଏବଂ ୧୮ ତାରିଖରେ କୋର୍ଟ ଅଫିସ୍ କାର୍ଯ୍ୟ କରିବ । ସେହିଦିନ ଗୁଡ଼ିକରେ ଜରୁରୀକାଳୀନ ମାମଲା ରୁଜୁ କରାଯାଇ ପାରିବ ବୋଲି ହାଇକୋର୍ଟ ରେଜେଷ୍ଟ୍ରର ଜୁଡିସିଆଲଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଏହା କୁହାଯାଇଛି ।

# ପିଟରଇଂଲଣ୍ଡର ନୂତନ ଫ୍ଲାଗସିପ୍ ଷ୍ଟୋର




ଭୁବନେଶ୍ୱର,(ସବ୍ୟୁ): ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡ ପକ୍ଷରୁ ଭାରତର ଅଗ୍ରଣୀ ପୁରୁଷ ପରିଧାନ ବ୍ରାଣ୍ଡ୍ ପିଟର ଇଂଲଣ୍ଡ ଓଡ଼ିଶାରେ ତାହାର ନବୀନତମ ଫ୍ଲାଗସିପ୍ ଷ୍ଟୋର ଉନ୍ମୋଚନ ସହିତ ପୂର୍ବ ଭାରତରେ ନିଜର ଉପସ୍ଥିତି ସମ୍ପ୍ରସାରଣ କରିଛି । ଖାରବେଳନଗର, ଭୁବନେଶ୍ୱରଠାରେ ଅବସ୍ଥିତ ୧୭୦୦ ବର୍ଗଫୁଟର ଏହି ଷ୍ଟୋର ଓଡ଼ିଶାରେ ଫ୍ୟାଶନରେ ଆଗୁଆ ରହିଥିବା ପୁରୁଷମାନଙ୍କ ପାଇଁ ଏକ ଧାରା ସୃଷ୍ଟି କରିବା ସହିତ ସେମାନଙ୍କୁ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରୁଛି।

ଓଡ଼ିଶା ବଜାର ଉଚ୍ଚ ମାନର, ସୁଲଭ ପୁରୁଷ ପରିଧାନ ନିମନ୍ତେ ଏକ ବର୍ଦ୍ଧିତ ଚାହିଦା ଲକ୍ଷ୍ୟ କରିଛି । ଫ୍ଲାଗସିପ୍ ଷ୍ଟୋର ଉଦ୍‌ଘାଟନ ସହିତ ପିଟର ଇଂଲଣ୍ଡ ତାହାର ଫ୍ୟାଶନ ସମ୍ଭାରକୁ ଓଡ଼ିଶାରେ ଗ୍ରାହକଙ୍କ ନିକଟତର କରିବା ଲକ୍ଷ୍ୟ ରଖିଛି, ଯାହା ଭାରତୀୟ ପୁରୁଷ ପରିଧାନ ବର୍ଗରେ ଏହାର ନେତୃତ୍ୱକୁ ପୁନଃମଜଭୁତ କରୁଛି । ଏହି ଷ୍ଟୋରରେ ପିଟର ଇଂଲଣ୍ଡର ସର୍ବୋମ ଅଧୁନା ଉତ୍ପାଦଗୁଡିକ ପ୍ରଦର୍ଶିତ ହେବ । ଯେଉଁଥିରେ ସମସ୍ତଙ୍କୁ ଆକୃଷ୍ଟ କରୁଥିବା ଜେଲମ୍ୟାନ୍‌ସ୍ ଲିଗ କଲେକ୍ସନ ଅନ୍ତର୍ଭୁକ୍ତ ।ଏଥିସହିତ ଗ୍ରାହକମାନେ ଜୋଡିଆକ୍ କଲେକ୍ସନ ମଧ୍ୟ ଅନ୍ୱେଷଣ କରିପାରିବେ ।

## ଇନ୍ଦ୍ରାଣୀପାଟଣା ସରପଞ୍ଚଙ୍କ ପ୍ରତିନିଧି ବିଜେଡ଼ିରେ

ଚୌଦ୍ୱାର,(ସବ୍ୟୁ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ନମିତା ମଲ୍ଲିକଙ୍କ ସ୍ୱାମୀ ବିନୟ ମଲ୍ଲିକ ନିଜର ସମର୍ଥକମାନଙ୍କ ସହ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବିଜେଡ଼ିରେ ଯୋଗଦାନ କରିବା ଘଟଣାକୁ ନେଇ ରାଜନୈତିକ ମହଲରେ ଉଷ୍ମତା ଜୋର ଧରିଛି । ସୂଚନାଥାଉକି, ଗତ ପଞ୍ଚାୟତ ନିର୍ବାଚନରେ ସରପଂଚ ପ୍ରାର୍ଥୀନୀ ଭାବେ ଶ୍ରୀମତୀ ମଲ୍ଲିକ ବିଜେପି ଦଳରୁ ଟିକେଟ୍ ପାଇ ବିଜୟ ଲାଭ କରିଥିବା ବେଳେ ତାଙ୍କ ସ୍ୱାମୀ ବିନୟ ମଲ୍ଲିକ୍ ସରପଞ୍ଚଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଆସୁଥିଲେ ।



CUTTACK WALA
BINOD TEXTILES
Free gift on every purchase brand Cello, Milton & American Tourister suitcase
Offer valid for Fancy Saree, Readymade Items & Kidswear
Indias favorite seasonal brand now available only at Binod Textiles
LIMITED PERIOD OFFER
OFFERS STARTS FROM Rs. 2000/-
73, Budhanagar, Kalpana Square, Bhubaneswar-751006
M : 9438023000, 9861110976




HAPPY
DURGA PUJA
MAA
KHANDESWARI MOTORS
Used Car Sale and Purchase
HANSPAL CHHAK, BHUBANESWAR
M : 9439779688, 9776059944




Happy Durga Puja
SNR
S N R STEELS
Deals in : Iron Steels, All Fabricator Materials, Rolling Sutter Patti, M.S. Pipe, G.I. Pipe
Plot No. : 411, Uttara Chhak, Puri Road
Bhubaneswar-751002
M : 8093885278, 6370230310




Happy Durga Puja
NEW GLASS CENTRE
Specialist in Glazing Glass
ETCHING
ACID ETCHING
STAINING
AIRBRUSHING
CLUSTER
HIGH POLISH
BEVELING
MOULDING
Deals in :
Glass, Mirror, Plywood, Plastic Glass & Automobile Glasses
20 OldStation Square, Bhubaneswar
M : 9777420481, 9937832824




Happy Durga Puja
Lalu Automobiles
A Complete Multi Brand Car Workshop
Mahindra
HYUNDAI
Ford
TOYOTA
Backside of KCA Ground, Khandagiri, Bhubaneswar
E-mail : sethis072@gmail.com
Mobile : 9437281259, 6371090917




KONARK
MOTORS
Plot No. : 182, Inside Puri Canal NH-5, Hanspal, Bhubaneswar-752101
Contact : 9437449439, 9937876949




Happy Durga Puja
PK AUTO DEALS PVT. LTD
Used Car Sale and Purchase
Plot No.- 799/1340/3061, Sum Hospital Old Road
P.o- Ghatikia, P.s- Khandagiri, www.pkautodeals.com
Mob: 9178107818, 9937778444




SWACHH SURVEKSHAN 2024
ବର୍ଜ୍ୟରୁ କଳାକୃତି
ଆସନ୍ତୁ ବର୍ଜ୍ୟମୁକ୍ତ
ଭୁବନେଶ୍ୱର ଗଢ଼ିବା
ପରିମଳ ଓ ପ୍ରଗତିକୁ ଆଗେଇ
ନେଇ ଭୁବନେଶ୍ୱରକୁ ଶୀର୍ଷରେ
ରଖିବାପାଇଁ ମିଳିତ ପ୍ରୟାସ
ଭୁବନେଶ୍ୱର ମହାନଗର ନିଗମ




କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର
"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ
ଫସଲ ପାଇଁ ସୁରକ୍ଷାର ବରଦାନ,
ପଲିସି ହାତରେ ପାଇଲା କୃଷକ
ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ
ଫସଲ ବୀମା ପଲିସୀ
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ
19.67 କୋଟି ଚାଷୀ ଭାଇ-ଭଉଣୀଙ୍କୁ ବର୍ତ୍ତମାନ ସୁଦ୍ଧା ମିଳିଛି ଫସଲ ବୀମାର ଲାଭ
₹1.65 ଲକ୍ଷ କୋଟି ଟଙ୍କାର ଦାବି ଚାଷୀମାନଙ୍କୁ ପଇଠ କରାଯାଇଛି
70 କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି
ଦେଶବ୍ୟାପୀ ହେଲ୍ପଲାଇନ୍ 14447
ମୋ ପଲିସୀ ମୋ ହାତରେ
ମହା ଅଭିଯାନ
01 ଅକ୍ଟୋବର - 31 ଅକ୍ଟୋବର 2024
ଆପଣଙ୍କ ଗାଁରେ ହେଉଥିବା ଶିବିରରେ ଏହି ବିଷୟ ଉପରେ ସୂଚନା ପାଆନ୍ତୁ:
• ବୀମା ପଲିସୀ, ସରକାରୀ ନୀତି, ଭୂମି ଅଭିଲେଖ ଏବଂ ଦାବି ଓ ଅଭିଯୋଗ ନିବାରଣ
• ଚାଷୀଙ୍କ ପ୍ରଶିକ୍ଷଣ ପାଇଁ ଫସଲ ବୀମା ପାଠଶାଳା
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା
ବୀମା ଅଂଶୀଦାରୀ
AIC
Chola MS
FUTURE GENERALI
ICICI Lombard
Kshema
Oriental Insurance
RELIANCE GENERAL INSURANCE
SBI general
Universal Sompo General Insurance
ଯୋଜନା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ
ଜନସେବା କେନ୍ଦ୍ର
କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com
ପୋଷ୍ଟ ଅଫିସ
ବ୍ୟାଙ୍କ ଶାଖା
@PMFBY
ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

## କୋରମ୍ ଅଭାବରୁ କାଟ ଖାଇଲା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା



ପୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିକୃଷ୍ଣ ମେହେରଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ବୁଧବାର କୋରମ ଅଭାବରୁ କାଟ ଖାଇଲା । ଫଳରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମେହେର ନିଜର ଅବଶିଷ୍ଟ ବର୍ଷ ପାଇଁ ଅଧ୍ୟକ୍ଷ ପଦ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଟିଟିଲାଗଡ ଉପଜିଲ୍ଲାପାଳ ରେହାନ୍ ଖେତ୍ରିଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକରେ ପୁରିବାହାଲ ତହସିଲଦାର ଜଗଦୀଶ କର୍ମୀ ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଓ ଅତିରିକ୍ତ ତହସିଲଦାର ଖଦାକ ପାତ୍ର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଭୋଟ ଦେବାକୁ ଥିବା ମୋଟ ୪୫ଜଣ ସଦସ୍ୟଙ୍କ ମଧ୍ୟରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ଲକ ଅଧ୍ୟକ୍ଷଙ୍କ ସହ କେବଳ ୬ଜଣ ସଦସ୍ୟ ହିଁ ଉପସ୍ଥିତ ଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ହରିକୃଷ୍ଣ ମେହେର, ହଳଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦ, ପତ୍ରାପାଲି(କ) ସମିତି ସଭ୍ୟ ସନ୍ନ୍ୟାସୀ ପୁଟେଲ, ଲଖନା ସମିତି ସଭ୍ୟ ଭୀମସେନ ବାଗ, ପୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଡଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁର ଓ ବାନ୍ଧୁପଲା ସରପଞ୍ଚ ପ୍ରତିନିଧି ପ୍ରଧାନ ହିଁ ଉପସ୍ଥିତ ଥିଲେ । ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ନିଜେ ଉପାଧ୍ୟକ୍ଷ ଯାଜ୍ଞସେନୀ ହାତୀ ମଧ୍ୟ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଫଳରେ ଆବଶ୍ୟକ କୋରମ ଅଭାବରୁ ଭୋଟଗ୍ରହଣ ହୋଇନପାରି ଅନାସ୍ଥା ପ୍ରସ୍ତାବଟି କାଟ ଖାଇଯାଇଥିଲା । ଏ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଉପଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବ ବୋଲି ତହସିଲଦାର ତଥା ପ୍ରିଜାଇଡିଂ ଅଫିସର ଜଗଦୀଶ କର୍ମୀ ପ୍ରକାଶ କରିଛନ୍ତି । ବୈଠକରେ ବିଡ଼ିଓ ପୂର୍ଣ୍ଣାନନ୍ଦ ପଟେଲ, ବିଭ ଅଧିକାରୀ ଘେନୁରାମ ତାଣ୍ଡି ଓ ଜିପିଡିଓ ଗଙ୍ଗାଧର ଛତର ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ, ପୁରିବାହାଲ ଥାନା ଆଇଆଇସି ବିପୋରା ସରାୟ ଲୁଗୁନ, କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା ଓ ବଙ୍ଗୋମୁଣ୍ଡା ଆଇଆଇସି ସଞ୍ଜୀବ କୁମାର ପଧାନଙ୍କ ସହ ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

# ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଏସପିଙ୍କୁ ଅଭିଯୋଗ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖଣ୍ଡହଡା ଗ୍ରାମର ସନ୍ତୋଷ ସାହୁ ଗତ ୧ ତାରିଖ ଆତ୍ମହତ୍ୟା କରିଥିଲେ। ପୁରୁଣାକଟକ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାର ୫ ଦିନ ପରେ ମୃତକ ସନ୍ତୋଷର ପତ୍ନୀ ପଙ୍କଜିନୀ ସାହୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ ସମ୍ପତ୍ତି ହଡପ ପାଇଁ ତାଙ୍କୁ ଚକ୍ରାନ୍ତ କରି ହତ୍ୟା କରାଯାଇଥିବା ନେଇ ବୌଦ୍ଧ ଏସପିଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନା ମୁତାବକ ପଙ୍କଜିନୀଙ୍କ ଅଭିଯୋଗ ଅନୁଯାୟୀ ସେ ସନ୍ତୋଷ ସାହୁଙ୍କୁ ବଲାଙ୍ଗିର ଜିଲ୍ଲା ପଥରଚେପା ଶିବ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ସନ୍ତୋଷ ଅନ୍ୟ ଜଣେ ବିବାହିତ ମହିଳାଙ୍କ ସହିତ ସଂପର୍କ ରଖି ଘରଜ,ଜମିବାଡି ଏବଂ ଗୋଠାବାଡି ଆଦି ସଂପୃକ୍ତ ମହିଳା ତାଙ୍କ ନାମରେ କରାଇ ନେଇଛନ୍ତି। ପୂର୍ବରୁ ସଂପୃକ୍ତ ମହିଳା ପଙ୍କଜିନୀଙ୍କ ଘରକୁ ଆସି ଗ୍ୟାସ ନିଆଁରେ ପୋଡି ତାଙ୍କୁ ମାରିବାକୁ ଉଦ୍ୟମ କରିବା ସହିତ ତାଙ୍କ ସ୍ୱାମୀଙ୍କୁ ଶିଖାଇ ତାଙ୍କୁ ଘରୁ ବାପଘରକୁ ତଡି ଦେଇଥିଲେ। ଗତ ୧ ତାରିଖ ଦିନ ସଂପୃକ୍ତ ମହିଳା , ତାଙ୍କ ସ୍ୱାମୀ ,ପୁଅ ଓ ଝିଅ ମିଶି ତାଙ୍କ ସ୍ୱାମୀଙ୍କୁ ପ୍ରବଳ ମାଡ ମାରିବା ସହିତ ହତ୍ୟା କରିଥିବା ନେଇ ପଙ୍କଜିନୀ ବୌଦ୍ଧ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ଅପମୃତ୍ୟୁ ଭାବରେ ଗ୍ରହଣ ନକରି ହତ୍ୟା ମାମଲାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଥିବା ଜଣାଯାଇଛି। ତେବେ ଏ ସଂପର୍କରେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାଶଙ୍କୁ ପଚାରିବାରେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ମହିଷା ମର୍ଦ୍ଦନୀ ଗୀତିନାଟ୍ୟ ପାଇଁ ପ୍ରସ୍ତୁତି

## ମହିଷାସୁର ଭୂମିକାରେ ଡା. ରୁଦ୍ରନାରାୟଣ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜଗନ୍ନାଥପଡା ଶାରଦୀୟ ଦୁର୍ଗାପୂଜା ଅବସରରେ ସର୍ବ ପୁରାତନ ରାମଜୀ ନାଟକ ସଂସଦ କଳାକାରଙ୍କୁ ନେଇ ୧୧ ତାରିଖ ଶୁକ୍ରବାର ଅଷ୍ଟମୀ ପୂଜା ଜଗନ୍ନାଥ ମନ୍ଦିର ପରିସରରେ ଗୀତିନାଟ୍ୟ ମହିଷା ମର୍ଦ୍ଦନୀ ଅନୁଷ୍ଠିତ ହେବ । ଗୁରୁଶ୍ରୀ ବାଳମୁକୁନ୍ଦ ବେହେରାଙ୍କ ନିର୍ଦ୍ଦେଶନାରେ କଳାକାର ଚୟନ ହୋଇଥିବା ବେଳେ ଡା. ରୁଦ୍ର ନାରାୟଣ ପଟେଲ ମହିଷାସୁର ଭୂମିକାରେ ଅବତୀର୍ଣ୍ଣ ହେବେ । ମା' ଦୁର୍ଗାଙ୍କ ଭୂମିକାରେ ମାନସ ସାହୁ ଏବଂ ବିଭିନ୍ନ ଭୂମିକାରେ ପଡାବାସୀଙ୍କ କଳାକାରଙ୍କୁ ନେଇ ମାଉସୀ ମା' ମନ୍ଦିର ଦିର୍ଘ ଏକମାସ ହେଲା ଅଭ୍ୟାସ ଚଳାଇଛନ୍ତି । ଦୁର୍ଗାପୂଜାକୁ ନେଇ ଦୀର୍ଘ ୩୩ ବର୍ଷ ପୂର୍ତ୍ତି ଅବସରରେ ଜଗନ୍ନାଥପଡା ଏହି ନାଟକ ଆୟୋଜନ କରିବ । ପୂର୍ବରୁ ଏହି ସଂସଦରୁ ରାମଲୀଳା ଓ ଗୀତୀ ନାଟକ ସାବିତ୍ରୀ ସତ୍ୟବାନ ନାଟକ ଅନୁଷ୍ଠିତ ହୋଇଥିଲା । କମିଟିର ସଭାପତି ବାସୁଦେବ ବେହେରା ଏନେଇ ସୂଚନା ପ୍ରଦାନ କରିଛନ୍ତି ।

# ନକଲି ଡ଼ାକ୍ତର ବିଦ୍ୟୁତ ବିଶ୍ୱାସ ଗିରଫ



ସଇଁତଲା,(ସବ୍ୟୁ): ସଇଁତଲା ଥାନା ଟିକ୍ରାପଡ଼ାରେ ୧୫ ବର୍ଷରୁ ଉର୍ଦ୍ଧ ଧରି ବେଆଇନ ଭାବେ କ୍ଲିନିକ ଖୋଲି ରୋଗୀଙ୍କୁ ଚିକିତ୍ସା କରୁଥିବା ବେଳେ ବୁଧବାର ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା। ସଇଁତଲା ପୋଲିସ ସହ ଡ୍ରଗସ୍ ଇନ୍ସପେକ୍ଟର ମିଳିତ ଭାବେ କ୍ଲିନିକ ଉପରେ ଚଢ଼ାଉ କରିଥିଲେ। କୌଣସି ଶିକ୍ଷାଗତ ଯୋଗ୍ୟତା କିମ୍ବା କୌଣସି ପ୍ରକାର ଲାଇସେନ୍ସ ନ ଥାଇ ରୋଗୀଙ୍କୁ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ଚଢ଼ାଉ ପରେ ସଇଁତଲା ପୋଲିସ ତଦନ୍ତ କରି ନକଲି ଡାକ୍ତର ବିଦ୍ୟୁତ କୁମାର ବିଶ୍ୱାସକୁ ଗିରଫ କରି ବିଏନଏସ ୩୧୬/୨,୩୧୮/୪,୩୧୯/୨ ଓ କ୍ଲିନିକ ସ୍ଥାପନ ନିୟମ, ଜାତୀୟ ସ୍ୱାସ୍ଥ୍ୟ ସଂଘ ନିୟମ ଓ ଡ୍ରଗସ ନିୟମ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

# ବନ୍ଧା ହେଲା ପିଶାଚ ବାପା

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ବୋଇରଗାଁ ପଞ୍ଚାୟତ କୁଟିଆପଡ଼ା ଗାଁରେ ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ କିଶୋର ମାଝୀକୁ ପୁଲିସ ଗିରଫ କରିଛି। ବୁଧବାର ସକାଳେ ସେ ଜଙ୍ଗଲରେ ଲୁଚିଥିବା ସ୍ଥାନରୁ ଧରି ଥାନାରେ ପଚରାଉଚରା କରୁଛି ବୋଡେନ ପୁଲିସ। ବୋଡ଼େନ ଥାନା ବୋଇରଗାଁ ପଞ୍ଚାୟତ ଜଙ୍ଗଲ ପାହାଡ଼ ଘେରା କୁଟିଆପଡ଼ା ଗାଁର କିଶୋର ଗତ ୧୨ ବର୍ଷ ପୂର୍ବେ ସେହି ଗାଁର ଜୟନ୍ତୀ ମାଝୀଙ୍କୁ ପ୍ରେମ ବିବାହ କରିଥିଲା। କିଶୋର ଓ ଜୟନ୍ତୀଙ୍କ ଦୁଇ ଝିଅ କମଳାକାନ୍ତି(୧୦) ଓ ଲକ୍ଷ୍ମୀକାନ୍ତି (୮) ଓ ୧୪ ମାସର ପୁଅ ଚନ୍ଦନ। ସ୍ୱାମୀ ଓ ସ୍ତ୍ରୀ କୁଲି ମଜୁରୀ କରିବା ସହ ବେଳେ ବେଳେ ରାଜ୍ୟ ବାହାରେ ଦାଦନ ଖଟିବାକୁ ଯାଇ ପରିବାର ପ୍ରତିପୋଷଣ କରୁଥିଲେ। ଶ୍ୱଶୁର ଘର ଲୋକଙ୍କୁ ଯୌତୁକ ଦାବି କରି କିଶୋର ଅନେକ ସମୟରେ ସ୍ତ୍ରୀ ଜୟନ୍ତୀଙ୍କୁ ମାଡ଼ ପିଟ କରୁଥିଲା। ଏହି ସ୍ୱାମୀ ଓ ସ୍ତ୍ରୀଙ୍କ କଳିଝଗଡ଼ା ସମାଧାନ କରିବାକୁ ଉଭୟ ପରିବାର ଲୋକେ ଉଦ୍ୟମ କରିଥିଲେ ବି ସଫଳ ହୋଇନଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ପୁଣି କିଶୋର ଓ ଜୟନ୍ତୀଙ୍କ ମଧ୍ୟରେ ଯୌତୁକକୁ ନେଇ ଝଗଡ଼ା ହୋଇଥିଲା। କିଶୋର ସ୍ତ୍ରୀ ଜୟନ୍ତୀଙ୍କୁ ମାଡ଼ପିଟ ବି କରିଥିଲା। ଫଳରେ ଜୟନ୍ତୀ ନିଜ ବାପା ଘରକୁ ଚାଲି ଯାଇଥିଲେ। ଘରେ କିଶୋରଙ୍କ ସହ ପୁଅଝିଅ ଥିଲେ। ଅପରାହ୍ଣରେ କିଶୋର ଦୁଇ ଝିଅ ଓ ପୁଅକୁ ଧରି ଗାଁ ନିକଟ ଜଙ୍ଗଲକୁ ଯାଇଥିଲା। ଜଙ୍ଗଲରେ ଦୁଇ ଝିଅ ଓ ପୁଅକୁ ହତ୍ୟା କରିବାକୁ କିଶୋର ଯୋଜନା କରିଥିଲା। ଏହି ସମୟରେ ସାନ ଝିଅ ଲକ୍ଷ୍ମୀକାନ୍ତି ବାପାଙ୍କ ଯୋଜନା ଜାଣିପାରି କୌଶଳ କ୍ରମେ ଖସି ଯାଇଥିଲେ। ପରେ ବଡ଼ ଝିଅ କମାଳାକାନ୍ତି ଓ ପୁଅ ଚନ୍ଦନଙ୍କୁ ଧରି ଜଙ୍ଗଲ ଭିତରକୁ ନେଇଥିଲା। ସେଠି ଚାଷଜମି ଭିତରେ ପାଣିରେ ବୁଡାଇ ୧୪ ମାସର ପୁଅକୁ କିଶୋର ହତ୍ୟା କରିଥିଲା।

## ଦାଦନ ବଇନା ଫେରସ୍ତକୁ ନେଇ ଯୁବକଙ୍କୁ ହତ୍ୟା

ସୁନ୍ଦରଗଡ଼,(ସବ୍ୟୁ) : ଦାଦନ ବଇନା ଫେରସ୍ତ ମାଗିବାରୁ ଯୁବକଙ୍କୁ ହତ୍ୟା। ଅଭିଯୁକ୍ତ ଫେରାର। ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ଲମତି ଗାଁରେ। ମୃତକ ହେଲେ ବରାଡେମାର ଶୈଳେନ୍ଦ୍ର ମାଝୀ (୨୫)। ଅଭିଯୁକ୍ତ ଲମତି ଗାଁର ଭୁଲରୁ ମାଝୀ। ତାମିଲନାଡୁ ଦାଦନ ଖଟିଯିବାକୁ ଭୁଲରୁକୁ ଶୈଳେନ୍ଦ୍ର ୨ ହଜାର ଟଙ୍କା ବଇନା ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଭୁଲରୁ ଦାଦନ ଯିବାକୁ ମନା କରିବା ସହ ଟଙ୍କା ବି ଫେରାଇ ନଥିଲେ।

ମଙ୍ଗଳବାର ଶୈଳେନ୍ଦ୍ର ଲମତିରେ ଥିବା ନିଜ ଶ୍ୱଶୁର ଘରକୁ ଆସିଥିବାବେଳେ ଭୁଲରୁକୁ ଭେଟି ଟଙ୍କା ଫେରାଇବାକୁ କହିଥିଲେ। ସେ ଟଙ୍କା ନ ଫେରାଇବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ଭୁଲରୁ ଶୈଳେନ୍ଦ୍ରକୁ ଟାଙ୍ଗିଆରେ ପ୍ରାଣାନ୍ତକ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଏପଟେ ଗୁରୁତର ଶୈଳେନ୍ଦ୍ରଙ୍କୁ ୨ ଜଣ ଯୁବକ ବାଇକରେ ସବଡେଗା ଡାକ୍ତରଖାନାକୁ ଆଣୁଥିବାବେଳେ ବାଟରେ ରାହୁଲଡେଗା ଘାଟିରେ ଭାରସାମ୍ୟ ହରାଇ ପଡ଼ିଗଲେ। ସେଇଠି ଶୈଳେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଅନ୍ୟ ୨ ଗୁରୁତରଙ୍କୁ ସବଡେଗା ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି। ଖବର ପାଇ ତଳସରା ଥାନାଧିକାରୀ ପୁଷ୍ପେନ୍ଦୁ ସାଗର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ ଚଳାଇଛନ୍ତି।

## ଅସହାୟ ବୃଦ୍ଧାଙ୍କୁ ସହାୟତାର ହାତ ବଢ଼ାଇଲେ ଅଧିକାରୀ

ରେଢ଼ାଖୋଲ,(ସବ୍ୟୁ): ରାସ୍ତାରେ ଯାଉଥିବା ବେଳେ ଜଣେ ଅସହାୟ ବୃଦ୍ଧାଙ୍କୁ ସହାୟତାର ହାତ ବଢ଼ାଇ ଉଦାହରଣ ସାଜିଛନ୍ତି ସିଆଇଡି ଅଧିକାରୀ । ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରି ଗ୍ରାମର ୭୦ବର୍ଷ ବୟସ୍କା ବୃଦ୍ଧା ବାଳାବତୀ ପୃଷ୍ଟି ଦୀର୍ଘ ୨୦ ବର୍ଷ ହେଲା ସ୍ୱାମୀ ପବିତ୍ର ପୃଷ୍ଟିଙ୍କୁ ହରାଇ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଓଳିଏ ଖାଇଲେ ଓଳିଏ ଉପାସ ରହିଥାନ୍ତି । ନିଜର ପେଟ ପୋଷିବା ପାଇଁ ବିଶାନାଳି ଛକ ନିକଟରେ ଏକ ଆମ୍ବଗଛ ମୂଳେ ବରଡ଼ା ଛପର କୁଡ଼ିଆରେ ଖୋଲିଛନ୍ତି ଗୋଟିଏ ତେଜରାତି ଓ ଜଳଖିଆ ଦୋକାନ। ଦିନ ସମୟରେ ଉକ୍ତ ଛୋଟ କୁଡ଼ିଆରେ ବାଳାବତୀ ରହିବାଠାରୁ ଆରମ୍ଭ କରି ରୋଷେଇ ତଥା ଦୋକାନ ଭଳି ସମସ୍ତ କାର୍ଯ୍ୟ କରିବା ସହ ରାତିରେ ଭଗବାନଙ୍କୁ ଭରସା କରି ଜୀବନ ଅତିବାହିତ କରନ୍ତି। ଏହି ପରିପ୍ରେକ୍ଷୀରେ ବାଳାବତୀଙ୍କୁ ସହଯୋଗର ହାତ ବଢାଇଛନ୍ତି ଜଣେ ଯୁବ ପୋଲିସ ଅଧିକାରୀ। ସୂଚନା ଅନୁସାରେ ତାଙ୍କ ସଂଘର୍ଷମୟ ଦୁଃଖ କାହାଣୀ ଶୁଣି କଟକ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ସିଆଇଡି ଇନସ୍ପେକ୍ଟର ତପନ କୁମାର ନାୟକ କୌଣସି କାର୍ଯ୍ୟରେ ଉକ୍ତ ରାସ୍ତାଦେଇ ଯାଉଥିବାବେଳେ ବାଳାବତୀଙ୍କ ପାଖରେ ପହଞ୍ଚି ଚାଉଳ, ଚୁଡ଼ା ପ୍ରଭୃତି ରାସନ ସାମଗ୍ରୀ ତଥା ଜରିପାଲ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆହୁରି ମଧ ତାଙ୍କୁ କିପରି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ବାସଗୃହ ଯୋଗାଇ ଦିଆଯିବ ସମ୍ବଲପୁର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ସମାଜସେବୀ ନିର୍ମଳ ନାୟକଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ସିଆଇଡି ଇନସ୍ପେକ୍ଟର ଶ୍ରୀ ନାୟକଙ୍କ ଏଭଳି ସେବାକାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ୫ ୱାରେଣ୍ଟି ଗିରଫ

ବୌଦ୍ଧ,(ସବ୍ୟୁ): ୨୦୨୦ ମସିହାର ଏକ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୌଦ୍ଧ ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବନ୍ଧାପଥର ଗ୍ରାମର ଗୋଟିଏ ପରିବାରର ଦ୍ୱାତି ଗୁରୁ,ମହେନ୍ଦ୍ର ଗୁରୁ,ପିର ଗୁରୁ,ରିପୁ ଗୁରୁ ଓ ଗୋବିନ୍ଦ ଗୁରୁ ୨୦୨୦ ମସିହାରେ ଏକ ସାମୁହିକ ଆକ୍ରମଣ ମାମଲାରେ ଅଭିଯୁକ୍ତ ହୋଇ ଫେରାର ରହିଥିଲେ। ବୌଦ୍ଧ ଥାନା ପକ୍ଷରୁ ମଙ୍ଗଳବାର ଦିନ ସମସ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

### ଭିନ୍ନକ୍ଷମ ନାବାଳିକା ଦୁଷ୍କର୍ମ ମାମଲା

## ଦୋଷୀକୁ ଆଜୀବନ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ଜଣେ ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ କରିଥିବା ଘଟଣାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ହୋଇଛି । ସମ୍ବଲପୁର ପୋକସୋ କୋର୍ଟର ବିଚାରପତି ଅଭିଳାଷ ସେନାପତି ଏହି ରାୟ ଶୁଣାଇଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ମୋନାପାଲି ଗ୍ରାମର ଜଣେ ୧୬ ବର୍ଷିଆ ଭିନ୍ନକ୍ଷମ ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ମାମୁଁ ଯଶୋବନ୍ତ ରାନଦୁଲନା (୩୪) ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲା । ଏନେଇ ନାବାଳିକା ଜଣକ ଗର୍ଭବତୀ ହେବା ପରେ ତାଙ୍କ ପରିବାର ପକ୍ଷରୁ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୁକ୍ତକୁ ପୋଲିସ ଗିରଫ କରିବା ପରେ ୧୬/୨୩ରେ ପୋକସୋ କୋର୍ଟରେ ବିଚାର ଆରମ୍ଭ ହୋଇଥିଲା । ମୋଟ ୨୪ ଜଣ ସାକ୍ଷ୍ୟଙ୍କ ବୟାନ ଆଧାର ଓ ଦସ୍ତାବିଜକୁ ଅନୁଧ୍ୟାନ କରି ବିଚାରପତି ଯଶୋବନ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

## ଗାନ୍ଧୀ ପାଠାଗାରରେ ନବରାତ୍ର ଦୁର୍ଗାପୂଜା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହର ଟିକ୍ରାପଡା ଗାନ୍ଧୀ ପାଠାଗାରରେ ୫୭ତମ ଦୁର୍ଗପୂଜା ଚଳିତ ମାସ ୦୩ ଠାରୁ ଆରମ୍ଭ ହୋଇଛି । ବିଲ୍ୱବରଣ ସହ ନବରାତ୍ର ଦୁର୍ଗାପୂଜା ବିଧି ମତେ ଚାଲିଛି । ପଣ୍ଡିତ ଶୁକଦେବ ତ୍ରିପାଠୀ ଏବଂ ସାଥି ପୂଜା କାର୍ଯ୍ୟ ସମ୍ପାଦନା କରିବା ସହ ମୁଖ୍ୟ କର୍ତ୍ତା ବୈଷ୍ଣବ ସାହୁ ଓ ସହଧର୍ମିଣୀ ସ୍ନେହଲତା ସାହୁ ଏବଂ ନଅ ଦିନରେ ନଅ ଜଣ ସହଯୋଗୀ କର୍ତ୍ତା ରୂପେ ଅଶୋକ ଦାସ ଓ ସହଧର୍ମିଣୀ ସାଧନା ଦାସ, ପ୍ରକାଶ ନେପାକ ଓ ଭାରତୀ ନେପାକ, ଅବିନାଶ ବେହେରା ଓ ବନେଶ୍ୱରୀ ବେହେରା, ରାଜୁ ମିଶ୍ର ଓ ମଞ୍ଜୁଳା ମିଶ୍ର, ବାବୁଲା ରଥ ଓ ମିନତି ରଥ, ଅମୀୟ ମିଶ୍ର ଓ ଦମୟନ୍ତୀ ମିଶ୍ର, ଜିତୁ ମଟାରୀ ଓ ପ୍ରତିମା ମଟାରୀ, ଦିଲିପ ସାହୁ ଓ କଳ୍ପନା ସାହୁ, ସଂଜୀବ ସାହୁ ଓ ପ୍ରୀତି ସାହୁ, ରଂଜିତ ଗୋୟଲ ଓ ନେହା ଗୋୟଲ ପ୍ରମୁଖ ମା' ଙ୍କ ପୂଜା ଓ ଉପାସନା କରୁଛନ୍ତି । ଚଳିତ ବର୍ଷ ଆୟୋଜନ କମିଟିର ସଭାପତି ପ୍ରକାଶ ନେପାକ, ସମ୍ପାଦକ ପ୍ରଦୀପ ସାହୁ, କୋଷାଧକ୍ଷ ଜିତେନ୍ଦ୍ର ନାଗ ଙ୍କ ସହ ଉପସଭାପତି ସନ୍ତକ ବହିଦାର, ବରିଷ୍ଠ ସଭ୍ୟ ଭଗବାନ ବଗର୍ତ୍ତି, ସଭ୍ୟ ଆକବର (ମାନା) ଖାନ, ସଞ୍ଜୟ ଗଡତ୍ୟା, ରାଜେନ୍ଦ୍ର ପାଣି, ପ୍ରବୀଣ ଦର୍ଜୀ, ଟୁନା ହୋତା, ଅଜିତ ପଣ୍ଡା, ଦିଲିପ ସାହୁ, ବାଦଲ ସାହୁ, ଜିତୁ ମଟାରୀ, ଅବଦୁଲ ରଜାକ୍, ଦାଶରଥୀ ସାହୁ, ବାବୁ ଶ୍ରୀଚନ୍ଦନ, ସଂଗ୍ରାମ ବହିଦାର, ଦୁର୍ଗା ସାହୁ ରାଜେନ୍ଦ୍ର ମିଶ୍ର, ମହିଳା କମିଟି ସଭାପତି ବନେଶ୍ୱରୀ ବେହେରା, ସଭ୍ୟା ମିନତି ରଥ, ଦମୟନ୍ତି ବାଗ, ସବିତା ବେହେରା, ମଞ୍ଜୁଳା ମିଶ୍ର ପ୍ରମୁଖ ପୂଜା ଦାୟିତ୍ୱ ବହନ କରିଛନ୍ତି । ନବରାତ୍ର ଦୁର୍ଗାପୂଜା ର ଷଷ୍ଠ ଦିବସରେ କାତ୍ୟାୟାନୀ ସ୍ୱରୂପ ମା ଦୁର୍ଗା ଙ୍କ ପୂଜା କରାଯାଇଛି । କର୍ତ୍ତା ଅମୀୟ ମିଶ୍ର ଏବଂ ସହଧର୍ମିଣୀ ଦମୟନ୍ତୀ ମିଶ୍ର ମା ଙ୍କ ପୂଜା ଓ ଉପାସନା କରିଥିଲେ । ଶତାଧିକ ଭକ୍ତଙ୍କ ସମାବେଶରେ ସନ୍ଧ୍ୟା ଆଳତି ଦେଇ ନାନା ପ୍ରକାର ପିଠା, ମଣ୍ଡା, କ୍ଷୀରି, ପୁରୀ ସହ ମାଁ ଙ୍କ ଠାରେ ଭୋଗ ଲଗାଇ ସମସ୍ତଙ୍କ ସୁଖୀ ଜୀବନ ପାଇଁ ମା ଙ୍କର ଆଶିର୍ବାଦ ଭିକ୍ଷା କରିଥିଲେ ।

## ପ୍ରଜ୍ଞା ପ୍ରବାହ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ଠାରେ ପ୍ରଜ୍ଞା ପ୍ରବାହ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସରକାର୍ଯ୍ୟବାହ ଡ. କୃଷ୍ଣଗୋପାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବ୍ୟକ୍ତିର କୃତିତ୍ୱ ଓ ଭାରତୀୟ ଦୃଷ୍ଟିକୋଣକୁ ନେଇ ଗବେଷଣା କରିବା ଇତିହାସକୁ ପରଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଦେଶର ବିଶେଷତା ଭିତ୍ତିକ ଗବେଷଣା ଓ ଇତିହାସ ବିଷୟରେ ଆଲୋକପାତ କରିଥିଲେ । ଭାରତ ଭାଷା ଓ ଭୂଷା ଦୃଷ୍ଟିରୁ ବିବିଧତା ଥିଲେ ମଧ୍ୟ ସାଂସ୍କୃତିକ ଦୃଷ୍ଟିରୁ ଏକ ଅଟେ । ତେଣୁ ପାଶ୍ଚାତ୍ୟ ଦେଶ ଗୁଡିକର ରାଷ୍ଟ୍ର ଓ ରାଷ୍ଟ୍ରୀୟତାର ସଂଜ୍ଞା ଭାରତୀୟ ରାଷ୍ଟ୍ର ଓ ରାଷ୍ଟ୍ରୀୟତା ପରିପେକ୍ଷୀରେ ପ୍ରଯୁଜ୍ୟ ନୁହେଁ ।

## କାଂଶୀରାମଙ୍କ ମହାପ୍ରୟାଣ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): କୁଚିଣ୍ଡା ଗଣେଶ ପଦ ସ୍ଥିତ ଶ୍ରଦ୍ଧାକର ଭବନ ଠାରେ କାଂଶୀରାମଙ୍କ ୧୮ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଂଶୀରାମଙ୍କ ସହ ଗୌତମ ବୁଦ୍ଧ ଓ ବାବା ସାହେବଙ୍କ ତୈଳଚିତ୍ର ସମ୍ମୁଖରେ ପୁଷ୍ପ ଓ ଦୀପଜାଳି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାମାଜିକ ସମାନତା ପାଇଁ କ୍ରାନ୍ତି ହିଁ କାଂଶୀରାମଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ । ବାମସେଫ ନେତା ପବନ କୁମାର ଲୁହା ସମ୍ମାନିତ ଅତିଥି ଓ ଯୁବ ନେତା ସୌମ୍ୟ ରଂଜନ ରୋହିଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାଂଶୀରାମଙ୍କ ସଂଘର୍ଷ ପୂର୍ଣ୍ଣ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭୋଳନାଥ ତାଣ୍ଡିଆ, ସୁଜି ବୁଡା, ପ୍ରେମାନନ୍ଦ ଆଦି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥଲେ। ପ୍ରାରମ୍ଭରେ ଶ୍ରଦ୍ଧାକର ଜୟପୁରିଆ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସାମାଜିକ କର୍ମୀ ସରୋଜ ମେହେର ଧନ୍ୟବାଦ୍ ଅର୍ପଣ କରିଥଲେ।

## ଶ୍ରୀରାମ କଲେଜ ରସାୟନ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

ଏସ୍ .ରାମପୁର (ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ଶ୍ରୀରାମ ମହାବିଦ୍ୟାଳୟ, ରାମପୁରର ରସାୟନ ବିଭାଗ ପକ୍ଷରୁ ଉଦ୍ଭିଦରେ ରସାୟନ ଓ ରାସାୟନିକ ପ୍ରକ୍ରିୟା ଶୀର୍ଷକ ପ୍ରଥମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧାପକ ମୀନକେତନ ପାତ୍ର ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରିବା ପୂର୍ବକ ଉଦ୍ଭିଦରେ ରାସାୟନିକ ପ୍ରକ୍ରିୟା ତଥା ବିବର୍ତ୍ତନ ସମ୍ପର୍କିତ ଆଲୋଚନା କରିଥିଲେ। ସମ୍ମାନ ପ୍ରଭାରୀ ଅଧାପକ ଡ. ଦିଲ୍ଲୀପ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିବା ସହିତ ଛାତ୍ରୀ ଶୁଭାଙ୍ଗୀ ଶ୍ୱେତପଦ୍ମା, ଛାତ୍ର ରାକେଶ ନାଗ, ରିତେଶ ବାରିକ ପ୍ରମୁଖ ଉକ୍ତ ଶୀର୍ଷକ ଉପରେ ସନ୍ଦର୍ଭ ପଠନ କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ଅଧାପକ ନୀଳାମ୍ବର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ନିପନ ସାହୁ ଓ କୁମର କଉଡ଼ି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ଦୁର୍ଗାପୂଜା ଉପଲକ୍ଷେ କଳସ ଯାତ୍ରା

ଗୋଲାମୁଣ୍ଡା: ତା ୯:୧୦(ସବ୍ୟୁ)କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଗୋଲାମୁଣ୍ଡା ଠାରେ ଦୁର୍ଗା ପୂଜା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ଗୋଲାମୁଣ୍ଡା ସଦର ମହକୁମାର ଦୁର୍ଗା ମଣ୍ଡପ ଠାରୁ ବାହାରି ଗୋଲାମୁଣ୍ଡା ଗ୍ରାମକୁ ପରିକ୍ରମା କରି ସ୍ଥାନୀୟ ଗଙ୍ଗା ସାଗର ଠାରୁ ପାଣି ଆଣି ଦୁର୍ଗା ମଣ୍ଡପ ଠାରେ ପହଞ୍ଚି ଥିଲେ । ଏହି କାର୍ଯ୍ୟକ୍ରମ ୪ଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ମନରଞ୍ଜନ ପାଇଁ ବିଭିନ୍ନ ପ୍ରକାର ନାଚ ଗୀତ ଓ ନାଟକର ବ୍ୟବସ୍ଥା କରାଯାଇଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି ।

## ପୂର୍ବତନ ବିଧାୟକ ଧନେଶ୍ୱର ମାଝୀଙ୍କ ପରଲୋକ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡିର ବିଶିଷ୍ଟ ରାଜନେତା ଧନେଶ୍ୱର ମାଝୀଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ଧନେଶ୍ୱର ବାବୁ କେସିଙ୍ଗା ନିକଟ ବାବିଜୋର ଗ୍ରାମରେ ୫.୭. ୧୯୪୧ ରେ ଜନ୍ମ ଗ୍ରହଣ କରିଥିଲେ । ସେ ନର୍ଲା ଓ କେସିଙ୍ଗାରୁ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୧, ୧୯୭୪, ୨୦୦୦, ୨୦୦୪ ଓ ୨୦୧୪ ନିର୍ବାଚନରେ ସେ ବିଜୟୀ ହୋଇଥିଲେ। କେସିଙ୍ଗା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ହୃଦଘାତରେ ତାଙ୍କର ପରଲୋକ ଘଟିଥିବା ଜଣାଯାଇଛି। ଏହାଛଡ଼ା ସେ ୧୯୭୮-୧୯୮୪ର ରାଜ୍ୟସଭା ସାଂସଦ ମଧ ଥିଲେ । ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି ।

### ସୁପ୍ରିମଟାକ୍ସ ନର୍ସିଂ କଲେଜର ଶପଥ ଗ୍ରହଣ ସମାରୋହ

## ଶପଥ ନେଲେ ୧୪ ଛାତ୍ରଛାତ୍ରୀ




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହର ଜ୍ୟୋତିନଗର ଲାଲଟିକ୍ରା ସ୍ଥିତ ସୁପ୍ରିମଟାକ୍ସ ନର୍ସିଂ କଲେଜର ତୃତୀୟ ବାର୍ଷିକ ଶପଥ ଗ୍ରହଣ ଉତ୍ସବ ପାଳିତ ହୋଇଯାଇଛି । କଲେଜର ଅଧକ୍ଷ ଅଜିତ ପାଲଙ୍କ ତତ୍ତ୍ୱାବଧାନ ଓ ଅଧକ୍ଷତାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ୧୪ ଜଣ ଛାତ୍ର ଛାତ୍ରୀ ଶପଥ ନେଇଥିଲେ। ଶ୍ରୀ ପାଲ ଛାତ୍ର ଛାତ୍ରୀଙ୍କୁ ଆଦର୍ଶ ସେବିକା ହେବାକୁ ପରାମର୍ଶମାନ ଦେଇଥିଲେ । ନର୍ସିଂ କଲେଜ ଅଧକ୍ଷା ଲକ୍ଷ୍ମୀ ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସରକାରୀ ଏଏନ୍ଏମ୍ ସ୍କୁଲ ଅଧକ୍ଷା ବିନୋଦିନି ଦାଶ ଯୋଗଦେଇ ନିଷ୍ଠାପର ଭାବେ ରୋଗୀ ସେବା କରିବାକୁ ଆହ୍ୱାନ ଦେଇଥିଲେ । ସୁପ୍ରିମଟାକ୍ସ ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଉପଦେଷ୍ଟା ଡା. ସିଦ୍ଧେଶ୍ୱର ମିଶ୍ର, ମ୍ୟାନେଜର ସତ୍ୟସୁନ୍ଦର ଦୀପ, ସୁପରିଣ୍ଟେଣ୍ଡେଣ୍ଟ ସିମନ ପାଲ ଓ ପ୍ରଶାସନିକ ଅଧିକାରୀ ପ୍ରୀତମ ବାଗ ମଞ୍ଚାସୀନ ଥିଲେ । ଅଧାପିକା ସିପୋନିୟ ବାଗ, ସୋନାଲିକା ସୁନା, ଆଲିଜାବେଥ ନନ୍ଦ, ୟୁନିକି କୁମାର ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସମାରୋହରେ ବହୁ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ତୃତୀୟ ବର୍ଷ ଛାତ୍ରୀ ଶର୍ବରୀ ହନୁମାନ କାର୍ଯ୍ୟକ୍ରମକୁ ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋଚନାଚକ୍ର




ବୌଦ୍ଧ,(ସବ୍ୟୁ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ ଅବସରରେ ପ୍ରାଣୀ ବିଜ୍ଞାନ ଏବଂ ଉଭିଦ ବିଜ୍ଞାନ ର ମିଳିତ ସହଯୋଗ ରେ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାଣୀ ବିଜ୍ଞାନ ବିଭାଗ ର ମୁଖ୍ୟ ଅଧାପିକା ଗୀତାଞ୍ଜଳି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ବୌଦ୍ଧ ବନଖଣ୍ଡରେ ଥିବା ବିଭିନ୍ନ ବନ୍ୟ ପ୍ରାଣୀ ର ତାଲିକା ପ୍ରଦାନ କରିବା ସହ ତାଙ୍କର ସୁରକ୍ଷା ପାଇଁ ନିଆଯାଉଥିବା ସଫଳ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଆଲୋଚକ ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ବିଶ୍ୱ ସ୍ତରରେ କିପରି ଭାବରେ ସହରୀ କାରଣ, ଜଳବାୟୁ ପରିବର୍ତ୍ତନ ଦ୍ୱାରା କିପରି ବନ୍ୟ ପ୍ରାଣୀ ମାନଙ୍କ ସଂଖ୍ୟା କମିଯାଉଛି ସେ ବିଷୟ ବର୍ଣ୍ଣନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଉଭିଦ ବିଜ୍ଞାନ ବିଭାଗର ମୁଖ୍ୟ ତଥା ପରିବେଶ ବିଜ୍ଞାନୀ ଅଧାପକ ଡ଼. ପ୍ରବୀର କୁମାର ଦାସ ଆମର ଭାରତୀୟ ପରମ୍ପରାରେ କିପରି ବୃକ୍ଷ ଓ ବନ୍ୟଜନ୍ତୁ ମାନଙ୍କର ସୁରକ୍ଷା ପାଇଁ ବିଭିନ୍ନ ବିଧି ବ୍ୟବସ୍ଥା ରହିଛି ସେ ବିଷୟରେ ଅବଗତ କରାଇବା ସହ ତାଙ୍କର ସଂରକ୍ଷଣର ଆବଶ୍ୟକତା ଉପରେ ତଥ୍ୟ ଉପସ୍ଥାପନା କରିଥିଲେ । ଅନ୍ୟ ଆଲୋଚକ ଭାବରେ ସହକାରୀ ବନ ସଂରକ୍ଷକ ଆଶିଷ କହଁର ଏବଂ ମୀନାକ୍ଷୀ କୁମୁରା ଦେଶରେ ବନ୍ୟ ପ୍ରାଣୀ ସପ୍ତାହ ପାଳନର ଇତିହାସ ଏବଂ ଜଙ୍ଗଲି ପ୍ରାଣୀମାନଙ୍କ ଦ୍ୱାରା କ୍ଷତି ହେଉଥିବା, ଆଘାତ କିମ୍ବା ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ମାନଙ୍କୁ ପ୍ରଦାନ କରାଯାଉଥିବା ସରକାରଙ୍କ ସହାୟତା ରାଶି ସମ୍ବନ୍ଧରେ ଆଲୋଚନା କରିଥିଲେ । ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ପ୍ରିୟବ୍ରତ ବେହେରା ମଣିଷ ଏବଂ ଜଙ୍ଗଲ ପ୍ରାଣୀଙ୍କ ସଂଘର୍ଷ ଏବଂ ତାର ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ର ଅଧକ୍ଷ ନିରଞ୍ଜନ ମିଶ୍ର ଉପସ୍ଥିତ ରହି ଏଭଳି କାର୍ଯ୍ୟକ୍ରମ ପାଇଁ ଆୟୋଜକ ମାନଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରାଣୀ ଓ ଉଭିଦ ବିଜ୍ଞାନ ସମ୍ମାନ ବିଭାଗର ସମସ୍ତ ଅଧାପିକା ଓ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ଏହାକୁ ସଫଳ କରିଥିଲେ । ଶେଷରେ ଅଧାପିକା ଅମ୍ରିତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗୋଲାମୁଣ୍ଡା : ନିପୁଣ ଓଡିଶା ଲୋଗୋ ଉନ୍ମୋଚିତ



ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ନିପୁଣ ଓଡିଶା ଲୋଗୋ ଉନ୍ମୋଚିନ ହୋଇଯାଇଛି। ଗୋଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲବଣି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ଚନ୍ଦନ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜାତୀୟ ଶିକ୍ଷା ନୀତି ଆଧାରରେ ନିପୁଣ ଓଡିଶା ମିଶନ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସ୍ତରରେ ସୁନିଶ୍ଚିତ କରି ପ୍ରାଥମିକ ବିଦ୍ୟାଳୟ ସ୍ତର ପ୍ରଥମ ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ଅଭିବୃଦ୍ଧି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସ୍କୁଲରେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର କୌଶଳକୁ ସୁନିଶ୍ଚିତ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଅପରିହାର୍ଯ୍ୟ । ଯେପରିକି ୨୦୨୬-୨୭ ସୁଦ୍ଧା ଛାତ୍ର ଛାତ୍ରୀ ମାନେ ଯେପରି ତାଙ୍କର ଶ୍ରେଣୀ ଭିତ୍ତିକ ମୌଳିକ ଶିକ୍ଷଣ ଦକ୍ଷତା ହାସଲ କରିପାରିବେ ବୋଲି ମଞ୍ଚାସିନ ଅତିଥି ମାନେ କହିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନାଏକ ପରିଚାଳନା କରିଥିବା ବେଳେ କ୍ରିଷ୍ଟୁଲ ସିଆରସିସି ଗଜିନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ସହଯୋଗ କରିଥିଲେ।

# ଗାଈଖାଇ ଡେମରୁ ସାଲେଭଟାର ଐତିହ୍ୟ ମନ୍ଦିରଗୁଡ଼ିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

ବଲାଙ୍ଗିର,(ସବ୍ୟୁ): ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ସ୍ଥାନୀୟ ସାର୍କିଟ ହାଉସ ଠାରେ ସାଲେଭଟା ଗ୍ରାମ ଓ ବଲାଙ୍ଗିର ସହରର ବୁଦ୍ଧିଜୀବୀମାନେ ଦାବିପତ୍ର ପ୍ରଦାନ କରିଥିଲେ । ଐତିହାସିକ ସମ୍ପନ୍ନ ବଲାଙ୍ଗିର ସାଲେଭଟା ଗ୍ରାମର ଗୋଟିଏ ଗମ୍ଭିରାରେ ସମଲେଶ୍ୱରୀ ଓ ପାଟଣେଶ୍ୱରୀ ଏବଂ ମାଁ ଚଣ୍ଡି ମନ୍ଦିର କେଉଁ ଆଦିମ କଳରୁ ଦେବା ଦେବୀ ପୂଜା ପାଇ ଆସୁଛନ୍ତି । ଏଠିକାର ଲୋକେ ଦେବା ଦେବୀଙ୍କ ଆସ୍ଥାକୁ ବିଶ୍ୱାସ ରଖନ୍ତି । ସାଲେଭଟାସ୍ଥିତ ଦେବାଳୟର ଅବସ୍ଥା ଅସୁରକ୍ଷିତ ଥିବାରୁ ଭକ୍ତମାନଙ୍କ ଭିତରେ ଉଦ୍‌ବେଗ ପ୍ରକାଶ ପାଉଛି । ଦିର୍ଘ ବର୍ଷରୁ ଜନସାଧାରଣ ମନ୍ଦିର ସୁରକ୍ଷା ପାଇଁ ଦାବି କରି ଆସୁଥିବା ବେଳେ ଏହାର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ପାଟଣା ଷ୍ଟେଟ ସମୟରେ ବଳରାମଗଡରେ ନାମିତ ହୋଇଥିବା ବେଳେ ଓଁନଦୀ ରେ ପ୍ରବାହିତ ହୋଇଥିବା ସମ୍ବଲପୁର ଓ ପାଟଣା ଷ୍ଟେଟ ୧୫୦୦ ଶତାବ୍ଦୀରେ ମାଁ ପାଟଣେଶ୍ୱରୀ ପାଟଣା ରାଜ୍ୟ ମୁହାଇଲେ ଏବଂ ମାଁ ସମଲେଶ୍ୱରୀ ସମ୍ବଲପୁର ପୂଜା ପାଉଛନ୍ତି । ମାଁ ଚଣ୍ଡି ସାଲେଭଟା ଗ୍ରାମରେ ପୂଜା ପାଉଛନ୍ତି । ଏହାକୁ ପର୍ଯ୍ୟଟନ ମାନ୍ୟତା କଲେ ଭକ୍ତମାନଙ୍କର ସୁଅ ଛୁଟନ୍ତା । ଗାଈଖାଇ ଡେମରୁ ସାଲେଭଟା ଗ୍ରାମରେ ମାଁ ପାଟଣେଶ୍ୱରୀ , ମାଁ ସମଲେଶ୍ୱରୀ ପୂଜା ପାଉଛନ୍ତି ମାଁ ଚଣ୍ଡି ସମଲେଇ । ଏହାକୁ ପର୍ଯ୍ୟଟନ ମାନ୍ୟତା ପାଇଁ ଦାବି କରାଯାଉଛି ଏବଂ ପର୍ଯ୍ୟଟନଙ୍କ ପାଇଁ ମନ୍ଦିର ଦର୍ଶନ ପାଇଁ ଫଲକ ଲଗାଇବାକୁ ଦାବି ହେଉଛି । ଏହି ପ୍ରତିନିଧି ମଣ୍ଡଳୀରେ ସାଲେଭଟା ଗ୍ରାମର ମୁଖ୍ୟ ପୁଜକ ପ୍ରକାଶ ଦିସ୍ରୀ, ଜୟକୃଷ୍ଣ ଦିସ୍ରୀ, ଗୋପାଳ ସା, ମୁରଲିଧର ଦିସ୍ରୀ,ଦେବରାଜ ଦିସ୍ରୀ, ରଘୁନାଥ ଦିସ୍ରୀ, ଦଳ ଦିସ୍ରୀ, ଅଶୋକ ଦିସ୍ରୀ,ଜିପ୍ର ଦିସ୍ରୀ ସମେତ ମନ୍ଦିର କମିଟିର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ପିଙ୍କୁ ବିଶ୍ୱାଲ, ସଂପାଦକ ଜିତୁ ମେହେର, ଉଦନ ସା, ବିକାଶ ଦିସ୍ରୀ, ନିମାଇଁ ମହାକୁର, ଶିପୁନ ପଟେଲ, ମିଲୁ ସିକାର, ସୁଦାମ ମେହେର, ସୁଧାଂଶୁ ସେଠ, ଅଜିତ ମେହେର,ସରତ ସାହୁ ସମେତ ବଲାଙ୍ଗିର ଦେବାଳୟ ସୁରକ୍ଷା କମିଟିର ଜୟକୃଷ୍ଣ ମିଶ୍ର, ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକ ଓ ସାଲେଭଟା ଗ୍ରାମବାସୀ ଦାବି କରିଛନ୍ତି ।

# ଆଜିଠାରୁ ତିହାର ଲୋକ ମହୋତ୍ସବ

ବରଗଡ/ଅତାବିରା,(ସବ୍ୟୁ): ଗୁରୁବାର ସନ୍ଧ୍ୟାରେ ଅତାବିରା ତିହାର ଲୋକ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ହେଉଥିବା ଲୋକ ମହୋତ୍ସବ ତିହାରର ୧୪ ତମ ସଂସ୍କରଣ ଉଦ୍‌ଘାଟିତ ହେବ । ଲୋକମଞ୍ଚ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବକୁ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ତିହାର ଲୋକ ମହୋତ୍ସବ ସମିତିର ସଭାପତି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ମହୋତ୍ସବ ରେ ପଶ୍ଚିମ ଓଡ଼ିଶା ର ବହୁ ଲବ୍ଧ ପ୍ରତିଷ୍ଠ ସାଂସ୍କୃତିକ ଦଳର ୨୫୦ ରୁ ଊର୍ଦ୍ଧ୍ୱ କଳାକାର ଯୋଗ ଦେବାକୁ ଥିବା ବେଳେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ଲୋକ ମହୋତ୍ସବ ଆସନ୍ତା ୧୨ ତାରିଖ ଉଦଯାପିତ ହେବ ।

# ଝାରସୁଗୁଡା କ୍ରୀଡାବିତଙ୍କୁ ସ୍ୱର୍ଣ୍ଣପଦକ

ଝାରସୁଗୁଡା,(ସବ୍ୟୁ): ଭୁବେନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୩୫ ତମ ପୂର୍ବାଞ୍ଚଳ ଜୁନିୟର(୨୦ବର୍ଷ) କ୍ରୀଡା ପ୍ରତିଯୋଗିତାରେ ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗରର ସ୍ୱାଗତ ବେହେରା ଓଡିଶାରୁ ପ୍ରତିନିଧିତ୍ୱ କରି ଟ୍ରିପିଲ ଜମ୍ପରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଶ୍ରୀ ବେହେରା ଓଡିଶା ପାଇଁ ସଫଳତା ଆଣି ଦେଇଛନ୍ତି। ଗତ ମାସ ୨୦ ତାରିଖରେ ଶେଷ ହୋଇଥିବା ଓଡିଶା ଆନ୍ତଃ ଜିଲ୍ଲା ପ୍ରତିଯୋଗିତାରେ ଜିଲ୍ଲା ପାଇଁ ସ୍ୱର୍ଣପଦକ ଲାଭ କରି ରେକର୍ଡ ସୃଷ୍ଟି କରିଥିଲେ। ଟ୍ରିପିଲ ଜମ୍ପରେ ପ୍ରଶିକ୍ଷଣ ତାଙ୍କ ବାପା କ୍ରୀଡାବିତ୍ କମ୍ପାଉଣ୍ଡର ବେହେରା ତାଙ୍କୁ ପିଲା ଦିନରୁ ଶିକ୍ଷା ପ୍ରଦାନ କରୁଥିଲେ। ସ୍ୱାଗତଙ୍କ ସଫଳତାରେ ବିଭିନ୍ନ କ୍ରୀଡା ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ମା'ସୁରେଶ୍ୱରୀଙ୍କ ବଗଳାମୁଖୀ ବେଶ

ସୋନପୁର,(ସବ୍ୟୁ): ଶାରଦୀୟ ନବରାତ୍ର ପୂଜାର ବୁଧବାର ହେଉଛି ସପ୍ତମଦିନ। ଏଣୁ ଏଥିପାଇଁ ମା'ସୁରେଶ୍ୱରୀ ଆଜି ବଗଳାମୁଖି ବେଶ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ମା' ବଗଳାମୁଖୀଙ୍କ ଏହି ଧରାଧାମକୁ ଅବତରଣ ନେଇ ଏକ ସୁନ୍ଦର ପୌରାଣିକ କଥା ରହିଛି।

ପୌରାଣିକ କାହାଣୀ ଅନୁଯାୟୀ ଏକ ସମୟର କଥା ସୃଷ୍ଟିର ରଚୟିତା ଭଗବାନ ବ୍ରହ୍ମାଙ୍କର ଗ୍ରନ୍ଥକୁ ଏକ ରାକ୍ଷସ ଚୋରାଇ ନେଇ ପାତାଳରେ ଯାଇ ଲୁଚି ରହିଥିଲା। ସେଥିରେ ବିବ୍ରତ ହୋଇ ପଡ଼ିଥିଲେ ଭଗବାନ ବ୍ରହ୍ମା। ତାଠାରୁ ତାହା ଉଦ୍ଧାର କରିବା ପାଇଁ ଭଗବାନ ବ୍ରହ୍ମାଙ୍କ ଦ୍ୱାରା ମା'ବଗଳାମୁଖୀଙ୍କ ଏହି ଧରାପୃଷ୍ଠକୁ ଆଗମନ କଥା ରହିଛି। ଖାଲି ସେଥିପାଇଁ ନୁହଁ ସତ୍ୟ ଯୁଗର ଏକ ଘଟଣାକ୍ରମରେ ଏକ ଅସ୍ୱାଭାବିକ ଝଡ଼ବାତ୍ୟାର ସମ୍ମୁଖିନ ହୋଇ ଯେତେବେଳେ ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡଟି ଧ୍ୱଂସାଭିମୁଖିର ଆଶଙ୍କା ସୃଷ୍ଟି ହୋଇଥିଲା ସେତେବେଳେ ମା'ବଗଳାମୁଖି ପ୍ରକଟ ହୋଇ ତାକୁ ଶାନ୍ତ କରିପାରିଥିଲେ। ଆହୁରି ମଧ୍ୟ ଜଣାଯାଏ ପାଣ୍ଡବମାନେ ଅଜ୍ଞାତବାସ ସମୟରେ ମାଆଙ୍କର ସରଣାପନ୍ନ ହୋଇଥିଲେ। ଭଗବାନ ଶ୍ରୀରାମଙ୍କ ରାବଣବଧ ସକାଶେ ଲଙ୍କା ଅଭିଯାନ ପୂର୍ବରୁ ମଧ୍ୟ ସ୍ୱୟଂ ଭଗବାନ ଶ୍ରୀରାମଚନ୍ଦ୍ର ଶତ୍ରୁନାସିନୀ ମାତା ବଗଳାମୁଖୀଙ୍କୁ ଆରାଧନା କରି ବିଜୟ ପ୍ରାପ୍ତ କରିଥିବା କଥାବସ୍ତୁ ରହିଛି। ସେଥିପାଇଁ ଶତ୍ରୁ କବଳରୁ ଉଦ୍ଧରିବା ଦେବୀ ଭାବରେ ମା'ବଗଳାମୁଖୀଙ୍କ ମାନ୍ୟତା ରହିଆସିଛି।

ଏହି ସୃଷ୍ଟିକୁ ବିଭିନ୍ନ ସମୟରେ ବିଭିନ୍ନ ଆସୁରିକ ଶକ୍ତିଙ୍କ ଦୌରାତ୍ମ୍ୟ ଓ ଅତ୍ୟାଚାରରୁ ରକ୍ଷାକରି ଆସିଥିବା ପ୍ରମୁଖ ଦେବୀଙ୍କ ମଧ୍ୟରୁ ଏକ ପ୍ରମୁଖ ଦେବୀ ଅଟନ୍ତି । ସୁତରାଂ ଶତ୍ରୁପୀଡ଼ାରୁ ମୁକ୍ତିଲାଭ ଓ କୃପା ଆଶିଷ ପ୍ରାପ୍ତ ସକାଶେ ଏହି ନବରାତ୍ର ସମୟରେ ମା'ବଗଳାମୁଖିଙ୍କୁ ଭକ୍ତମାନେ ଶ୍ରଦ୍ଧା ଓ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି।

# ଡୁଙ୍ଗୁରିପାଲି ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ଏସ୍ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଆବାହକ ପ୍ରକାଶ ବାରିକଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକାରୀ କମିଟିର ବୈଠକ କୃଷକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଚଳିତ ଅକ୍ଟୋବର ମାସ ୧୫ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବୈଠକରେ ଯୋଗଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ଼- ପେ ୪୨୦୦ କୁ ପରିବର୍ତ୍ତନ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି । ଲେଭେଲ ଭି ଏ ପ୍ରାଥମିକ ଶିକ୍ଷକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରି ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କଲେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବହୁ ଦିନର ଦାବି ପୂରଣ ହୋଇପାରିବ ବୋଲି ଆଲୋଚନା ହୋଇଥିଲା । ଦୀର୍ଘ ଦିନର ଏହି ଦାବିକୁ ସରକାର ପୂରଣ କରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ସଭାରେ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଚିନ୍ଦ୍ରା,ସୌରଭ ସାହୁ,ସୁରେଶ ସାହୁ, ସୁଧାଂସୁ ସାହୁ, ଆନନ୍ଦ ବାରିକ,ଉଦୟ ଭୋଇ, ପରେଶ ସାହୁ, ନରେନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଗୋପବନ୍ଧୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆହାର କେନ୍ଦ୍ର ଓ ବାଳିକା ସ୍କୁଲକୁ ଜିଲ୍ଲାପାଳଙ୍କ ପରିଦର୍ଶନ

ବୌଦ୍ଧ,(ସବ୍ୟୁ): ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଅଚାନକ ବୌଦ୍ଧ ଡାକ୍ତରଖାନା ନିକଟରେ ଥିବା ଆହାର କେନ୍ଦ୍ର ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଆହାର କେନ୍ଦ୍ରରେ ପହଞ୍ଚି ଜିଲ୍ଲାପାଳ ଶ୍ରୀ ପଣ୍ଡା ୫ ଟଙ୍କାରେ ଦିଆ ଯାଉଥିବା ଖାଦ୍ୟର ମାନ ପରୀକ୍ଷା କରିଥିଲେ। ଆବଶ୍ୟକ ସ୍ଥଳେ ଖାଦ୍ୟର ପରିମାଣ ବୃଦ୍ଧି କରି ପ୍ରତିଦିନ ୫୦୦ ଲୋକଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲ୍ଲାପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୁ ମଧ୍ୟ ପରିଦର୍ଶନ କରିଥିଲେ । ବିଭିନ୍ନ ଶ୍ରେଣୀ କକ୍ଷ, ଲାଇବ୍ରେରୀ ପରିଦର୍ଶନ କରି ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟାଳୟର ମଧ୍ୟାହ୍ନ ଭୋଜନର ମାନ ଓ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାରେ ଛାତ୍ରୀ ମାନେ ଉପକୃତ ହୋଇ ପାରୁଛନ୍ତି କି ନାହିଁ ସେ ବିଷୟରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ ।

## ଆବାସ ଯୋଜନାରେ ଘର ତିଆରି ପାଇଁ ବାଲି ଉଠାଣ

# ବଟି ମାଗିବା ନେଇ ଥାନାରେ ମାମଲା

ସିନାପାଲି,(ସବ୍ୟୁ): ସିନାପାଲି ଥାନା ଅନ୍ତର୍ଗତ ଉଦନ୍ତୀ ନଦୀ କାପସି ଘାଟରୁ ବାଲି ଚୋରା ଚାଲାଣ ନେଇ ବାରମ୍ବାର ଅଭିଯୋଗ ହେଉଛି । ଏବେ କାପସି ଧୋବା ଘାଟ ବାଲି ଘାଟରୁ ବାଲି ଉଠାଣ ବନ୍ଦ ରହିଛି। ହେଲେ ସରକାରଙ୍କ ପ୍ରଦତ୍ତ ଆବାସ ଯୋଜନାରେ ଘର ତିଆରି ପାଇଁ ବାଲି ଉଠାଣ ନିମନ୍ତେ ହିତାଧିକାରୀ ବାଧ୍ୟ ହେଉଛନ୍ତି। ସୂଚନା ଅନୁସାରେ ଆବାସ ଯୋଜନାରେ ଘର ତିଆରି ପାଇଁ ବାଲି ନେଉଥିବା ଦୁଇ ଟ୍ରାକ୍ଟରକୁ ସଦର ସରପଞ୍ଚ ସ୍ୱାମୀ ରାଜୁ ମେହେର ବେଆଇନ ଅଟକ ରଖି ୫୦ ହଜାର ଟଙ୍କା ବଟି ଦେବା ପାଇଁ ଦାବି କରିଥିଲେ। ନଚେତ ଟ୍ରାକ୍ଟର ଦ୍ୱୟକୁ ନଛାଡିବା ପାଇଁ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ହିତାଧିକାରୀ ତଥା ଟ୍ରାକ୍ଟର ମାଲିକ ରାଜୁ ମେହେର ଓ ସହଯୋଗୀଙ୍କ ନାମରେ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବୋଡ଼େନ ବ୍ଲକ ଅନ୍ତର୍ଗତ ଲେସୁନପାଲି ଗ୍ରାମର ହେମ ପରାଭୋଇ ସ୍ୱାମୀ ରତ୍ନାକର ପରଭୋଇଙ୍କ ଘର ନିର୍ମାଣ ପାଇଁ ସ୍ଥାନୀୟ ଗୋପାଳ ପୋଡ଼ଙ୍କ ଟ୍ରାକ୍ଟରରେ ବାଲି ନିଆଯାଉଥିଲା। ଖବର ପାଇ ସିନାପାଲି ସରପଞ୍ଚଙ୍କ ସ୍ୱାମୀ ରାଜୁ ମେହେର ପିତା ଗିରିସ ମେହେର ସହଯୋଗୀଙ୍କ ସହ ମିଶି ଟ୍ରାକ୍ଟରକୁ ଅଟକ ରଖି ୫୦ ହଜାର ଟଙ୍କା ବଟି ମାଗିଥିଲେ । ନଚେତ ଟ୍ରାକ୍ଟର ଦ୍ୱୟକୁ ନଛାଡିବାକୁ କହିଥିଲେ। ଏନେଇ ଟ୍ରାକ୍ଟର ମାଲିକ ଆବାସ ଯୋଜନାରେ ଘର ତିଆରି କରିବା ପାଇଁ ବାଲି ନିଆଯାଉଥିବା କହି କାକୁତିମିନତି କରିଥିଲେ ହେଁ ଟ୍ରାକ୍ଟରକୁ ଛାଡି ନଥିଲେ। ବାରମ୍ବାର ଫୋନ କରି ଧମକ ଦେଇ ପଚାଶ ହଜାର ଟଙ୍କା ଦେବାପାଇଁ କହିବାରୁ ଗୋପାଳ ନିରୁପାୟ ହୋଇ ପଡ଼ିଥିଲେ। ଶେଷରେ କୌଣସି ଉପାୟ ନପାଇ ଗୋପାଳ ସିନାପାଲି ଥାନାର ଦ୍ୱାରସ୍ଥ ହୋଇ ରାଜୁ ମେହେର ଓ ସହଯୋଗୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ଓଡିଆ ଖଣ୍ଡାୟତ ସମାଜର ନୂଆଁଖାଇ ଭେଟ୍‌ଘାଟ୍



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ବ୍ରାହ୍ମଣପଡା ସ୍ଥିତ ବ୍ଲୁ ଲାଗୁନ ଠାରେ ଜିଲ୍ଲା ଓଡିଆ ଖଣ୍ଡାୟତ ସମାଜର ନୁଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ,ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସଭାପତିତ୍ୱ କରିଥିଲେ ସଭାପତି କାଳିଆ ବେହେରା । ସମ୍ମାନିତ ଅତିଥି ଭାବେ ଶିବ କୁମାର ନାଏକ ଏବଂ ମୁଖ୍ୟବକ୍ତା ବିକ୍ରମ କେଶରୀ ସିଂ ଉପସ୍ଥିତ ଥିଲେ । ସଭାକୁ ସଂଯୋଜନା କରିଥିଲେ କୋଷାଧ୍ୟକ୍ଷ ବିଜୟ ବରାଳ ଏବଂ ଅନିଲ କୁମାର ପ୍ରଧାନ । କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ସଂପାଦକ ହେମସାଗର ସ୍ୱାଇଁ ଏବଂ ନରେନ୍ଦ୍ର କବାଟ । ସଭା ପୂର୍ବରୁ ଇଷ୍ଟଦେବୀ ମାଁ ମଙ୍ଗଳା ଓ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଂପାଦକୀୟ ବିବରଣୀ ପାଠ ପରେ ମୁଖ୍ୟବକ୍ତା ଶ୍ରୀ ସିଂ ଖଣ୍ଡାୟତ ସମାଜର ଇତିହାସ କାର୍ଯ୍ୟାବଳୀ ଏବଂ ବିଗତ ଦିନରେ ତାଙ୍କର ବିରତ୍ୱ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଓଡିଆ ଖଣ୍ଡାୟତ ସମାଜ ତରଫରୁ ଏକ ସ୍ମାରକୀ ଓ ସଂଗ୍ରାହଳୟ ସ୍ଥାପନ ପାଇଁ ଆବଶ୍ୟକୀୟ ଜମି ଗୃହ ନିର୍ମାଣ ପାଇଁ ସମାଜ ପକ୍ଷରୁ ମନ୍ତ୍ରୀ ଡ଼.ମହାଲିଙ୍ଗ ଙ୍କୁ ଦାବି କରାଯାଇଥିଲା । ଏ ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି ଶିଶୁମାନେ ଅଂଶଗ୍ରହଣ କରିଥିଲେ । ଅର୍ଚ୍ଚନା ପାତ୍ର ଓ ନିସିର ପ୍ରଧାନ ସଂଗୀତଗାନ କରିଥିଲେ । ଧନ୍ୟବାଦ ଦେଇଥିଲେ କୋଷାଧ୍ୟକ୍ଷ ନରେନ୍ଦ୍ର କବାଟ ।

# ସଦାଇପାଲି ଗଜଲକ୍ଷ୍ମୀ ପୂଜାର ପ୍ରସ୍ତୁତି ବୈଠକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅଧିନ ସଦାଇପାଲି ଗ୍ରାମରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାପାଇଁ ଆୟୋଜକ ଫକିର ମୋହନ ଥାଟିଙ୍କ ଆବାହକତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂଗଠକ ପ୍ରଦୀପ୍ତ କୁମାର ମିଶ୍ର (ବଦ୍ରୀ) ସଭାପତିତ୍ୱ କରିଥିଲେ । ବିଗତ ବର୍ଷର ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ କୋଷାଧ୍ୟକ୍ଷ ଅର୍ନ୍ତୟାମି ପଟେଲ । ସାଧାରଣ ସମ୍ପାଦକ ପଞ୍ଚାନନ ମିଶ୍ର ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ପରେ ସମସ୍ତ ସଦସ୍ୟ ତଥା ଗ୍ରାମ ବାସୀଙ୍କ ସହଯୋଗରେ ଆଜି ପର୍ଯ୍ୟନ୍ତ ପୂଜା ଚାଲିଆସିଛି ଓ ୨୮ବର୍ଷରେ ପହଞ୍ଚିବା ସହ ଆଗକୁ ମଧ୍ୟ ଚାଲିବ ବୋଲି ମତ ପ୍ରକାଶ ପାଇଥିଲା । ଚଳିତ ବର୍ଷ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମାତା ଲକ୍ଷ୍ମୀଙ୍କ ଆର୍ଶୀବାଦରେ ହେବ ।ଚଳିତ ବର୍ଷ ପାଇଁ ଆୟୋଜକ ବାବରେ ଶ୍ରୀ ଥାଟି, ସଂଯୋଜକ ଭାବରେ ଶ୍ରୀ ମିଶ୍ର ଓ କୋଷାଧ୍ୟକ୍ଷ ଭାବରେ ଶ୍ରୀ ପଟେଲ ଦାଇତ୍ୱ ତୁଲାଇବେ ବୋଲି କମିଟି ବୈଠକରେ ନିଷ୍ପତି ହୋଇଛି । ବୈଠକରେ ବରିଷ୍ଠ ସଦସ୍ୟ ଶମ୍ଭୁ ପ୍ରଶାଦ ନାଏକ, ରାଜିନ୍ଦ୍ର ମିଶ୍ର, ପ୍ରେମାନନ୍ଦ ସାଏ, ହରେକୃଷ୍ଣ ସାହୁ, ପ୍ରଦୀପ ସେଠ, ଗୌରି ନାଏକ, ରଘୁ ନାଏକ, ରମାକାନ୍ତ ମେଶ୍ରା, ସମୀର କରନ, ନିଖିଲ ସାଏ, ରଶ୍ମୀକାନ୍ତ ନାଏକ, ରାଧାକାନ୍ତ ନାଏକ, ରାଜେଶ ବାରିକ, ରମାକାନ୍ତ ନାଏକ, ପ୍ରଶାନ୍ତ ନାଏକ, ନନ୍ଦ ସାଏ, ଯୋଶବନ୍ତ ଭୋଇ, ମାନସ ନାଏକ ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ । ଆୟୋଜକ ଶ୍ରୀ ଥାଟି ଧନ୍ୟବାଦ ଦେଇଥଲେ ।

# ଗୋବିନ୍ଦତୋଲା ଦୁର୍ଗାପୂଜାର ବିଲ୍ୱବରଣ ଓ କଳସ ଅଧିବାସ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗୋବିନ୍ଦତୋଲା ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ୫୬ ବର୍ଷରେ ପଦାର୍ପଣ କରିଛି । ପ୍ରାରମ୍ଭିକ ଦିବସରେ ଗୋବିନ୍ଦତୋଲା ଦୁର୍ଗାପୂଜା ମଣ୍ଡପରୁ ଦୁଲଦୁଲି ବାଜା, ଶଙ୍ଖ ଓ ଘଣ୍ଟର ପ୍ରକମ୍ପିତ ଧ୍ୱନିରେ ଏକ କଳସ ଶୋଭାଯାତ୍ରା ବାହାରି ହରଡ଼ ଜୋରରେ କଳସ ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ପୂର୍ବରୁ ଗୋବିନ୍ଦତୋଲା ବସ୍ତିରେ ବିଲ୍‌ବରଣ ପୂଜାର୍ଚନା କରାଯାଇଥିଲା । ପଣ୍ଡିତ ଜଗଦୀଶ ଦାସ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଚଳିତ ବର୍ଷ କର୍ତ୍ତା ଦାୟିତ୍ୱରେ ଇ. ସଞ୍ଜୟ ତ୍ରିପାଠୀ ଓ ତାଙ୍କର ସହଧର୍ମିଣୀ ଡାକ୍ତର ନମିତା ନାଥଙ୍କ ସମେତ ଦୁର୍ଗାପୂଜା କମିଟିର ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଡମ୍ବରୁଧର ରଣା ପ୍ରମୁଖ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ଗୌରୀଦାସ ପଣ୍ଡା ଓ ଦୀପକ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ଦେଶୀ ମଦ ଜବତ, ଜଣେ ଗିରଫ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଥାନା ପକ୍ଷରୁ ଚଢାଉ କରାଯାଇ ୧୨ ଲିଟର ଦେଶୀମଦ ସହିତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ହରଭଙ୍ଗା ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମରେ ଦେଶୀମଦ ପ୍ରସ୍ତୁତି ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ ବୌଦ୍ଧ ଥାନା ଅଧିକାରୀ ରଂଜିତ କୁମାର ମୁନିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ଚଢଉ କରିଥିଲେ। ମଥୁରା ଗ୍ରାମର ଭରତ ମିର୍ଦ୍ଧାଙ୍କ ବାରିପଟେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବାବେଳେ ପୁଲିସ ଅତର୍କିତ ଭାବରେ ଚଢାଉ କରି ୧୨ ଲିଟର ଦେଶୀମଦ ସହିତ ଦୁଇଟି ଆଲୁମିନିୟମ ଡେକଚି ଜବତ କରିଥିଲା।

# ଖବର ପ୍ରକାଶ ପରେ ସୁରକ୍ଷା ବାଡ ନିର୍ମାଣ

ସୋନପୁର ,(ସବ୍ୟୁ): ସୋନପୁର ସହରର ପଟାଭାଡି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁରକ୍ଷା ପାଚେରୀ ନିର୍ମାଣ ହୋଇଛି। ଗତ କିଛି ଦିନ ପୂର୍ବେ ମୁକୁଳା ପଡିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ନେଇ ଅଗଷ୍ଟ ୧୦ ରେ ଦୈନିକ 'ସମୟ' ଖବରକାଗଜରେ ନ୍ୟୁଜ୍ ପ୍ରକାଶିତ ହୋଇଥିଲା । ଉକ୍ତ ଖବରକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ଟୁଇଟର ଏବଂ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ବିଭାଗ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ସୁରକ୍ଷା ପାଚେରୀ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ମାରୁତି ନଗରର ଏକ ବଡ ସମସ୍ୟାର ସମାଧାନ କରିଥିବାରୁ ମାରୁତି ନଗରବାସୀ ସାମାଜିକ କର୍ମୀ ସର୍ଜନ ପାଣ୍ଡେଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସର୍ଜନ ପାଣ୍ଡେଙ୍କ ଉକ୍ତ ପ୍ରୟାସକୁ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରିଛନ୍ତି ।

## ୬ କୋଟି ଟଙ୍କାରେ ନିର୍ମିତ ଅଡିଟୋରିୟମ

# ବାର୍ଷିକ ୫ ଲକ୍ଷ ଟଙ୍କାରେ ଲିଜ୍!




ରାୟଗଡା,(ସବ୍ୟୁ): ରାୟଗଡା ପୌରପରିଷଦ କାର୍ଯ୍ୟାଳୟ ପାର୍ଶ୍ୱରେ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜିଲ୍ଲାର ପ୍ରଥମ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରୀତ ବିଜୁ ପଟନାୟକ ଅଡିଟୋରିୟମକୁ ମାତ୍ର ୫ ଲକ୍ଷ ଟଙ୍କାରେ ଲିଜ ପ୍ରଦାନ କରାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରୀୟା ପ୍ରକାଶ ପାଇଛି । ଏନେଇ ପୌରପରିଷଦ ପକ୍ଷରୁ ଏକ୍ସପ୍ରେସନ ଅଫ ଇଣ୍ଟ୍ରେଷ୍ଟ ବିଜ୍ଞପ୍ତି ପ୍ରକାଶ ପାଇଛି । ପୌରସଂସ୍ଥା କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥରେ ଅତ୍ୟାଧୁନିକ ଅଡିଟୋରିଓମକୁ ଅନଭିଜ୍ଞ ସଂସ୍ଥା ଓ ବ୍ୟକ୍ତି ବିଶେଷ ହାତରେ ଟେକିଦେବା ପାଇଁ ଯୋଜନା କରୁଛନ୍ତି ତାକୁ ନେଇ ଚର୍ଚ୍ଚା ଧରିଛି । ଏଥିରେ ଲକ୍ଷାଧିକ ଟଙ୍କାର ଡିଲ ହୋଇଥିବା ଆଲୋଚନା ହେଉଛି । ଜିଲ୍ଲାପାଳ ଓ ଜିଲ୍ଲା ନଗର ଉନ୍ନୟନ ଅଧିକାରୀ ଏଥିରେ ତଦନ୍ତ କରି ବିହିତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି । ରାୟଗଡା ଜିଲ୍ଲା ଗଠନ ହେବାର ୩୨ ବର୍ଷ ବିତିଯାଇଥିଲେ ମଧ୍ୟ ସଦର ମହକୁମା ଠାରେ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କୌଣସି ଉପଯୁକ୍ତ ଅଡିଟୋରିୟମ୍ ନଥିଲା । ତତ୍କାଳୀନ ଜିଲ୍ଲାପାଳ ଗୁହା ପୁନମ ତାପସ କୁମାର ଓ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍.ଭାସ୍କର ରାଓଙ୍କ ଉଦ୍ୟମକ୍ରମେ ୨୦୧୮ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ଦ୍ୱାରା ଅଡିଟୋରିଓୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତତ୍କାଳୀନ ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗତ ଜୁନ-୬-୨୦୨୩ ରେ ଏହାକୁ ଉଦଘାଟନ କରିଥିଲେ । ନିର୍ମାଣ କାର୍ଯ୍ୟ ସରିବା ପରେ ପୌରପରିଷଦକୁ ଅଡିଟୋରିୟମର ରକ୍ଷଣବେକ୍ଷଣ ଓ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା । ପୌର କର୍ତ୍ତୃପକ୍ଷ ଚଞ୍ଚକତାକରି କର୍ମଚାରୀ ଅଭାବ ଦର୍ଶାଇ ବାର୍ଷିକ ମାତ୍ର ୫ ଲକ୍ଷ ଟଙ୍କାରେ ଅଡିଟୋରିୟମକୁ ବ୍ୟକ୍ତି ବିଶେଷ ହାତରେ ଟେକି ଦେବାପାଇଁ ଚକ୍ରାନ୍ତ କରୁଛନ୍ତି । ପୌରପରିଷଦରେ ୫୨ ଜଣ କର୍ମଚାରୀ ମଧ୍ୟରୁ ୧୧ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଅପରପକ୍ଷେ ପୌରକର୍ତ୍ତୃପକ୍ଷ ଆଉ ୫୦ରୁ ଊର୍ଦ୍ଧ ଜଣ ଠିକା କର୍ମଚାରୀ ନିଯୁକ୍ତି ନେଇ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ପୌର କର୍ତ୍ତୃପକ୍ଷଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତା ନେଇ ବର୍ତ୍ତମାନ ସନ୍ଦେହ ଘେରକୁ ଆସିଛି । ପୌରପରିଷଦ କାର୍ଯ୍ୟାଳୟ ପତ୍ରସଂଖ୍ୟା ୩୫୫୧ ତା ୩୦/୦୯/୨୦୨୪ରେ ଏକ୍ସପ୍ରେସନ ଅଫ ଇଣ୍ଟ୍ରେଷ୍ଟରେ ବିଜୁ ପଟନାୟକ ଅଡିଟୋରିଓମକୁ ବାର୍ଷିକ ୫ଲକ୍ଷ ଟଙ୍କା ଅଫସେଟ ପ୍ରାଇସରେ ଲିଜ୍ ଦେବାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି ଛ ଇଚ୍ଛୁକ ସ୍ୱଂୟସହାୟକ ଗୋଷ୍ଠି, ସଂସ୍ଥା, ଏନ.ଜି.ଓ ଓ ଠିକାଦାର ଲିଜ୍ ପାଇଁ ଟେଣ୍ଡର ସେଡ୍ୟୁଲ କ୍ରୟକରି ଆବଦେନ କରିପାରିବେ । ଟେଣ୍ଡରରେ ଲିଜଧାରୀଙ୍କୁ ସୁହାଇଲାଭଳି ବିଭିନ୍ନ କୋହଳ ସର୍ତ୍ତ ରଖାଯାଇଛି। ପୌରପରିଷଦରେ ପର୍ଯ୍ୟାପ୍ତ କର୍ମଚାରୀ ଥାଇ ମଧ୍ୟ ଏହାର ପରିଚାଳନା ଦାୟିତ୍ୱ ବେସରକାରୀ ସଂସ୍ଥା ହାତରେ ଟେକି ଦେଇ ୬ କୋଟି ଟଙ୍କାରେ ର୍ନିମିତ ଅଡିଟୋରିଓମକୁ ରକ୍ଷଣାବେକ୍ଷଣା ନକରି ନଷ୍ଟ କରିଦେବାପାଇଁ ଉଦ୍ୟମ କରୁଛନ୍ତି ବୋଲି ବରିଷ୍ଠ ନାଗରିକ କ୍ଷମାସାଗର ସୁନାମୁଦି ଅଭିଯୋଗ କରିଛନ୍ତି। ଟେଣ୍ଡର ପ୍ରକ୍ରୀୟାକୁ ନେଇ ପୌରପରିଷଦ ର୍ନିବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର କହିଛନ୍ତି ଯେ ସମସ୍ତ ନିୟମ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାର ସର୍ବନିମ୍ନ ଦର ୫ଲକ୍ଷ ଧାର୍ଯ୍ୟ କରାଯାଇଛି। ଯେଉଁ ବ୍ୟକ୍ତି ଯେତେ ଅଧିକ ଦରରେ ନେଇପାରିବ ତାଙ୍କୁ ପ୍ରଦାନ କରାଯିବ ବୋଲି ମତ ଦେଇଛନ୍ତି।

# ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦ୍‌ଯାପିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବଡ଼ବଜାର ଗୌରୀଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଠାରେ ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦଯାପିତ ହୋଇଯାଇଛି। ସମ୍ବଲପୁରର ଯୁବ ଚିତ୍ରଶିଳ୍ପୀଙ୍କ ଉଦ୍ୟମରେ ଗତ ୩ ତାରିଖରୁ ଏହା ଆରମ୍ଭ ହୋଇଥିଲା। ଉଦଯାପନୀ ଉତ୍ସବରେ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳନାଥ ନାୟକ, ରାଧାରମଣ ମୁଦୁଲି ଓ ସଞ୍ଜୟ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ୩୬ ଜଣ ଯୁବ ଚିତ୍ରଶିଳ୍ପୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏଥିସହ ଚିତ୍ରାଙ୍କନ ପ୍ରତିଯୋଗିତାର ୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାରେ ସଞ୍ଜୟ ସାହୁ ଓ ପବିତ୍ର ବେରିହା ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ବିଦ୍ୟାପତି ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଯୁବ ଚିତ୍ରଶିଳ୍ପୀ କୁଳଦୀପ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୧୬)
-ବିଭୂତିଯୋଗଃ-
( ଅର୍ଜ୍ଜୁନ ଉବାଚ )

**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥୧୬॥**

(ଯେହେତୁ ତୁମ ଅଭିବ୍ୟକ୍ତି ତୁମେ ଜାଣ, ଦେବତାମାନେ ସୁଦ୍ଧା ଜାଣନ୍ତି ନାହିଁ, ଅତଏବ) ତୁମେ ଯେଉଁ ବିଭୂତି ଦ୍ୱାରା ଏହି ସମସ୍ତ ଲୋକକୁ ବ୍ୟାପି ରହିଛ, ସେହି ଅତି ଅଦ୍ଭୁତ ବିଭୂତି ସବୁ ବିସ୍ତୃତ ଭାବରେ କୁହ ॥୧୬॥

# ଭବିଷ୍ୟତ ସୁରକ୍ଷା ଚିନ୍ତା

ସମ୍ପାଦକୀୟ

ଜଳବାୟୁ ପରିବର୍ତ୍ତନ ହେଉଛି ଆମର ସମୟର ପରିଭାଷିତ ପ୍ରସଙ୍ଗ ଏବଂ ଆମେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଅଛୁ । ପାଣିପାଗ ଢାଞ୍ଚା ବଦଳିବାରେ ଲାଗିଛି ଏବଂ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବୃଦ୍ଧିପାଉଛି । ଏସବୁ ଆମର ଜୀବନଶୈଳୀକୁ ପ୍ରଭାବିତ କରୁଛି । କୃଷି ପ୍ରଭାବିତ ହେବାରେ ଲାଗିଛି, ଯାହା ଭବିଷ୍ୟତରେ ଖାଦ୍ୟାଭାବ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି । ସ୍ୱାସ୍ଥ୍ୟ ପ୍ରଭାବିତ ହେବ । ମୋଟାମୋଟି ଭାବରେ, ଅର୍ଥନୀତି ସଂକୁଚିତ ହେବ । ବିଶ୍ୱର ଗତି କୁଆଡେ ? କଣ ହେବ ଆମର ସ୍ଥିତି ଓ ପରିସ୍ଥିତି ? ମାନବ ସମାଜ, ଜୀବଜଗତ, ବୃକ୍ଷଲତା, ଜଳସ୍ଥଳ, ସବୁକିଛି ଏବେ ଅବକ୍ଷୟ ଆଡକୁ ଗତିକରୁଛି । ଏହାକୁ ନେଇ ହୁଏତ, ଆମ ସମସ୍ତଙ୍କ ମଧ୍ୟରେ, ସେତିକି ସଚେତନତା ଆସି ପାରିନାହିଁ । ତାର କାରଣ ହେଉଛି, ଆମେ କେବଳ ଆଜି କଥା ଚିନ୍ତା କରୁଛେ ଏବଂ ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ, ଭବିଷ୍ୟତ କଥା ଭୁଲିଯାଉଛେ । ଆମେ ସମସ୍ତେ ବିଶ୍ୱ, ଦେଶ, ରାଜ୍ୟ, ଅଞ୍ଚଳ, ସମାଜର ଭବିଷ୍ୟତ ଅପେକ୍ଷା ଅଧିକ ଚିନ୍ତା କରିଥାଉ ଆମର ପିଲାଛୁଆଙ୍କ କଥା, ଆମର ପରପିଢ଼ି କଥା । ପରପିଢ଼ି କେମିତି ଭଲରେ ରହିବେ, ଭଲ ରୋଜଗାର କରିବେ, ଭଲରେ ଚଳିବେ, ସେମାନଙ୍କର ଦେହପା' ଭଲ ରହିବ, ସେ ନେଇ ଆମର ଅନେକ ଚିନ୍ତା, ଅନେକ ଯୋଜନା । କିନ୍ତୁ ଯୋଜନା ଫଳପ୍ରଦ ହେବନାହିଁ, ଯେ'ପର୍ଯ୍ୟନ୍ତ ଆମେ ଭବିଷ୍ୟତର ସବୁଠାରୁ ବଡ ସମସ୍ୟାକୁ ନେଇ ବିଚାର ନ କରିବା । ଭବିଷ୍ୟତର ଅର୍ଥନୀତି, ସାମାଜିକ ସ୍ଥିତି ସବୁକିଛି ନିର୍ଭର କରେ, ଆମର ଜଳବାୟୁ ଉପରେ । କିନ୍ତୁ ଏହାକୁ ନେଇ ଆମର ଚିନ୍ତା ନାହିଁ, ନିଘା ନାହିଁ । ଯେଉଁ ଅନୁସାରେ, ଜଳବାୟୁ ପରିବର୍ତ୍ତନ ହେଇଚାଲିଛି, ସେ ଅନୁସାରେ, ଆମେ ନିଜକୁ ପ୍ରସ୍ତୁତ କରିପାରୁନାହୁଁ । ପ୍ରତିକାର କଥା ଚିନ୍ତାକରୁଛେ, କିନ୍ତୁ ଅପେକ୍ଷାକୃତ କମ୍ ଗତିରେ କାର୍ଯ୍ୟ କରୁଛେ । ଜଳ, ସ୍ଥଳ, ବାୟୁ ହିଁ ଆମ ପାଇଁ ସବୁକିଛି, କିନ୍ତୁ ସବୁ ଅବକ୍ଷୟମୁଖୀ । ଜଳବାୟୁ ପରିବର୍ତ୍ତନ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ ଆହ୍ୱାନ । ଏହା ଜଟିଳ ଏବଂ ଏକାଧିକ ଉପାୟରେ ମାନବ ସମାଜକୁ ବ୍ୟାପକ ଭାବରେ ପ୍ରଭାବିତ କରିବାକୁ ଯାଉଛି । ମାନବ ସମାଜ ଚାହିଁଲେ ହିଁ ଏହାର ସମାଧାନ କରାଯାଇ ପାରିବ । ଜଳବାୟୁ ପ୍ରତି ଆମେ ଅନ୍ୟାୟ କରିଚାଲିଛେ, ଯାହାର ପ୍ରଭାବ ଆମକୁ ଭୋଗିବାକୁ ପଡିବ । ଆମେ କରୁଥିବା ଅନ୍ୟାୟ ପ୍ରତି ଆମେ ସଚେତନ ହେବାର ଆବଶ୍ୟକତା ରହିଛି । ଏହି ସମସ୍ୟାରେ ଅଧିକ ଯୋଗଦାନ ଦେଉଥିବା ରାଷ୍ଟ୍ରଗୁଡ଼ିକ କମ୍ ପ୍ରଭାବିତ ହେଉଥିବାବେଳେ, ଯେଉଁମାନେ କମ୍ ଦାୟୀ, ସେମାନେ ପ୍ରାୟତଃ ଅଧିକ ପ୍ରଭାବିତ ହୁଅନ୍ତି । ଜଳବାୟୁ ପରିବର୍ତ୍ତନ ସହିତ ବିପର୍ଯ୍ୟୟ ଏବଂ ଆଭ୍ୟନ୍ତରୀଣ ବିସ୍ଥାପନର ଆଶଙ୍କା ବଢିଥାଏ, ଯାହା ଅସମାନତା ଏବଂ ଦାରିଦ୍ର୍ୟକୁ ବଢାଇବାରେ ସହାୟକ ହେଇଥାଏ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ବିସ୍ଥାପନର ଏହା ଗୋଟିଏ ପ୍ରମୁଖ କାରଣ ଭାବରେ ଉଭାହେଇଛି । ପରିବେଶ ସ୍ତରରେ ପ୍ରକୃତି / ପୋଷଣର ବିନାଶ କିମ୍ବା ବିଚ୍ଛିନ୍ନତା ଅଧିକ ଦୃଶ୍ୟମାନ ହୁଏ, ପ୍ରାକୃତିକ ସମ୍ପଦର ଉପଲବ୍ଧତା ଏବଂ ହ୍ରାସ ଉପରେ ଦୃଢ ପ୍ରଭାବ ପକାଇଥାଏ । ଏହାର ପ୍ରଭାବରେ ସାମାଜିକ ବ୍ୟବସ୍ଥା ମଧ୍ୟ ଭୁଶୁଡି ଯିବାର ସମ୍ଭାବନା ଥାଏ ଏବଂ ଗୃହ, ଖାଦ୍ୟାଭାବ, ଅର୍ଥନୈତିକ କ୍ଷତି, କ୍ଷୁଧା ଏବଂ ଜନ ସ୍ୱାସ୍ଥ୍ୟ ବିପର୍ଯ୍ୟୟକୁ ବଢ଼ାଇଥାଏ । ପରୋକ୍ଷରେ, ଜଳବାୟୁ ପରିବର୍ତ୍ତନ ସାଂସ୍କୃତିକ ସମ୍ପୃକ୍ତି ଏବଂ ବ୍ୟକ୍ତିଗତ ଓ ସାମୂହିକ ପରିଚୟକୁ ନଷ୍ଟ କରିଥାଏ । ଅଧିକନ୍ତୁ, ଜଳବାୟୁ ପରିବର୍ତ୍ତନ ମାନବ କଲ୍ୟାଣ ଉପରେ ବ୍ୟାପକ ପ୍ରଭାବ ପକାଇବ, ଯାହା ସାମାଜିକ ଗଠନ ଏବଂ ଜୀବନଶୈଳୀ ଉପରେ ପ୍ରତିଫଳିତ ହେବ । ତେଣୁ ଆମର ଦୈନନ୍ଦିନ ସମସ୍ୟା ଅପେକ୍ଷା, ଏହା ଗୋଟିଏ ବଡ ସମସ୍ୟା ଭାବରେ ଉଭା ହେବାରେ ଲାଗିଛି । ତାପମାତ୍ରା ବଢ଼ିବାରେ ଲାଗିଛି, ସମୁଦ୍ର ପତନ ବୃଦ୍ଧି ପାଉଛି, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି, ତେଣୁ ଭବିଷ୍ୟତ ପିଢ଼ି କେତେ ସୁରକ୍ଷିତ, ତାହା ଆମେ ଅନୁମାନ କରିପାରିବା । ଅନୁସନ୍ଧାନରୁ ଜଣାପଡିଛି ଯେ ସମୁଦ୍ର ପତନ ବୃଦ୍ଧି ଆଜି ସମଗ୍ର ବିଶ୍ୱରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟ ଏବଂ ତଳିଆ ଅଞ୍ଚଳରେ ଥିବା ଦ୍ୱୀପପୁଞ୍ଜ ଦେଶର ଜୀବନ ଏବଂ ଜୀବିକା ଉପରେ ପ୍ରଭାବ ପକାଉଛି ଏବଂ ଏହା କ୍ରମେ ବଢ଼ିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ସବୁଠାରୁ ବଡ ପଦକ୍ଷେପ ହେଉଛି, ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ହ୍ରାସ କରିବା ମିଳିତ ଜାତିସଂଘ ଅନୁଯାୟୀ ଆମେ । କାଠ, ତୈଳ ଏବଂ ପ୍ରାକୃତିକ ଗ୍ୟାସର ବ୍ୟବହାର ପୃଥିବୀର ଉତ୍ତାପ ସୃଷ୍ଟି କରୁଥିବା ଅଧିକାଂଶ ନିର୍ଗମନ ପାଇଁ ଦାୟୀ- ୭୫ ପ୍ରତିଶତରୁ ଅଧିକ । ଅକ୍ଷୟ ଶକ୍ତିକୁ ସବୁ କ୍ଷେତ୍ରରେ ଏବଂ ବହୁଳ ଭାବରେ ବ୍ୟବହାର କରିବାକୁ ପଡିବ । ଖୁସିର କଥା, ଟେକ୍ନୋଲୋଜିର ଉନ୍ନତି ଏବଂ ଉତ୍ପାଦନ ଖର୍ଚ୍ଚ ହ୍ରାସ ହେତୁ ସ୍ୱଚ୍ଛ ଶକ୍ତି ବ୍ୟବହାର ବଢ଼ିବାରେ ଲାଗିଛି । ଦକ୍ଷତା ହେଉଛି ଆମର ସର୍ବବୃହତ୍ ଶକ୍ତି ଉତ୍ସ । ବିଗତ ୪୦ ବର୍ଷ ମଧ୍ୟରେ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି କରିଥିବାରୁ ଆମେ ସମାନ କାମପାଇଁ କମ ପରିମାଣର ଶକ୍ତି ବ୍ୟବହାର କରୁଛୁ ଏବଂ ଏ ଦିଗରେ ଆମର ଜ୍ଞାନକୌଶଳ ଆହୁରି ଉନ୍ନତ ହେବାର ଆବଶ୍ୟକତା ରହିଛି । ଶକ୍ତି ଦକ୍ଷତା ରଣନୀତି ଏକାଧିକ ସେକ୍ଟରରେ ପ୍ରୟୋଗ ହୋଇପାରିବ: ଆମର ପାୱାର ପ୍ଲାଣ୍ଟ, ବୈଦ୍ୟୁତିକ ଗ୍ରୀଡ୍, କାରଖାନା, ଯାନ, କୋଠା, ଘର ଉପକରଣ, ସବୁଠି । ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇରେ ଜୈବ ଇନ୍ଧନରୁ ସ୍ୱଚ୍ଛ ଶକ୍ତିକୁ ସ୍ଥାନାନ୍ତର ହେଉଛି ଚାବିକାଠି । ଅକ୍ଷୟ ଶକ୍ତିର ଉତ୍ସ ଯଥା, ସୌର ଶକ୍ତି, ପବନ ଶକ୍ତି, ଜିଓଥର୍ମାଲ ଓ ଜଳ ବିଦ୍ୟୁତ ଶକ୍ତି, ବାୟୋମାସ୍ ଶକ୍ତିର ବହୁଳ ଉତ୍ପାଦନ ଏବଂ ବ୍ୟବହାରକୁ ଆମେ ତ୍ୱରାନ୍ୱିତ କରିବା ଆବଶ୍ୟକ ।

# ବନ୍ୟପ୍ରାଣୀ ସୁରକ୍ଷା ଜରୁରୀ



ଜୟଶ୍ରୀ ପଟ୍ଟନାୟକ



ଅମୃତମୟ ସୃଷ୍ଟିରେ ବିଭିନ୍ନ କିସମର ଜୀବ ଓ ଉଦ୍ଭିଦ ସମସ୍ତେ ରହିଥାନ୍ତି । କ୍ଷୁଦ୍ର ପିମ୍ପୁଡି ଠାରୁ ଆରମ୍ଭ କରି ବୃହତ ହାତୀ ପରି ଜୀବ ମଧ୍ୟ ସୃଷ୍ଟିରେ ବାସ କରୁଛନ୍ତି । ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ସବୁଠାରୁ ଶ୍ରେଷ୍ଠ, କାରଣ ମନୁଷ୍ୟର ବୁଦ୍ଧି ବିଚାର ଶକ୍ତି ରହିଛି । ଏହା ଦ୍ୱାରା ସେ ଅନ୍ୟ ସମସ୍ତ ଜୀବକୁ ଆୟତ୍ତ କରିପାରିଛି । ଅବଶ୍ୟ, ଆଦିମ କାଳରୁ ମଣିଷ, ପଶୁ ପକ୍ଷୀ ସ୍ୱଚ୍ଛନ୍ଦରେ ବଣ ଜଙ୍ଗଲରେ ବାସ କରି ଆସୁଥିଲେ । କିନ୍ତୁ, କାଳକ୍ରମେ ମନୁଷ୍ୟ ନିଜର ବିଚାରବୁଦ୍ଧି ବଳରେ ପଶୁପକ୍ଷୀ ତଥା ବଣଜଙ୍ଗଲରୁ ଦୂରେଇ ନିଜର ସ୍ୱତନ୍ତ୍ର ବସତି ସ୍ଥାପନ କରି ବସବାସ କରିବାକୁ ଲାଗିଲା ।

ସମୟକ୍ରମେ, ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜନବସତି ତଥା ମନୁଷ୍ୟର ଅନ୍ୟାନ୍ୟ ଆବଶ୍ୟକତା ଯୋଗୁଁ ଅନେକାଂଶରେ ଜଙ୍ଗଲ କ୍ଷୟପ୍ରାପ୍ତ ହେବାରେ ଲାଗିଲା । ଜଙ୍ଗଲ କ୍ଷୟ ହେବା ଯୋଗୁଁ ବନ୍ୟଜନ୍ତୁ ପ୍ରଭାବିତ ହେଲେ । ପରିବେଶ ସୁରକ୍ଷା କରନ୍ତି ଜୀବଜନ୍ତୁ । ଜଙ୍ଗଲ ପରି ବନ୍ୟଜନ୍ତୁଙ୍କର ସଂରକ୍ଷଣର ମଧ୍ୟ ଆବଶ୍ୟକତା ରହିଛି । ସେମାନଙ୍କର ସୁରକ୍ଷା କରିବା ଦ୍ୱାରା ପ୍ରକୃତିର ସୁରକ୍ଷା ହୋଇପାରିବ । ଜନସଂଖ୍ୟା ବୃଦ୍ଧି ଫଳରେ, ଜଙ୍ଗଲର ବୃକ୍ଷଲତା କାଟି ପଦା କରିଦେବା ଯୋଗୁଁ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଏଣେତେଣେ ଘୂରି ବୁଲୁଥାନ୍ତି । ବନ୍ୟଜନ୍ତୁଙ୍କ ଶିଙ୍ଗ, ଦାନ୍ତ, ଚମଡ଼ା, ମାଂସ ପାଇଁ, ଅନେକ ସମୟରେ ପଶୁ ଶିକାରୀମାନେ ଅବାଧ ପଶୁ ଶିକାର କରୁଥିବାରୁ ପଶୁପକ୍ଷୀ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି ।

ଦିନ ଥିଲା ପାରା ଚିଠିର ବାହକ ଥିଲା, ଶୁଆ ମନୋରଞ୍ଜନର ମାଧ୍ୟମ ଥିଲା, ମୟୂର ସୁନ୍ଦର ପକ୍ଷୀରେ ଗଣା ହେଉଥିଲା, ଘରଚଟିଆ ବାଲିଧୂଳିରେ ଗାତ କରି ଡେଣା ଝାଡ଼ି ଧୂଳି ବିଞ୍ଚୁଥିଲା । ଏମିତି ଆହୁରି ଅନେକ ପଶୁପକ୍ଷୀ ହଜିଗଲେଣି ଆମ ଦୃଶ୍ୟପଟରୁ । କିଛି କିଛି ବଂଶ ବିସ୍ତାର ଅଭାବରେ ଲୁପ୍ତ ମଧ୍ୟ ହୋଇଗଲେଣି । କେବଳ ଚିଡିଆଖାନା ମାଧ୍ୟମରେ ଆମେ ସେମାନଙ୍କୁ ଦେଖିବାକୁ ପାଉଛୁ ଆଉ ବହିର ଚିତ୍ରରେ, ଗଣମାଧ୍ୟମ ଜରିଆରେ । ଯେହେତୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ଅଭୟାରଣ୍ୟ ଆଜି ସହରୀକରଣ, ନଭଶ୍ଚୁମ୍ବି ଅଟ୍ଟାଳିକା ନିର୍ମାଣରେ ପରିଣତ ହୋଇଛି । ନା ରହିଛି ଜଙ୍ଗଲ ନା ଶୁଭୁଛି ପକ୍ଷୀର କାକଳି । ଯାହାଫଳରେ ବର୍ତ୍ତମାନ ବିଶ୍ୱ ଜଳବାୟୁ ଅସନ୍ତୁଳନର ସମସ୍ୟା ସହ ବଞ୍ଚିବାକୁ ସଂଘର୍ଷ କରୁଛି ।

ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ, ପ୍ରତିବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ଯାଏଁ ପାଳିତ ହେଇଆସୁଛି ବନ୍ୟପ୍ରାଣୀ ସପ୍ତାହ । ଏହା ନେଇ ସଚେତନତା ଆରମ୍ଭ ହୋଇଥିଲା ୧୯୫୨ ମସିହାରେ । ୧୯୫୭ ମସିହାରୁ 'ଇଣ୍ଡିଆନ ବୋର୍ଡ ଅଫ୍ ୱାଇଲଡ଼ ଲାଇଫ୍' ଦ୍ୱାରା ପାଳନ ହେଇଥିଲା । '୧୯୭୨ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ', ବ୍ୟାଘ୍ର ସଂରକ୍ଷଣ ନିୟମ ପ୍ରଣୟନ ହେଲା । ମୁଖ୍ୟ ଉଦ୍ଦେଶ୍ୟ ବନ୍ୟପ୍ରାଣୀଙ୍କୁ ବଞ୍ଚେଇ ରଖିବା, ସେମାନଙ୍କ ପ୍ରତି ଯତ୍ନଶୀଳ ହେବା, ସଂରକ୍ଷଣ କରିବା । ଜୀବମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ପାଇଁ ଯୁଗେ ଯୁଗେ ମହାପୁରୁଷମାନେ ଶିକ୍ଷା ଦେଇଯାଇଛନ୍ତି । ଆଦି କବି ବାଲ୍ମୀକି ବ୍ୟାଧ ଶରରେ ଆହତ କ୍ରୌଞ୍ଚ ପକ୍ଷୀର ଦୁଃଖରେ ବ୍ୟଥିତ ହୋଇ ପ୍ରଥମ କବିତା ଲେଖିଥିଲେ । ବୁଦ୍ଧଦେବ ଦେବଦତ୍ତର ଶରାଘାତରେ ଆହତ ହଂସକୁ ଦେଖି ବିଗଳିତ ହୃଦୟରେ ତାକୁ କୋଳାଗ୍ରତ କରି, ସେବା ଶୁଶ୍ରୁଷା କରି ନବ ଜୀବନ ପ୍ରଦାନ କରିଥିଲେ । ମୁନିଋଷିମାନେ ଅପାର ଦୟା ପ୍ରଦର୍ଶନ କରି ବଣ ମଧ୍ୟରେ ପଶୁମାନଙ୍କୁ ଆପଣାର କରି ନେଉଥିଲେ । ଆଜି ମାନବ ଅନେକାଂଶରେ ଏ ଆଦର୍ଶକୁ ସମ୍ପୂର୍ଣ୍ଣ ଭୁଲିଯାଇଛି କହିଲେ ଚଳେ । ମୁକ୍ତ ଆକାଶରେ ପରମ ଆନନ୍ଦରେ ବିହାର କରୁଥିବା ପକ୍ଷୀ ଏବଂ ସବୁଜ ବନଭୂମିରେ ଜୀବନ ବିତାଉଥିବା ପଶୁମାନଙ୍କୁ ଅନେକେ ବିଭିନ୍ନ କାରଣରୁ ଶିକାର କରୁଛନ୍ତି । କେତେକ ନିଜ ଗୃହରେ ପାଳନ କରିଥିବା ଛାଗ, କୁକୁଟ ଆଦି ଜୀବଙ୍କୁ ହତ୍ୟା କରି, ସେମାନଙ୍କ ମାଂସ ମଧ୍ୟ ଭକ୍ଷଣ କରୁଛନ୍ତି ।

ଜୀବଜନ୍ତୁ ଯେପରିକି, ଶାଗୁଣା, କାଉ, ଚିଲ ପରିବେଶକୁ ଦୂଷିତ ହେବାରୁ ରକ୍ଷା କରନ୍ତି । ସେହିଭଳି କେତେକ ପଶୁଙ୍କ ଚର୍ବି, ହାଡ଼, ମାଂସରେ ଅନେକ ଔଷଧ ପ୍ରସ୍ତୁତ ହୁଏ । ଚିଡିଆଖାନା, ଅଭୟାରଣ୍ୟ ଯୋଗୁଁ ଦେଶର ଅର୍ଥନୈତିକ ବିକାଶ ହୁଏ । ଏ ସବୁ ପ୍ରତି ପର୍ଯ୍ୟଟକମାନେ ଆକର୍ଷିତ ହୁଅନ୍ତି । ଅରଣ୍ୟର ସୌନ୍ଦର୍ଯ୍ୟ ବୃଦ୍ଧିପାଏ । ପକ୍ଷୀ କାକଳି କାନକୁ ଶ୍ରୁତି ମଧୁର ଲାଗେ । ତାଙ୍କ ବିନା ଜୀବନ, ସରସ ସୁନ୍ଦର ଲାଗେନା । ସେମାନଙ୍କ ଯୋଗୁଁ ଆମ ପରିବେଶ ସନ୍ତୁଳିତ ହୋଇଥାଏ । ତେଣୁ ସେମାନଙ୍କର ସୁରକ୍ଷା, ସଂରକ୍ଷଣ ଦିଗରେ ଖାଲି ସରକାରୀ ସ୍ତରରେ ନୁହେଁ, ସମାଜର ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଦରକାର । ବିଭିନ୍ନ ପ୍ରକାର ପ୍ରତିଯୋଗିତା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ମାନ ଶିକ୍ଷାନୁଷ୍ଠାନ ସ୍ତରରେ କରାଯାଇ ପିଲାଙ୍କୁ ସଚେତନ କରାଯାଇପାରିବ । ଅବାଧ ଗଛ କଟା ରୋକାଯାଇ ପାରିଲେ, ବନ୍ୟଜନ୍ତୁଙ୍କ ବାସସ୍ଥାନ ସୁରକ୍ଷିତ ହୋଇପାରିବ ଏବଂ ବନାଗ୍ନିକୁ ରୋକିବା ଦ୍ୱାରା ଅନେକ ଜୀବଜନ୍ତୁଙ୍କ ଜୀବନ ସୁରକ୍ଷିତ ହୋଇପାରିବ । ଆମକୁ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ହେବ । ପଶୁ ସହରାମୁଖୀ, ଜନବସତି ମୁଖୀ ନ ହେବା ପାଇଁ ଜଙ୍ଗଲକୁ ସୁରକ୍ଷିତ କରାଯିବା ସହ ତା' ଚାରିପଟେ ତାର ଜାଲି ଲଗାଯିବା ଦରକାର । ଅବାଧ ବନ୍ୟଜନ୍ତୁ ଶିକାର କରୁଥିବା ଶିକାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ ସହିତ ଜଙ୍ଗଲ ସୁରକ୍ଷାରେ ନିୟୋଜିତ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହନ କରାଯିବା ଆବଶ୍ୟକ । ଅନେକ ସର୍ବେକ୍ଷଣ ଓ ପରିସଂଖ୍ୟାନ ରିପୋର୍ଟ ପରେ ବି ଅନେକ ଜୀବଜନ୍ତୁ ସଂରକ୍ଷଣ ଅଭାବରୁ ଲୁପ୍ତ ହେବାକୁ ବସିଲେଣି । ତେଣୁ ଆମ ସମସ୍ତଙ୍କୁ ସଚେତନ ହୋଇ ବନ୍ୟଜନ୍ତୁଙ୍କ ପ୍ରତି ଯତ୍ନଶୀଳ ହେବା ଦରକାର ।

ଭୁବନେଶ୍ୱର,ମୋ-୭୯୭୮୧୧୦୪୭୪

# ଆସ ମା' ଦଶଭୁଜା ସିଂହବାହିନୀ



ଅନନ୍ତ ଗୋପାଳ ପଣ୍ଡା

ଆସ ମା' ଦଶଭୁଜା ସିଂହବାହିନୀ ଏହି ଧରାଧାମକୁ । ତୁମ ଆଗମନ ଉପଲକ୍ଷେ ନଭମଣ୍ଡଳରେ ଶୋଭାୟମାନ ହେଉଛି ଧବଳବଉଦ ରୂପୀ ଚନ୍ଦ୍ରାତାପ । ଧରଣୀରାଣୀ ବୁକୁ ଉପରେ ବିଛାଇ ଦେଇଛି, ସବୁଜ ରଙ୍ଗର ଗାଲିଚା । ତୁମ ଅଙ୍ଗରେ ଲାଗି ହୋଇ ନିଜକୁ ଧନ୍ୟ କରିବା ପାଇଁ କୁମୁଦ ଓ କମଳ ସରୋବରରେ ପ୍ରସ୍ଫୁଟିତ ହେଲେଣି । ନଦୀ ପଠାରେ ଥିବା କାଶତଣ୍ଡୀ ଫୁଲ, ଚାମର ସେବା କରିବାଲାଗି ମୃଦୁମନ୍ଦ ସମୀରଣରେ ଦୋହଲି ଦୋହଲି ନିଜକୁ ପ୍ରସ୍ତୁତ କଲାଣି । ପୂଜା ମଣ୍ଡପଗୁଡିକ ସୁଦୃଶ୍ୟ ତୋରଣରେ ସୁସଜ୍ଜିତ ହୋଇ ଚାହିଁରହିଛନ୍ତି ତୁମର ଆଗମନକୁ । ସେବକ, ଉପାସକ ତଥା ପୂଜକଙ୍କ ମୁଖରୁ ନିଃସୃତ ହେଲାଣି ତୁମର ଆବାହନୀ ସଙ୍ଗୀତ । 'ଓଁ କାର' ଧ୍ୱନି ପ୍ରତିଧ୍ୱନିତ ହେଉଛି ସବୁରି କର୍ଣ୍ଣ ଗହ୍ୱରରେ । ଶଙ୍ଖ, ଘଣ୍ଟ, ଘଣ୍ଟା ନାଦରେ ନିନାଦିତ ହୋଇଉଠିଲାଣି ଚତୁର୍ଦ୍ଦିଗ ।

ହେ ମା', ଏହିପରି ଏକ ମହାର୍ଘ ମୁହୂର୍ତ୍ତରେ ହେଉ ତୁମର ଧରାବତରଣ । ଦୟାକରି ଆସ ଅବତରୀ ଏହି ମର୍ତ୍ତ୍ୟଭୁବନକୁ । ବିରାଜମାନ କର ମୃଣ୍ମୟୀ ମୂର୍ତ୍ତି ମଧ୍ୟରେ । ଆମେ ଧରାବାସୀ ଅପଲକ ନୟନରେ ଚାହିଁରହିଅଛୁ ତୁମର ଆଗମନକୁ । କୃପାକରି କର ଆଗମନ । ତବ ରୂପଦର୍ଶନରେ ଧନ୍ୟ ହେବ ଆମ ଜୀବନ । ମନସ୍କାମନା ଆମର ପରିପୂର୍ଣ୍ଣ ହୋଇଯିବ । କରୋନା ବିଭୀଷିକା ମଧ୍ୟରେ କିଛି ବର୍ଷ ଧରି, ତୁମର ପୂଜା ଅର୍ଚ୍ଚନା ଆଡ଼ମ୍ବର ସହକାରେ କରିପାରିନାହୁଁ । ତୁମର ଅହେତୁକୀ କରୁଣାରୁ କରୋନାର ପ୍ରାଦୁର୍ଭାବ ଦୂରୀଭୂତ ହୋଇଛି । ଯଦିଓ ଲୁଚି ଛପି ରହିଛି ଆମ ଇଲାକାରେ, ତଥାପି ତୁମ ପାର୍ବଣକୁ ଉତ୍ସବ ମୁଖର କରିବାଲାଗି ଆମେ ସଦା ତତ୍ପର ହୋଇଉଠିଛୁ । ମା' ତୁମେ ଅଟ ଦୟାର ସାଗର । ସନ୍ତାନ ତୁମର କୁସନ୍ତାନ ରୂପକ କଳଙ୍କକୁ ବୋଳି ହୋଇପାରେ କିନ୍ତୁ ତୁମେ କେବେବି କୁମାତା ହୋଇନପାର । ତୁମର ନେତ୍ରପଥରେ ସଦାସର୍ବଦା ପ୍ରତିଫଳିତ ହୋଇଥାଏ ସନ୍ତାନର ପ୍ରତିଛବି । କରୁଣାରେ ପରିପୂର୍ଣ୍ଣ ତୁମର ଅନ୍ତର । ସନ୍ତାନର ସୁଖରେ ତୁମେ ହୋଇଥାଅ ସୁଖୀ ଓ ଦୁଃଖରେ ହୋଇଥାଅ ଦୁଃଖୀ । ତାର ମୁଖରେ ଚେନାଏ ହସ ସନ୍ଦର୍ଶନରେ ତୁମେ ଅପାର ଆନନ୍ଦ ଲାଭକର ।

ମା' ତୁମ ନାମ ଉଚ୍ଚାରଣ ମାତ୍ରକେ ମନ ମଧ୍ୟରେ ସୃଷ୍ଟି ହୁଏ ଦିବ୍ୟାନନ୍ଦ । କେବଳ ସେତିକି ନୁହେଁ ସେହି ନାମ ସ୍ମରଣ ମାତ୍ରକେ ଚିତ୍ତରେ ଖେଳିଯାଏ ଆଶ୍ୱାସନାର ସ୍ରୋତସ୍ୱିନୀ । ହୃଦୟ କନ୍ଦରରେ ପ୍ରବହମାନ ହେବାକୁ ଆରମ୍ଭ କରେ ଅମୃତର ମନ୍ଦାକିନୀ । ସନ୍ତାନର ମଥା ଉପରେ ଢ଼ାଙ୍କି ହୋଇଯାଏ ତୁମ ବରଦ ମୁଦ୍ରାର ଛତ୍ରଛାୟା । ତତ୍ ସହିତ ସନ୍ତାନକୁ ତ୍ରିତାପରୁ ରକ୍ଷା କରିବାପାଇଁ ତାର ଶରୀରରେ ଆଚ୍ଛାଦିତ ହୋଇଯାଏ ତୁମର ଅଭୟ ପଣତକାନିରେ ।

ସମସ୍ତ ବିପଦ ଆପଦରୁ ତୁମେ ରକ୍ଷା କରିଥାଅ ତୁମର ସନ୍ତାନକୁ । ତୁମେ ସନ୍ତାନର ସବୁଠାରୁ ପ୍ରିୟ । ତୁମଠାରୁ ବଳି କିଏ ଅଛି ତାର ଆପଣାର ? ସେ ତୁମ ବ୍ୟତୀତ ଅନ୍ୟ କାହା ଆଗରେ ପ୍ରକାଶ କରିପାରେ ନାହିଁ ତା' ଅନ୍ତରର ବ୍ୟଥା ଓ ବେଦନା । ତୁମେ ଏକା ତା'ର ମନର କଥା ବୁଝିପାର । ସନ୍ତାନର ଆକୁଳ ପ୍ରାର୍ଥନାରେ ତୁମର ହୃଦୟ ବିଗଳିତ ହୋଇଯାଏ । ତୁମେ ସନ୍ତାନର ଦୁର୍ଗତି ବିନାଶ କରିବା ନିମନ୍ତେ ପ୍ରତିଟି ସମୟରେ ପ୍ରକଟିତା ହୁଅ । ଦଶଭୁଜରେ ଦଶ ପ୍ରହରଣ ଧାରଣ ପୂର୍ବକ ସନ୍ତାନର ଅରାତିକୁ ବିନାଶ କରିଥାଅ । ଧରଣୀକୁ ମୁକ୍ତ କରିଥାଅ ଆସୁରିକ ଅତ୍ୟାଚାରରୁ । ସୁର ନର ସମସ୍ତଙ୍କ ପ୍ରତି ସଦା ସର୍ବଦା ତୁମେ ସାଜିଛ ଦୟାଶୀଳା । ଆଜି ସେ ସମୟ ଉପଗତ । ମା' ଆସ ଅବତରୀ ଏ ଧରାଧାମକୁ ।



ମା' ଆଜି ଧରାବାସୀ ଆତଙ୍କିତ । ଯୁଦ୍ଧ ରାକ୍ଷସର ରଣ ହୁଙ୍କାରରେ ଥରି ଉଠୁଛି ପ୍ରତିଟି ହୃଦୟର ସୂକ୍ଷ୍ମତନ୍ତ୍ରୀ । ସମସ୍ତେ ପ୍ରାୟ ଭୀତତ୍ରସ୍ତ । କମାଣର ଗର୍ଜନ ଓ କ୍ଷେପଣାସ୍ତ୍ରର ବିସ୍ଫୋରଣରେ ଥରି ଉଠୁଛି ମେଦିନୀ । କାରଣ ବିଶ୍ୱବାସୀ ଅଙ୍ଗେଲି ଭେଇଛନ୍ତି ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟାବହତାକୁ । ଜାପାନର ହିରୋସୀମା ଓ ନାଗାସାକିରେ ପରମାଣୁ ବିସ୍ଫୋରଣଜନିତ ଧ୍ୱଂସର ବିଭୀଷିକାକୁ ସ୍ୱଚକ୍ଷୁରେ ଦେଖିଛନ୍ତି । ଲକ୍ଷ ଲକ୍ଷ ନିରୀହ ଜୀବନ ଅକାରଣରେ ମୁହୂର୍ତ୍ତକ ମଧ୍ୟରେ ମିଶିଯାଇଛି ପଞ୍ଚମହାଭୂତରେ । ଅନେକ ଲୋକ ବ୍ୟାଧିଗ୍ରସ୍ତ ତଥା ବିକଳାଙ୍ଗ ହୋଇ ଯନ୍ତ୍ରଣାରେ ସେମାନଙ୍କର ଜୀବନକୁ ବିତାଇଛନ୍ତି । ଆଜି ବି ଆମ ଭିତରେ ଅଛନ୍ତି କିଛି ଅହଙ୍କାରୀ ମଦମତ୍ତ ବ୍ୟକ୍ତିବିଶେଷ, ଯେଉଁମାନଙ୍କର କାର୍ଯ୍ୟକଳାପ ପୁରାଣର ରାବଣ କିମ୍ବା କଂସ ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେମାନେ ସେମାନଙ୍କ ଅହମିକାକୁ ଚରିତାର୍ଥ କରିବାପାଇଁ ଯେ କୌଣସି ଅନୈତିକ, ଅଧର୍ମ ତଥା ଅନ୍ୟାୟ କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେଉନାହାଁନ୍ତି । ଗୋଟିଏ ଜୀବନ ସୃଷ୍ଟି କରିବାକୁ ସକ୍ଷମ ନଥିଲାବେଳେ କୋଟି କୋଟି ଜୀବନ ନେବାକୁ ମହାପାପ ବୋଲି ଅନୁଭବ କରୁନାହାଁନ୍ତି ।

ହେ ମା', ସୃଷ୍ଟି ସର୍ଜନା କାଳରେ ବେଦପତି ବ୍ରହ୍ମାଙ୍କର ଶକ୍ତି ଭାବରେ ରଜଗୁଣରେ ସରସ୍ୱତୀ ରୂପରେ ତୁମେ କରିଛ ସୃଷ୍ଟି ସଂରଚନା । ବିଷ୍ଣୁଙ୍କର ଶକ୍ତି ଭାବରେ ସତ୍ତ୍ୱ ଗୁଣରେ ମହାଲକ୍ଷ୍ମୀ ରୂପରେ ସୃଷ୍ଟିକୁ ଗତିଶୀଳ କରିଛ ଏବଂ ଦେବ ଦେବ ମହାଦେବଙ୍କର ଶକ୍ତି ଭାବରେ ତମ ଗୁଣରେ ମହାକାଳୀ ରୂପରେ ବିନାଶ ସାଧନ କରିଛ । ତେଣୁ, 'ହେ ମା' ସେହି ଦର୍ପୀ, ଅହଂଙ୍କାରୀ ମଣିଷମାନଙ୍କ ମନ ମଧ୍ୟରେ ବିରାଜମାନ କରୁଥିବା ଆସୁରିକ ପ୍ରବୃତ୍ତିକୁ ବିନାଶ କର । ସେମାନଙ୍କ ସୁପ୍ତ ବିବେକ ଶକ୍ତିକୁ ଜାଗ୍ରତ କରାଅ । ଦିବ୍ୟ ଚେତନା ଓ ଭାବନାର ଉଦ୍ରେକ ହେଉ ସେମାନଙ୍କର ଚିତ୍ତରେ । ତୁମ ଆଶିଷରେ ଦସ୍ୟୁ ରତ୍ନାକରମାନେ ପରିଣତ ହୁଅନ୍ତୁ ବାଲ୍ମୀକିରେ । 'ବସୁଧୈବ କୁଟୁମ୍ବକମ୍' ମହାମନ୍ତ୍ରରେ ସମସ୍ତେ ଦୀକ୍ଷିତ ହୁଅନ୍ତୁ ।

ମାନବିକତାର ବଂଶୀ ବାଜିଉଠୁ ଚତୁର୍ଦ୍ଦିଗରେ । ତା'ର ମଧୁର ସ୍ୱନ ଗୁଞ୍ଜରିତ ହେଉ ପ୍ରତିଟି କର୍ଣ୍ଣ ଗହ୍ୱରରେ । ଦୂରୀଭୂତ ହେଉ ଏହି ଯୁଦ୍ଧର ଆତଙ୍କ । ଶାନ୍ତିର କପୋତ ଉଡ଼ିବୁଲୁ ପ୍ରତିଟି ମଣିଷର ମନ ଆକାଶରେ । 'ସର୍ବେ ଭବନ୍ତୁ ସୁଖିନଃ' ମନ୍ତ୍ରର ସାରବତ୍ତା ଅନୁଭୂତ ହେଉ ସବୁ ସ୍ଥାନରେ ଓ ପ୍ରତିଟି ଅନ୍ତରରେ । ଏହି ଆଶୀର୍ବାଦ ମା' ଝରିପଡୁ ତୁମର ସନ୍ତାନ ଉପରେ । ପାର୍ବଣର ଏହି ଶୁଭ ମୁହୂର୍ତ୍ତରେ ତୁମ ପଦ ପଙ୍କଜରେ ଏତିକି ପ୍ରାର୍ଥନା ।

ଶ୍ରୀକ୍ଷେତ୍ରବିହାର
ଆଇଗିଣିଆ, ଭୁବନେଶ୍ୱର-୧୯
ମୋ-୯୮୬୧୪୭୦୧୯୮

# ସୁନ୍ଦର ପାର୍ବଣ

ବୈଷ୍ଣବ ମେହେର

ଜନ୍ମାଷ୍ଟମୀର ପବିତ୍ର ବେଳାରେ ମାତା ଦେବକୀଙ୍କ ଅଷ୍ଟମ ଗର୍ଭରୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ଧରାବତରଣ କରିବା ପରେ ପରେ ବିଦ୍ୟାଦାତା ଶ୍ରୀଗଣେଶ, ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆଡ଼ମ୍ବରପୂର୍ଣ୍ଣ ପୂଜାନୋତ୍ସବ ପାର୍ବଣର ପ୍ରାରମ୍ଭକୁ କରେ ଗତିଶୀଳ । ଏଥିସହ ଆଦିପର୍ବ ନବାନ୍ନର ଉଲ୍ଲାସ ପାର୍ବଣକୁ କରିଦିଏ ପ୍ରାଣବନ୍ତ । ଆମ ମହାନ ସଂସ୍କୃତିର ପରିଚାୟକ ପିତୃପିତାମହଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ 'ମହାଳୟା'ର ପାବନ ଭାବ ନେଇ ମାତୃଶକ୍ତି ଜଗତଜନନୀଙ୍କ ଆର୍ବିଭାବ ପାର୍ବଣକୁ କରିଛି ଏବେ ରସାସିକ୍ତ, ରସୋଲ୍ଲାସ ଓ ରସୋଦୀପ୍ତ ।

କେଡ଼େ ମନ୍ତ୍ରମୁଗ୍ଧକର ଏବେ ପ୍ରକୃତିର କୋଳ । ନୀଳ ଆକାଶର ପ୍ରକାଣ୍ଡ ଛାତି ଉପରୁ ମେଳାଣି ନେଇଛି ଭସା ଭସା ମେଘମାଳ । ମାଟିର ମଲାଟ ଉପରେ ଉଛୁଳୁଛି ରଙ୍ଗବିରଙ୍ଗ ଫୁଲର ସମ୍ଭାର । ନଈର ଶାନ୍ତ ସରଳ ଆଉ ଧୀର କାଚକେନ୍ଦୁ ଜଳଦର୍ପଣରେ ଦିଶି ଯାଉଛି ମୁହଁସବୁ ଜଳଜଳ । ବନ୍ୟାର ପ୍ରଳୟ ପରେ ପରେ ସତେ ଯେମିତି ନଦୀପଠାରେ ପାର୍ବଣ ଆଙ୍କିଛି ପ୍ରୀତିର ଚୁମ୍ବନ । ମଝି ଆକାଶର ତୋଫା ଜହ୍ନକୁ ଦେଖ, କେମିତି ସେ ଗାଁ ପୋଖରୀର ଅଥଳ ଜଳରାଶିରେ ଲୁଚି ଲୁଚି ହସୁଛି ଲାଜୁଆ ହସ । ନଈପଠା, ପୋଖରୀ ହୁଡ଼ା, ବିଲହିଡ଼, ଗ୍ରାମପଥର ଦୁଇକଡ଼ରେ ବସିଛି କାଶତଣ୍ଡୀର ସଫେଦ ହାଟ । ଦୂରରୁ ଦେଖିଲେ ଲାଗୁଛି ଯେମିତି ଧରଣୀରାଣୀ ଢାଙ୍କି ହେଇଛି ଧଳା ଓଢ଼ଣୀଟିଏ । ଏତେ ବେଳେ ନା ବର୍ଷା, ନା ଖରା କିମ୍ବା ନଥାଏ ଶୀତର ପ୍ରାବଲତା । ଗାଢ଼ ସବୁଜ ରଙ୍ଗର ଶାଢ଼ି ପିନ୍ଧି ଉତଫୁଲ୍ଲିତ ଥାଏ ପୃଥିବୀ । ସବୁଜ ଶାନ୍ତିର ଶୁଭ୍ର ଧଡ଼ି ପରି ଦିଶୁଥାଏ ସୁନ୍ଦରୀ କାଶତଣ୍ଡୀ ।

ପାର୍ବଣ ସୌନ୍ଦର୍ଯ୍ୟ, ସୌଭାଗ୍ୟ ଓ ସମ୍ଭାବନାର ଋତୁ । କେବଳ ନିର୍ମଳ କି ପବିତ୍ରର ଅବସର ନୁହେଁ, ପାର୍ବଣରେ ମଧୁର ପ୍ରକୃତି କରେ ସ୍ରଷ୍ଟାର ଲେଖନୀକୁ ଅଧିକ ପ୍ରବୁଦ୍ଧ, ପ୍ରଖର ଓ ଶାଣିତ । ପାର୍ବଣର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆକାଶରେ ଭାସୁଥିବା ମେଘମାଳା ସବୁ ଏବେ ମାଟି ଛୁଇଁଛି କୁହୁଡ଼ି ହୋଇ । ସକାଳ ଫିଟିବା ଆଗରୁ ଘନ କୁହୁଡ଼ିର ଆସ୍ତରଣକୁ ଦେଖି ଲାଗୁଛି ସତେକି ପାର୍ବଣକୁ ଉପେକ୍ଷା କରିନପାରି ଆକାଶ ବି ହୋଇଛି ମାଟିମୁହାଁ । କୁହୁଡ଼ିଆ ସକାଳକୁ ଚିରି କଅଁଳିଆ ସୂର୍ଯ୍ୟ କିରଣର ମର୍ମଭେଦୀ ଆଭା ଦେଖ କେଡ଼େ ମନୋଜ୍ଞ ଲାଗୁଛି ।

ସେପଟେ ବଦଳି ଆସୁଛି ସବୁଜ ଦିଗ୍‌ବଳୟର ମୁହଁ, ଦୂର ପାହାଡ଼ର ସଜ ଶାଗୁଆ ଭାବ ଯେମିତି ଡାକୁଛି, ଆସ ସମସ୍ତେ ଏକ ହୋଇଯିବା ପାର୍ବଣରେ ଉଚ୍ଚାରିତ ବିଜ ମନ୍ତ୍ର ଧ୍ୱନୀର ତାଳେ ତାଳେ । ପାର୍ବଣର ପବିତ୍ର ଭାବ ନେଇ ବାନ୍ଧି ହେବା ସମ୍ପର୍କର ଅତୁଟ ବନ୍ଧନରେ । ସେପଟେ ମାଟିର ମଣିଷ ଅନ୍ନଦାତା ହେଉଛି ଆନନ୍ଦିତ । ବଦଳୁଥିବା ପ୍ରିୟ ଧାନ କିଆରୀର ଆସନ୍ନ ସୁନାରଙ୍ଗରେ ନିଜକୁ ରଙ୍ଗାୟିତ କରି । ମାଟି ପାଣି ପବନ କିଏ ଅବା ପାର୍ବଣର ଗଭୀର ଉନ୍ମାଦରେ ତଲ୍ଲୀନ ନ ହୋଇଛି । ଏ ସମୟ ମାତୃ ଆରଧନାର ସମୟ । ଶକ୍ତିସ୍ୱରୂପାଙ୍କ ଅବତରିବାର ସମୟ । ସ୍ନେହ, ଶ୍ରଦ୍ଧା, ପ୍ରେମ, ମୈତ୍ରୀ, ଭାବ ଆବେଗର ଅପୂର୍ବ ସମ୍ଭାରରେ ମଣିଷଙ୍କୁ ମଣ୍ଡିତ କରିଥାନ୍ତି ମା' ଜଗତଜନନୀ । ପାର୍ବଣର ଅବଧିରେ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ମା' ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଏ ପାର୍ବଣକୁ କରେ ଅଧିକ ଅମୃତାସିକ୍ତ ।

ପାର୍ବଣ ସୌନ୍ଦର୍ଯ୍ୟ, ସୌଭାଗ୍ୟ ଓ ସମ୍ଭାବନାର ଋତୁ । କେବଳ ନିର୍ମଳ କି ପବିତ୍ରର ଅବସର ନୁହେଁ, ପାର୍ବଣରେ ମଧୁର ପ୍ରକୃତି କରେ ସ୍ରଷ୍ଟାର ଲେଖନୀକୁ ଅଧିକ ପ୍ରବୁଦ୍ଧ, ପ୍ରଖର ଓ ଶାଣିତ । ପାର୍ବଣର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆକାଶରେ ଭାସୁଥିବା ମେଘମାଳା ସବୁ ଏବେ ମାଟି ଛୁଇଁଛି କୁହୁଡ଼ି ହୋଇ । ସକାଳ ଫିଟିବା ଆଗରୁ ଘନ କୁହୁଡ଼ିର ଆସ୍ତରଣକୁ ଦେଖି ଲାଗୁଛି ସତେକି ପାର୍ବଣକୁ ଉପେକ୍ଷା କରିନପାରି ଆକାଶ ବି ହୋଇଛି ମାଟିମୁହାଁ । କୁହୁଡ଼ିଆ ସକାଳକୁ ଚିରି କଅଁଳିଆ ସୂର୍ଯ୍ୟ କିରଣର ମର୍ମଭେଦୀ ଆଭା ଦେଖ କେଡ଼େ ମନୋଜ୍ଞ ଲାଗୁଛି ।

ମା' ଆସିଛ ଯେତେବେଳେ ଦୁନିଆର ସବୁତକ ପାପକୁ ଧୋଇକି ଯିବ । ସବୁ ଅପୂର୍ଣ୍ଣତା ଭିତରେ ଭରିଦେବ ପୂର୍ଣ୍ଣତା । ଭେଦଭାବ ନରଖି ଏଥରକ ମଣିଷଙ୍କ ଭିତରେ ସମାନ ସମାନ ବାଣ୍ଟି ଦେବ ଯେତିକି ଲୋତକକୁ ସେତିକି ହସ । ଅପହଞ୍ଚକୁ ପହଞ୍ଚାଇ ଦେବ, ଅପ୍ରାପ୍ତିକୁ ଦେବ ପ୍ରାପ୍ତିର ଆଧାର । ଗଲାବେଳେ ସମୂଳେ ନିଶେଷ କରିଦେଇ ଯିବ ସାଂପ୍ରତିକ ମହିଷାସୁରର ଯାବତୀୟ ଦୂରାଚାର, ଦୂର୍ନୀତି ଆଉ ଭ୍ରଷ୍ଟାଚାର । ନୀରିହ ଜନତାଙ୍କ ନୀରବତା ଭିତରେ ଦାଉ ଦାଉ ସକଳ ଦୁଃଖ, ଶୋକ, ଯନ୍ତ୍ରଣାକୁ ହରି ଦେଇ ତୁମର ମମତାର ଅମୃତ ପରଶେ କରିଦେବ ମୁକ୍ତି । ପୁନଶ୍ଚ ଏ ପାର୍ବଣ ସବୁରି ମନରେ ଭରିଦେଉ ସତ୍ୟ, ସଦିଚ୍ଛା ଓ ସଦକର୍ମ କରିବାର ଅପାର ସାହସ ଓ ସାମର୍ଥ୍ୟ । ଭରିଦେଉ ସମସ୍ତ ଓଠରେ ହସ, ମନରେ ପୁଲକ । ପ୍ରତିଟି ହୃଦୟ ହେଉ ଉଦାର, ପ୍ରଶସ୍ତ, ପୂର୍ଣ୍ଣିମାର ଜହ୍ନ ପରି ସ୍ୱଚ୍ଛ, ନିର୍ମଳ ଆଉ ବନ୍ଧନମୁକ୍ତ ।

ସିନାପାଲି, ନୂଆପଡ଼ା
ମୋ-୯୭୭୭୭୫୩୯୩୫

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ






ଭୁବନେଶ୍ୱର ବମିଖାଲ ଓ ଝାରପଡ଼ା ଦୁର୍ଗା ପୂଜା ସମିତିର ଆକର୍ଷଣୀୟ ପୂଜା ମଣ୍ଡପ

### ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

# ପ୍ରଥମ ସଦସ୍ୟ ହେଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,(ସବ୍ୟୁ): ତ୍ୟାଗ ଓ ସେବାର ପ୍ରତୀକ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ, ବୁଧବାର ଠାରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି । ଏହା ଦୁଇ ମାସ ଧରି ଚାଲିବ । ଦଳ ସଭାପତି ନବୀନ ପଟ୍ଟନାୟକ ପ୍ରଥମ ସଭ୍ୟ ଭାବେ ଏକାମ୍ର ନିର୍ବାଚନ ମଣ୍ଡଳୀରୁ ପଞ୍ଜିକୃତ ହୋଇଥିଲେ । ବରିଷ୍ଠ ନେତା ଅଶୋକ ପଣ୍ଡା ଦଳ ସଭାପତିଙ୍କୁ ପ୍ରଥମ ସଭ୍ୟ ଭାବେ ପଞ୍ଜିକୃତ କରିଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସଭ୍ୟ ସଂଗ୍ରହ ଅଭିଯାନ ଗୋଟେ ରାଜନୈତିକ ଦଳର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସେ କହିଥିଲେ ଯେ, ମୁଁ ଚାହେଁ, ଆମ ଦଳର ସକ୍ରିୟ ସଭ୍ୟ ମାନେ , ପ୍ରତି ଘରକୁ ଯାଆନ୍ତୁ । ଆମ ଦଳର ଆଦର୍ଶ, ଦଳର କାର୍ଯ୍ୟକ୍ରମ ବିଷୟରେ, ଲୋକଙ୍କୁ ବୁଝାନ୍ତୁ । ଲୋକଙ୍କ ମତ ନେଇ ସେମାନଙ୍କୁ ଦଳରେ ସାମିଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଓଡିଶା ବାହାରେ ରହୁଥିବା ଓଡ଼ିଆ ମାନଙ୍କୁ online ଜରିଆରେ ଦଳରେ ସାମିଲ ହେବା ପାଇଁ ଶ୍ରୀ ପଟ୍ଟନାୟକ ନିମନ୍ତ୍ରଣ ଜଣାଇଥିଲେ । କିଛି ଦଳ, ଯେପର missed call କରି, ସଭ୍ୟ ସଂଗ୍ରହ କରୁଛନ୍ତି ତାକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିଥିଲେ ।



ଭୋଟ ବ୍ୟାଙ୍କ ସୃଷ୍ଟି କରିବା, କେବେ ବି, ବିଜେଡି ସରକାର ର ଲକ୍ଷ୍ୟ ନ ଥିଲା । ବିକାଶ ଓ କଲ୍ୟାଣ ହେଉଛି, ଆମର ଲକ୍ଷ୍ୟ ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ତାଙ୍କ ସରକାର, ଆରମ୍ଭ କରିଥିବା, ବିକାଶ ଓ କଲ୍ୟାଣ ଯୋଜନାରୁ, ଓଡିଶା ବାସୀଙ୍କୁ, କେହି ବଞ୍ଚିତ କରି ପାରିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

ବିଜେଡିର ବରିଷ୍ଠ ନେତା ଶ୍ରୀ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଭ୍ୟ ସଂଗ୍ରହ କମିଟି ର ମୁଖ୍ୟ ଅତନୁ ସବ୍ୟସାଚୀ ନାୟକ,ବିଧାୟକ ଅନନ୍ତ ଜେନା,ସୁଶାନ୍ତ ରାଉତ,ଭୁବନେଶ୍ୱର ମେୟର ସୁଲୋଚନା ଦାସ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଅଶୋକ ପଣ୍ଡା ପ୍ରମୁଖ ଉଦବୋଧନ ଦେଇଥିଲେ ।

ମୟୂରଭଞ୍ଜ, ମାଲକାନଗିରି, ଝାରସୁଗୁଡା,ପୁରୀ ବରଗଡ ଓ ରାଉରକେଲା ରେ ବିଭିନ୍ନ ବର୍ଗ ର ଲୋକ ବିଜେଡି ର ସଦସ୍ୟତା ଗ୍ରହଣ କରିଥିଲେ ।

### ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାରକୁ

# ଆଇସିସି ବିଜିନେସ୍ ଏକ୍ସିଲେନ୍ସ ଇନ୍ ସଷ୍ଟେନେବିଲିଟି ଆୱାର୍ଡ

ଭୁବନେଶ୍ୱର,(ସବ୍ୟୁ): ଅକ୍ଟୋବର ୮ ତାରିଖରେ ନୂଆଦିଲ୍ଲୀଠାରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ସିମ୍ପୋଜିୟମ୍ ଆଣ୍ଡ୍ ଏକ୍ସଲେନ୍ସ ଆୱାର୍ଡ–୨୦୨୪ କାର୍ଯ୍ୟକ୍ରମରେ ଉତ୍ପାଦନ ବର୍ଗରେ ବିଜନେସ୍ ଏକ୍ସଲେନ୍ସ ଇନ୍ ସଷ୍ଟେନେବିଲିଟି ଆୱାର୍ଡର ଶୀର୍ଷ ସମ୍ମାନ ହାସଲ କରି ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି) ପୁଣି ଥରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ନିଜର ନେତୃତ୍ୱ ପ୍ରଦର୍ଶନ କରିଛି । ଏହି ସମ୍ମାନଜନକ ପୁରସ୍କାର ସମଗ୍ର ଭାରତରେ ସାମାଜିକ ପରିବର୍ତ୍ତନ, ନିରନ୍ତର ବିକାଶ ଏବଂ ସାମଗ୍ରିକ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ମାଧ୍ୟମରେ ଜେଏସପିର ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିଛି । ଭାରତରେ ଅବସ୍ଥାପିତ ଇଥିଓପିଆର ରାଷ୍ଟ୍ରଦୂତ ମହାମହିମ ଦି ବିଜୁନେଶ ମେସର୍ଟ ଟେଗେନେ ଏହି ସମ୍ମାନଜନକ ପୁରସ୍କାରକୁ ଜେଏସପିକୁ ପ୍ରଦାନ କରିଥିଲେ । ଜେଏସପିର ଅଧ୍ୟକ୍ଷ ତଥା ତୃତୀୟ ଥର ସାଂସଦ (କୁରୁକ୍ଷେତ୍ର) ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ପରିବେଶ ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଜେଏସପିର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଏହି ସମ୍ମାନ ମାନ୍ୟତା ପ୍ରଦାନ କରିଛି ।




ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଏହି ସମ୍ମାନଜନକ ପୁରସ୍କାର ପାଇଁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି, ଅବହେଳିତ ସମ୍ପ୍ରଦାୟର ଉନ୍ନତି ଏବଂ ସମସ୍ତଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ନିର୍ମାଣ କରିବା ପାଇଁ ଆମର ସମର୍ପଣକୁ ସ୍ୱୀକୃତି ପ୍ରଦାନ କରୁଥିବା ଏହି ସମ୍ମାନଜନକ ପୁରସ୍କାର ପାଇ ଆମେ ଅତ୍ୟନ୍ତ ଗୌରବାନ୍ୱିତ । ଜିନ୍ଦଲ ଫାଉଣ୍ଡେସନରେ ଆମେ ସମାଜିକ ଆହ୍ୱାନର ମୁକାବିଲା କରିବା ପାଇଁ ସହଯୋଗ ଏବଂ ସହାନୁଭୂତିର ଶକ୍ତିରେ ବିଶ୍ୱାସ କରୁ । ଏହି ପୁରସ୍କାର ଆମର କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବାକୁ ପ୍ରେରଣା ଦେବ ।

# ପଣ୍ଡିତ ଗୋପବନ୍ଧୁ ଥିଲେ ତ୍ୟାଗ ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ: ବାଚସ୍ପତି

ଭୁବନେଶ୍ୱର,(ସବ୍ୟୁ): ଲୋକସେବା ହିଁ ଥିଲା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଧର୍ମ । ସେଇ ଥିଲା ତାଙ୍କର ଦେବସେବା । ଯେଉଁଠାରେ ଝଡ଼ି, ବଢ଼ି, ମଡକ, ମହାମାରୀ, ସେଇଠାରେ ଉଭା ହେଉଥିଲେ ଗୋପବନ୍ଧୁ । ସେ ଥିଲେ ତ୍ୟାଗ, ସଂସ୍କାର ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ । ଆଦର୍ଶ ଶିକ୍ଷକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସଂସ୍କାରକ, ସଂପାଦକ, ସାହିତ୍ୟିକ ଏମିତି ଅନେକ ପ୍ରତିଭାର ଅଧିକାରୀ ଥିଲେ ପଣ୍ଡିତ ଗୋପବନ୍ଧୁ । ତାଙ୍କର ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି । ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ, ଇତିହାସର ଅଂଶ । ସେହି ଅଧ୍ୟାୟ ଏ ଜାତିକୁ ଦେଇଯାଇଛି ଏକ ଦୀପକ ମନ୍ତ୍ର, ରଖିଯାଇଛି ଏକ ନୂତନ ମୂଲ୍ୟବୋଧ । ଗୋପବନ୍ଧୁଙ୍କ ଜୀବନୀ ଏକ ଜୀବନ୍ତ ଇତିହାସ । ସେ ଥିଲେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଭଗୀରଥ ।



ସତ୍ୟବାଦୀର ବନବିଦ୍ୟାଳୟରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସେ ଯେଉଁ ସଂସ୍କାର ଆଣିଥିଲେ ତାହାର ପ୍ରସଙ୍ଗିକତା ଆଜି ମଧ ଅନୁଭୂତ ହୁଏ । ଓଡ଼ିଆ ସାହିତ୍ୟକୁ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତାଙ୍କ ସୃଷ୍ଟିସଦାରର ଆଧାର ହେଲା ଜାତୀୟ ସଂସ୍କୃତିର ଅଭିବ୍ୟକ୍ତି ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଗୋପବନ୍ଧୁଙ୍କ ନୀତି ଆଦର୍ଶ ସମ୍ପର୍କରେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଓ ଆଦର୍ଶ ଉପରେ ବିଶଦ ଭାବେ ଆଲୋଚନା କରି କହିଲେ ଯେ ସାକ୍ଷୀଗୋପାଳ ବକୁଳ ଛୁରିଅନା କୁଞ୍ଜରେ ଯେଉଁ ମୁକ୍ତ ବିଦ୍ୟାଳୟ ଆରମ୍ଭ ହୋଇଥିଲା ତାହା କେବଳ ଶିକ୍ଷା ନୁହେଁ ବରଂ ଥିଲା ସାଂସ୍କୃତିକ ଜାଗରଣର ପୀଠ । ୧୯୧୯ରେ ସେ ଉତ୍କଳ ସମ୍ମିଳନୀର ସଭାପତି ହୋଇଥିଲେ । ୧୯୨୧ରେ ଗାନ୍ଧି ମହାତ୍ମାଙ୍କୁ ପ୍ରଥମ କରି ଓଡ଼ିଶାକୁ ଡାକି କାଠଯୋଡି ନଈ ବାଲିରେ ସଭା ଆୟୋଜନ କରାଇଥିଲେ । ମାତ୍ର ୫୦ ବର୍ଷର ଜୀବନକାଳ ମଧରେ ଗୋପବନ୍ଧୁ ଯେଉଁ କୃତି ଓ କୀର୍ତ୍ତିର ଅଧିକାରୀ ହୋଇଛନ୍ତି ତାହା ସବୁ ଓଡ଼ିଆଙ୍କ ହୃଦୟରେ ସାଇତି ହୋଇ ରହିବ । ତାଙ୍କ ଜୀବନ ଓଡ଼ିଆ ଜାତିର ଇତିହାସରେ ଗୋଟିଏ ମହିମାନ୍ୱିତ ଅଧ୍ୟାୟ ବୋଲି ଡ. ମଲ୍ଲିକ ପ୍ରକାଶ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସ୍ୱାଧୀନଚେତା ପଣ୍ଡିତ ଗୋପବନ୍ଧୁ ଥିଲେ ମାନବବାଦର ସର୍ବଶ୍ରେଷ୍ଠ ଅଗ୍ରଦୂତ । ଶିକ୍ଷାର ପ୍ରସାର ସହ ଆଧୁନିକ ସାମ୍ବାଦିକତାର ବୀଜ ବପନ କରିଥିଲେ ପଣ୍ଡିତ ଗୋପବନ୍ଧୁ । ସାହିତ୍ୟ, ସଂସ୍କୃତିର ପ୍ରଚାର ପାଇଁ ପଣ୍ଡିତ ଗୋପବନ୍ଧୁ ବହୁ କାର୍ଯ୍ୟ କରିଯାଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ଷ୍ଟ୍ରିଟ ପିଲାମାନଙ୍କୁ ସ୍କୁଲକୁ ଆଣିବା ପାଇଁ

# ମାଲାବାର ଗ୍ରୁପ୍‌ର ୨୪୭ ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର

ଭୁବନେଶ୍ୱର,(ସବ୍ୟୁ): ମାଲାବାର ଗ୍ରୁପ୍ ପକ୍ଷରୁ ଜାରି ରହିଥିବା କ୍ଷୁଧା ମୁକ୍ତ ବିଶ୍ୱ ପଦକ୍ଷେପର ଏକ ଅଂଶ ଭାବରେ, ରାସ୍ତାରେ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ ତଥା ଆନୁଷ୍ଠାନିକ ବିଦ୍ୟାଳୟରେ ଭର୍ତ୍ତିକୁ ସହଜ କରିବା ପାଇଁ ସାରା ଦେଶରେ ୨୪୭ ମାଇକ୍ରୋ ଲର୍ଣ୍ଣିଂ ସେଂଟର ପ୍ରତିଷ୍ଠା କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ, ଏହି କେନ୍ଦ୍ରଗୁଡିକରେ ୧୧,୭୦୦ ପିଲା ନାମ ଲେଖାଇଛନ୍ତି, ଯେଉଁଠାରେ ସେମାନେ ଆନୁଷ୍ଠାନିକ ଶିକ୍ଷାକୁ ଫେରିବା କିମ୍ବା ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଏକ ବର୍ଷର ମୂଳ ଶିକ୍ଷା ଗ୍ରହଣ କରିଥାନ୍ତି । ଏହି ପଦକ୍ଷେପ ଦ୍ୱାରା ପ୍ରତ୍ୟେକ ପିଲା ପାଇଁ ବାର୍ଷିକ ୧୦,୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ମୁମ୍ବାଇର ଇଷ୍ଟ ଗୋବନ୍ଦୀ ଟାଟା ନଗର ବସ୍ତିରେ ଆୟୋଜିତ ଏକ ସମାରୋହରେ ମାଲାବାର ଗ୍ରୁପ୍ ଚେୟାରମ୍ୟାନ ଏମପି ଅହମ୍ମଦ ୧୧ ଟି ରାଜ୍ୟରେ ଜାରି ରହିଥିବା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ଅଂଶ ଭାବରେ ୧୦୧ ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର ଉଦଘାଟନ କରିଛନ୍ତି । ଏହି ପଦକ୍ଷେପ ସମ୍ପର୍କରେ ମନ୍ତବ୍ୟ ଦେଇ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ କହିଲେ, ଏହି ପ୍ରକଳ୍ପ ରାସ୍ତାଘାଟର ପିଲାମାନଙ୍କ ପାଇଁ ଶିକ୍ଷା ମାଧ୍ୟମରେ ଦାରିଦ୍ର୍ୟ ଚକ୍ରରୁ ମୁକ୍ତି ପାଇବାକୁ ଏକ ସୁଯୋଗ ଦେଇ ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଏହି ମାଇକ୍ରୋ ଲର୍ଣ୍ଣିଂ ସେଂଟରଗୁଡିକରେ ଆମେ ମୌଳିକ ଶିକ୍ଷାଠାରୁ ଆରମ୍ଭ କରି ହଜାର ହଜାର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇବା ପାଇଁ ଭିତିପ୍ରସ୍ତର ସ୍ଥାପନ କରୁଛୁ । ଆସନ୍ତା ଦୁଇ ମାସ ମଧରେ ୧୬ଟି ରାଜ୍ୟରେ ଅତିରିକ୍ତ ୨୫୦ ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର ପ୍ରତିଷ୍ଠା କରିବାକୁ ମାଲାବାର ଗ୍ରୁପ୍ ମଧ ଯୋଜନା ଘୋଷଣା କରିଛି ।



### ଆଲୁମିନିୟମ ୨୦୨୪,ଡସେଲଡର୍ଫରେ

# ସ୍ଥାୟୀ ଆଲୁମିନିୟମ ସମାଧାନ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର,(ସବ୍ୟୁ): ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ଜର୍ମାନୀର ଡସେଲଡର୍ଫରେ ହେବାକୁ ଥିବା ଆଲୁମିନିୟମ ୨୦୨୪ ବିଶ୍ୱ ବାଣିଜ୍ୟ ମେଳାରେ ଭାଗ ନେବାକୁ ଯାଉଛି। କମ୍ପାନି ଏହାର ବ୍ୟାପକ ଉତ୍ପାଦ ବର୍ଗ ମଧ୍ୟରେ ରେଷ୍ଟୋରା ବ୍ରାଣ୍ଡ ଅନ୍ତର୍ଗତ ଏହାର ସ୍ଥାୟୀ ଆଲୁମିନିୟମ ଅଫର ସହିତ ହଲ ନଂ୬, ବୁଥ ନଂ୬୪ଡି୫ରେ ପ୍ରଦର୍ଶିତ କରିବ। ଏହି ଇଭେଣ୍ଟ ବେଦାନ୍ତ ଆଲୁମିନିୟମକୁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହ ଆଲୁମିନିୟମ ଉତ୍ପାଦନରେ ଏହାର ଅଭିନବ ଆଭିମୁଖ୍ୟ ପ୍ରଦର୍ଶନ କରି ସ୍ଥିରତା ଓ ଅତ୍ୟାଧୁନିକ ଉତ୍ପାଦନକୁ ଗୁରୁତ୍ୱ ଦେବ । ଭାରତର ଆଲୁମିନିୟମ ଉତ୍ପାଦନର ପ୍ରାୟ ୫୦% ଅଂଶ ବେଦାନ୍ତ ଦ୍ୱାରା ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ଉତ୍ପାଦ ଯଥା ବିଲେଟ, ପ୍ରାଥମିକ ଫାଉଣ୍ଡ୍ରି ଆଲଏଜ, ରୋଲିଂ ଉତ୍ପାଦ, ଓୟାର ରଡ ତିଆରି କରାଯାଇଥାଏ । କମ୍ପାନୀ ଏହାର ୫୦%ରୁ ଅଧିକ ଉତ୍ପାଦକୁ ସାରା ବିଶ୍ୱରେ ରପ୍ତାନି କରିଥାଏ। ୟୁରୋପ ବେଦାନ୍ତର ସ୍ଥିରତା କେନ୍ଦ୍ରିତ ଆଲୁମିନିୟମ ସମାଧାନ ଲାଗି ଏକ ପ୍ରମୁଖ ବଜାର ଅଟେ । ଏ ବିଷୟରେ ସୂଚନା ଦେଇ ମୁଖ୍ୟ ପରିଚାଳନା ଅଧିକାରୀ ସୁନିଲ ଗୁପ୍ତା, ବେଦାନ୍ତ ଆଲୁମିନିୟମ କହିଛନ୍ତି ଯେ ଆଲୁମିନିୟମ ଶିଳ୍ପ ପାଇଁ ଏକ ସାର୍ବଜନୀକସ୍ତରରେ ଆଲୁମିନିୟମ ୨୦୨୪ରେ ଆମର ସ୍ଥାୟୀ ଆଲୁମିନିୟମ ଉତ୍ପାଦ ପ୍ରଦର୍ଶନ କରିବାକୁ ଆମେ ଉତ୍ସାହିତ। ଏହା ନିମ୍ନ ଅଙ୍ଗାରକାମ୍ଳ ସାମଗ୍ରୀର ଚାହିଦା ପୂରଣ କରିଥାଏ। ଯାହା ବିଶ୍ୱସ୍ତରୀୟ ଷ୍ଟେକହୋଲଡରଙ୍କ ଦୃଷ୍ଟି ଆକର୍ଷଣ କରିବ ।



# ସତ୍ୟାଶକ୍ତି ଫାଉଣ୍ଡେସନର ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଭୁବନେଶ୍ୱର,(ସବ୍ୟୁ): ସତ୍ୟା ମାଇକ୍ରୋକ୍ୟାପିଟାଲ ଲିମିଟେଡ ସହ ସହଭାଗିତାରେ ସତ୍ୟା ଶକ୍ତି ଫାଉଣ୍ଡେଶନ ପକ୍ଷରୁ ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ସାର୍ବଜନିନ ସଚେତନତା ସୃଷ୍ଟି କରିବା ଏବଂ ଓଡିଶାର ଲୋକମାନଙ୍କ ପାଇଁ ଏକ ସୁସ୍ଥ ସମାଜକୁ ସକ୍ଷମ କରିବାର ଆଦର୍ଶ ଉଦ୍ଦେଶ୍ୟ ସହିତ ମାଗଣା ମେଗା ହେଲ୍‌ଥ ଚେକ୍–ଅପ ଅଭିଯାନ କରାଯାଇଛି । ଏହି ମେଗା ହେଲ୍‌ଥ ଚେକ୍–ଅପ ଅଭିଯାନ ଅଧିନରେ ସ୍ୱାସ୍ଥ୍ୟ ଶିବିରଗୁଡିକୁ ଓଡିଶାର ଦୁଇଟି ସ୍ଥାନରେ ଆୟୋଜନ କରାଯାଇଛି । ଏହି ଅଭିଯାନ ସୋନପୁର ଜିଲ୍ଲାର ତରଭା ଗ୍ରାମ ଓ ଅନୁଗୁଳ ଜିଲ୍ଲାର ବଡବାହାଲ ଗ୍ରାମରେ ବାସ କରୁଥିବା ଓ ଏହା ଆଖପାଖ ଅଞ୍ଚଳରେ ରହୁଥିବା ପ୍ରାୟ ୩୨୦ ଜଣ ଲୋକଙ୍କୁ ସେବା ପ୍ରଦାନ କରିଛି । ସ୍ୱାସ୍ଥ୍ୟ ଶିବିରଗୁଡିକ ଲୋକମାନଙ୍କୁ ସାର୍ଟିଫାଏଡ



ଡାକ୍ତରମାନଙ୍କର ଡାକ୍ତରୀ ପରାମର୍ଶ ପ୍ରଦାନ କରିବା ସହ ସେମାନଙ୍କୁ ମାଗଣା ଔଷଧ ମଧ୍ୟ ପ୍ରଦାନ କରିଛି । ଏହା ହିତାଧିକାରୀଙ୍କୁ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପ୍ରଚଳିତ ମହାମାରୀ ପରିସ୍ଥିତି ଅନୁଯାୟୀ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ଜୀବନଶୈଳୀରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ପାଇଁ ପ୍ରୋତ୍ସାହିତ କରିଥିଲା । ଦିନବ୍ୟାପୀ କାର୍ଯ୍ୟକାରୀ ହୋଇଥିବା ଏହି ସ୍ୱାସ୍ଥ୍ୟ ଯାଞ୍ଚ ଶିବିରଗୁଡିକୁ ଡାକ୍ତରଙ୍କ ମାର୍ଗଦର୍ଶନ ଅଧିନରେ ମୁଖ୍ୟତଃ ସମ୍ପୃକ୍ତ ଅଂଚଳର ନିକଟସ୍ଥ ଉପଲବ୍ଧ କ୍ଲବ ହାଉସ୍ ଓ ସ୍କୁଲ ଘରଗୁଡିକରେ ଆୟୋଜନ କରାଯାଇଥିଲା। ସେଠାରେ ଲୋକମାନେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଆହାର ଓ ପୋଷଣ ଭଳି ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ପାଇଁ ଏମ୍‌ବିବିଏସ୍ ଡାକ୍ତରମାନଙ୍କ ପରାମର୍ଶ ଭଳି ମାଗଣା ସ୍ୱାସ୍ଥ୍ୟ ସୁବିଧା ପାଇବା ସହ ମାଗଣାରେ ଜେନେରିକ ଔଷଧ ପାଇଥିଲେ ।

# କଂଗ୍ରେସକୁ ଝଟ୍‌କା ଦେଲେ ଅଖିଲେଶ



ଲକ୍ଷ୍ନୌ: ହରିୟାଣାରେ ନିଶ୍ଚିତ ବିଜୟକୁ ହାତ ଛଡ଼ା କରିଥିବା କଂଗ୍ରେସକୁ ଗୋଟିଏ ପରେ ଗୋଟିଏ ଇଣ୍ଡିଆ ମେଣ୍ଟ ଝଟକା ଦେବାରେ ଲାଗିଛନ୍ତି । କଂଗ୍ରେସ ହରିୟାଣାରେ ୩୭ ଆସନ ଜିତିଥିବା ବେଳେ ବିଜେପି ହ୍ୟାଟ୍ରିକ ବିଜୟ ହାସଲ କରିଛି ।

ଏହି ପରାଜୟ ପରେ ପ୍ରଥମେ ଆପ ପରେ ଉଦ୍ଧବ ଠାକରେଙ୍କ ଶିବସେନା ସହଯୋଗୀ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିଲେ । ଏବେ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ମଧ୍ୟ କଂଗ୍ରେସକୁ ଉତ୍ତର ପ୍ରଦେଶ ଉପ ନିର୍ବାଚନ ପୂର୍ବରୁ ଝଟକା ଦେଇଛି । କଂଗ୍ରେସ ଓ ସପା ଇଣ୍ଡିଆ ମେଣ୍ଟର ସଦସ୍ୟ । ତଥାପି କଂଗ୍ରେସ ସହ ବିନା ଆଲୋଚନାରେ ସପା ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବାକୁ ଥିବା ୧୦ ବିଧାନସଭା ଆସନର ଉପ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଦେଇଛି ।

ସପା ପକ୍ଷରୁ ୧୦ଟି ଆସନ ମଧ୍ୟରୁ ୬ଟି ପାଇଁ ଆଜି ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । କଂଗ୍ରେସ ଏହି ୧୦ ଆସନରୁ ୫ଟିରେ ଲିବାକୁ ଚାହୁଁଥିଲା । ହେଲେ ସପା ଲୋକସଭାରେ ଭଲ ପ୍ରଦର୍ଶନ କରିଥିବାରୁ ଦଳ ପକ୍ଷରୁ ୬ଟି ଆସନ ପାଇଁ ପ୍ରାର୍ଥୀ ଦିଆଯାଇଛି । ଲୋକସଭାରେ ସପା ଉତ୍ତର ପ୍ରଦେଶର ୬୨ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୩୭ଟିରେ ଜିତିଥିଲା । କଂଗ୍ରେସ ୧୭ଟି ଆସନରେ ପ୍ରାର୍ଥୀ ଦେଇ ୬ଟିରେ ବାଜିମାତ କରିଥିଲା । ଏହି ସଂଖ୍ୟା ଆଧାରରେ ସପା ମାତ୍ର ୩ଟି ଆସନ କଂଗ୍ରେସକୁ ଅଫର କରିଥିଲା । ଏହାକୁ ନେଇ ଟଣାଓଟରା ଚାଲିଥିବା ବେଳେ ଆଜି ସପା ୬ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଛି । ଏହାକୁ ନେଇ କଂଗ୍ରେସ ଚକିତ ହୋଇଛି । ଦଳର ରାଜ୍ୟ ଇନଚାର୍ଜ ଅବିନାଶ ପାଣ୍ଡେ କହିଛନ୍ତି, ଏହା ସତ ଯେ ଆମକୁ କୌଣସି ସୂଚନା ଦିଆଯାଇ ନାହିଁ । ଇଣ୍ଡିଆ ମେଣ୍ଟ ସଂଯୋଜକ କମିଟି ମଧ୍ୟ ଆଲୋଚନା କରିନି । କିନ୍ତୁ ସିଟ ଘୋଷଣା ଓ ନିର୍ବାଚନ ଲଢ଼ିବା ନେଇ କମିଟି ଯାହା ବି ନିଷ୍ପତ୍ତି ନେବ ଆମେ ତା'କୁ ମାନିବୁ । ଉତ୍ତର ପ୍ରଦେଶରେ ଆମେ ଆଦୌ ଅତ୍ୟଧିକ ଆତ୍ମବିଶ୍ୱାସ ଦେଖାଇ ନାହୁଁ । ସଂଗଠନକୁ ସଶକ୍ତ କରିବାକୁ ଆମେ କାମ କରୁଛୁ । ଉପ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି ।

## କେନ୍ଦ୍ର କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ୨୦୨୮ ଯାଏ ମିଳିବ ମାଗଣା ଚାଉଳ

ନୂଆଦିଲ୍ଲୀ:କେନ୍ଦ୍ର ସରକାରଙ୍କ ପକ୍ଷରୁ ଖାଦ୍ୟ ଆଇନ ଓ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଦିଆଯାଉଥିବା ମାଗଣା ପୋଷଣଯୁକ୍ତ ଚାଉଳ ବଣ୍ଟନ ପ୍ରକ୍ରିୟା ଜାରି ରହିବ । ଆସନ୍ତା ୨୦୨୮ ଯାଏ ଲୋକମାନେ ମାଗଣାରେ ଏହି ଚାଉଳ ପାଇପାରିବେ ।ଏଥିପାଇଁ ୧୭,୦୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ଏହା ଉପରେ ମୋହର ଲଗାଯାଇଛି । ଆନେମିଆ ଓ ଅପପୁଷ୍ଟିକୁ ରୋକିବା ପାଇଁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ ନିଷ୍ପତ୍ତି



ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମାଗଣା ପୋଷଣଯୁକ୍ତ ଚାଉଳ ପାଇଁ ମୋଟ ୧୭,୦୮୨ କୋଟି ଟଙ୍କା ଖର୍ଚ୍ଚ ହେବ । କେନ୍ଦ୍ର ସରକାର ଏଥିପାଇଁ ପୂରା ପାଣ୍ଠି ଯୋଗାଇ ଦେବେ ।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ସମେତ ସରକାରଙ୍କ ସବୁ ଯୋଜନା ଅଧୀନରେ ଏହି ଚାଉଳ ଲୋକମାନେ ପାଇ ପାରିବେ । ୨୦୨୪ ଜୁଲାଇରୁ ୨୦୨୮ ଡିସେମ୍ବର ଯାଏ ପୋଷଣଯୁକ୍ତ ମାଗଣା ଚାଉଳ ମିଳିବ ବୋଲି ସେ କହିଛନ୍ତି ।

୨୦୨୨ ଏପ୍ରିଲ ମାସରେ ସରକାର ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଦେଶରେ ପୋଷଣଯୁକ୍ତ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା । ୨୦୨୪ ମାଚ୍ଚ ସୁଦ୍ଧା ପର୍ଯ୍ୟାୟକ୍ରମେ ଏହି ଯୋଜନା ଦେଶର ସବୁ ପ୍ରାନ୍ତରେ ଲାଗୁ ହେବ ବୋଲି କୁହାଯାଇଥିଲା । ସରକାର ମଧ୍ୟ ଏହାକୁ ସଫଳତାର ସହ ଲାଗୁ କରିଥିବା କହିଛନ୍ତି । ସବୁ ସରକାରୀ ଯୋଜନା ଅଧୀନରେ ଲୋକଙ୍କୁ ପୋଷଣଯୁକ୍ତ ମାଗଣା ଚାଉଳ ୨୦୨୪ ମାର୍ଚ୍ଚ ସୁଦ୍ଧା ଯୋଗାଇ ଦିଆଯାଇଛି ।ଏବେ ଏହି ଯୋଜନାକୁ ୨୦୨୮ ଡିସେମ୍ବର ମାସ ଯାଏ ବୃଦ୍ଧି କରାଯାଇଛି ।

# ମାଡ଼ି ଆସୁଛି ଘୂର୍ଣ୍ଣିବଳୟ ମିଲନ

ୱାଶିଂଟନ: ଘୂର୍ଣ୍ଣିବଳୟ ମିଲଟନ୍ ଘଣ୍ଟା ପ୍ରତି ୩୨୧ କିଲୋମିଟର ବେଗରେ ଫ୍ଲୋରିଡା ଆଡକୁ ଗତି କରୁଛି । ଏହା ଯେକୌଣସି ସମୟରେ ଫ୍ଲୋରିଡାର ତାଣ୍ଡବ ରଚିପାରେ । ଏହାପୂର୍ବରୁ ବୁଧବାର ଅପରାହ୍ନରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏକ ବଡ ବିବୃତି ଦେଇଛନ୍ତି । ରାଷ୍ଟ୍ରପତି ଗଣମାଧ୍ୟମରେ ଏକ ବିବୃତି ଦେଇ ଫ୍ଲୋରିଡା ବାସିନ୍ଦାଙ୍କୁ ଘର ଖାଲି କରି ପଳାଇବାକୁ ଅନୁରୋଧ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ମିଲଟନ୍ ଏକ ୫ ଶ୍ରେଣୀ ଝଡ଼ । ଯାହା ଫଳରେ ଲୋକମାନେ ଅତି କମରେ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ନିଜ ଘର ଖାଲି କରିବାକୁ ସେ ଅନୁରୋଧ କରୁଛନ୍ତି । ଯାହାଫଳରେ ଧନଜୀବନ ହାନୀ ହେବାକୁ କମ୍ କରାଯାଇ ପାରିବ । ଆମେରିକାର ପାଣିପାଗ ବିଭାଗ ଅନୁଯାୟୀ, ମିଲଟନ୍ ରାଜ୍ୟର ଗଲ୍ଫ କୋଷ୍ଟରେ ସବୁଠାରୁ ବିନାଶକାରୀ ଝଡ଼ ହେବ ବୋଲି ଆଶା କରାଯାଉଛି । ସ୍ଥାନୀୟ ପ୍ରଶାସନ ଉପକୂଳବର୍ତ୍ତୀ ଅଞ୍ଚଳରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସେମାନଙ୍କ ଘର ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଝଡ଼ ଭୟରେ ଲୋକେ ଘର ଖାଲି କରି ସୁରକ୍ଷିତ ସ୍ଥାନ ମୁହାଁ ହୋଇଛନ୍ତି । ଫଳରେ ରାସ୍ତାରେ ଭିଡ଼ ଲାଗି ରହିଛି । ଏହା ସହିତ ଲୋକେ ନିଜ ନିଜ ଗାଡ଼ିରେ ଅଧିକ ପେଟ୍ରୋଲ ପକାଉଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକ ଖାଲି ହୋଇଯାଇଛି । ଲୋକମାନେ ଘରୁ ପଳାୟନ କରୁଥିବା ବେଳେ ଫ୍ଲୋରିଡା ଏବଂ ଏହାର ନିକଟବର୍ତ୍ତୀ ସହରଗୁଡ଼ିକରେ ମୁଖ୍ୟ ସଡ଼କ ଓ ରାଜପଥରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଏହାପୂର୍ବରୁ ଷ୍ଟର୍ମ ହେଲେନ ସହରକୁ ଧକ୍କା ଦେଇଥିଲା, ଯାହା ବହୁ କ୍ଷତି ଘଟାଇଥିଲା ।

ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳ ପ୍ରଶାସନ ୫ ଶ୍ରେଣୀର ଏହି ଝଡ଼କୁ ବିପର୍ଯ୍ୟୟ ବୋଲି ବିବେଚନା କରିଛି । ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ଘଣ୍ଟା ପ୍ରତି ୨୪୯ କିଲୋମିଟର କିମ୍ବା ତା'ଠାରୁ ଅଧିକ ବେଗରେ ପବନ ବହିଲେ ଏହାକୁ ୫ ଶ୍ରେଣୀ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଥାଏଛ ଝଡ଼ ମିଲଟନ୍ କାରଣରୁ ଜୀବନ ଏବଂ ସମ୍ପତ୍ତି ନଷ୍ଟ ହେବାର ଭୟ ରହିଛି । ତେଣୁ ଏହି ଝଡ଼କୁ ବିପଜ୍ଜନକ ବୋଲି ଘୋଷଣା କରାଯାଇଛି । ଏହି ଝଡ଼ରେ ୧୮ ଫୁଟରୁ ଅଧିକ ଉଚ୍ଚର ଜୁଆର ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାଯୋଗୁ ଘର ଭୁଶୁଡିଯିବାର ଆଶଙ୍କା ରହିଛି । ମିଲଟନ୍ ଝଡ଼ ଯୋଗୁ ଗଛ ଏବଂ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବାର ଆଶଙ୍କା ରହିଛି ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସିଲ୍

ନୂଆଦିଲ୍ଲୀ: ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ନେଇ ଦିଲ୍ଲୀରେ ଉତ୍ତେଜନା ଦେଖାଦେଇଛି । ଆମ୍ ଆଦମୀ ପାର୍ଟି ଅଭିଯୋଗ କରିଛି ଯେ ଉପରାଜ୍ୟପାଳଙ୍କ ନିର୍ଦ୍ଦେଶରେ ପିଡବ୍ଲ୍ୟୁଡି ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ ଜିନିଷପତ୍ର ବାହାର କରି ତାଙ୍କ ବାସଭବନକୁ ସିଲ୍ କରିଛନ୍ତି । ଦିଲ୍ଲୀ ସିଏମ କାର୍ଯ୍ୟାଳୟ (ସିଏମଓ) ଅଭିଯୋଗ କରିଛି, ଦେଶର ଇତିହାସରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଖାଲି କରାଯାଇଛି । ବିଜେପିର ନିର୍ଦ୍ଦେଶରେ ଦିଲ୍ଲୀର ଉପରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରୁ ଜିନିଷପତ୍ର ବାହାର କରାଯାଇଛି । ଦିଲ୍ଲୀ ସିଏମ କାର୍ଯ୍ୟାଳୟ ଅଭିଯୋଗ କରିଛି ଯେ ଜଣେ ବଡ ବିଜେପି ନେତାଙ୍କୁ ସିଏମ ବାସଗୃହ ବଣ୍ଟନ ପାଇଁ ଉପରାଜ୍ୟପାଳଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି । ୨୭ବର୍ଷ ଧରି ଦିଲ୍ଲୀରେ କ୍ଷମତାଠାରୁ ଦୂରରେ ଥିବା ବିଜେପି ବର୍ତ୍ତମାନ ସିଏମ ବାସଭବନକୁ କବଜା କରିବାକୁ ଚାହୁଁଛି । ତେବେ ବିଜେପି କହିଛି ଯେ ଆତିଶୀ ବଙ୍ଗଳାକୁ ବେଆଇନ ଭାବେ ଦଖଲ କରିଛନ୍ତି । ଯେତେବେଳେ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ତେତେବେଳେ ସମଗ୍ର ବିବାଦ ସାମ୍ନାକୁ ଆସିଥିଲା । ଏହା ପରେ ଆତିଶୀଙ୍କୁ ଦିଲ୍ଲୀର ନୂତନ ସିଏମ୍ କରାଯାଇଥିଲା । ନୂତନ ସିଏମ୍ ଆତିଶୀ ଫ୍ଲାଗଷ୍ଟାଫ୍ ରୋଡ୍-୬ରେ ଅବସ୍ଥିତ ଏହି ସରକାରୀ ବାସଭବନକୁ ସ୍ଥାନାନ୍ତରିତ ହୋଇଥିଲେ । ତେବେ ବର୍ତ୍ତମାନ ସିଏମ୍‌ଓ ପକ୍ଷରୁ ତାଙ୍କ ବଙ୍ଗଳା ଖାଲି କରାଯାଇଥିବା ଅଭିଯୋଗ ହୋଇଛି । ଏହାପୂର୍ବରୁ ଅରବିନ୍ଦ କେଜ୍ରିୱାଲ ତାଙ୍କ ପରିବାର ସହିତ ୯ ବର୍ଷରୁ ଅଧିକ ସମୟ ଧରି ଏହି ବଙ୍ଗଳାରେ ରହୁଥିଲେ ।

# ହରିୟାଣାରେ ପଦ୍ମ ଧରିଲେ ଦୁଇ ସ୍ୱାଧୀନ ବିଧାୟକ

ଚଣ୍ଡିଗଡ଼ : ଏହି ଦୁଇ ଜଣ ବିଜେପିରେ ମିଶିବା ପରେ ଦଳର ଆସନ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି । ସାବିତ୍ରୀ ଜିନ୍ଦଲଙ୍କ ସମର୍ଥନ ପରେ ଏହା ୫୧ରେ ପହଞ୍ଚିବ । ହରିୟାଣା ବିଧାନସଭାରେ ଐତିହାସିକ ବିଜୟ ହାସଲ କରିଥିବା ବିଜେପିର ଆହୁରି ଶକ୍ତିଶାଳୀ ହୋଇଛି । ହରିୟାଣାର ୯୦ଟି ଆସନରୁ ଦଳ ଏକାକୀ ୪୮ଟି ଆସନ ଜିତି କ୍ରମାଗତ ତୃତୀୟ ଥର ସରକାର ଗଠନ କରିବାକୁ ଯାଉଛି । ଏପରି ସ୍ଥିତିରେ ଆଜି ବିଜେପିରେ ସାମିଲ ହୋଇଛନ୍ତି ଦୁଇ ଜଣ ସ୍ୱାଧୀନ ବିଧାୟକ । ଅନ୍ୟତମ ସ୍ୱାଧୀନ ବିଧାୟକ ସାବିତ୍ରୀ ଜିନ୍ଦଲ ମଧ୍ୟ ଖୁବଶୀଘ୍ର ପଦ୍ମକୁ ସମର୍ଥନ ଘୋଷଣା କରିବେ ବୋଲି ଜଣାପଡ଼ିଛି । ଆଜି ସ୍ୱାଧୀନ ବିଧାୟକ ଦେବେନ୍ଦ୍ର କାଡୟାନ ଓ ରାଜେଶ ଜୋନ ବିଧିବଦ୍ଧ ଭାବେ ବିଜେପିରେ



ମିଶିଛନ୍ତି । ସେମାନେ ପ୍ରଥମେ ବିଜେପିର ହରିୟାଣା ଇନଚାର୍ଜ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଥିଲେ । ଏହାପରେ ହରିୟାଣା ବିଜେପି ମୁଖ୍ୟ ମୋହନ ଲାଲ ବାଦୋଲିଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ପଦ୍ମ ଧରିଛନ୍ତି । ଦେବେନ୍ଦ୍ର ପୂର୍ବରୁ ବିଜେପିରେ ଥିଲେଛ କିନ୍ତୁ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଗନାଉର ଆସନରୁ ଲଢ଼ି ବିଜୟୀ ହୋଇଥିଲେ । ସେହିପରି ରାଜେଶ ବାହାଦୂରଗଡ଼ରେ ବିଜେପି ପ୍ରାର୍ଥୀଙ୍କୁ ହରାଇ ବାଜିମାତ କରିଥିଲେ । ଏହି ଦୁଇ ଜଣ ବିଜେପିରେ ମିଶିବା ପରେ ଦଳର ଆସନ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି । ସାବିତ୍ରୀ ଜିନ୍ଦଲଙ୍କ ସମର୍ଥନ ପରେ ଏହା ୫୧ରେ ପହଞ୍ଚିବ ।

ଚଳିତ ବର୍ଷ ମାର୍ଚ୍ଚ ମାସରେ ସାବିତ୍ରୀ ଜିନ୍ଦଲ ବିଜେପିରେ ମିଶିଥିଲେ । କିନ୍ତୁ ତାଙ୍କୁ ଦଳ ହରିୟାଣାରେ ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇ ନଥିଲା । ତେଣୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ହିର୍ସାରୁ ଲଢ଼ି ବିଜୟୀ ହୋଇଛନ୍ତି । ସେ ମଧ୍ୟ ଆଜି ଦିଲ୍ଲୀରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ବିଜେପିକୁ ସମର୍ଥନ କରିବେ ବୋଲି କହିଥିବା ଜଣାପଡ଼ିଛି । ସାବିତ୍ରୀ ଜିନ୍ଦଲଙ୍କ ପୁଅ ହେଉଛନ୍ତି ଶିଳ୍ପପତି ନବୀନ ଜିନ୍ଦଲ । ସେ ବିଜେପି ଟିକେଟରୁ କୁରୁକ୍ଷେତ୍ର ଲୋକସଭା ଆସନରୁ ଜିତିଛନ୍ତି । ତେଣୁ ସାବିତ୍ରୀ ବିଜେପିକୁ ହିଁ ସମର୍ଥନ କରିବା ଏକପ୍ରକାରର ନିଶ୍ଚିତ ହୋଇଛି ।

# ଦୁଇ ଯବାନଙ୍କୁ ଉଠାଇ ନେଲେ ଆତଙ୍କବାଦୀ

ଶ୍ରୀନଗର : ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ଦୁଇ ଯବାନଙ୍କୁ ଉଠାଇ ନେଇଛନ୍ତି ଆତଙ୍କବାଦୀ । ଅନନ୍ତନାଗର ଜଙ୍ଗଲରୁ ଦୁଇ ସେନା ଯବାନଙ୍କୁ ଆତଙ୍କବାଦୀମାନେ ଅପରହଣ କରି ନେଇଛନ୍ତି । ତେବେ ଆତଙ୍କବାଦୀଙ୍କ କବଳରୁ ଜଣେ ଯବନା ଖସି ପଳାଇ ଆସିବାରେ ସଫଳ ହୋଇଛନ୍ତି । ସୂତ୍ରରୁ ପ୍ରକାଶ ଯେ ଅନନ୍ତନାଗର କୋକର୍ଣ୍ଣାଗ ଅଞ୍ଚଳର ଶଙ୍ଗାସରୁ ଆତଙ୍କବାଦୀମାନେ ଟେରିଟୋରିଆଲ୍ ଆର୍ମି ସୈନିକଙ୍କୁ ଅପହରଣ କରି ନେଇଛନ୍ତି । ତେବେ ଜଣେ ଯବାନ ଆତଙ୍କବାଦୀଙ୍କୁ ଚକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇ ଆସିବାରେ ସଫଳ ହୋଇଥିବା ସୂଚନା ମିଳିଛି । ସେଠାରୁ ଖସି ଆସିବା ପରେ ସେ ସେନାକୁ ଏନେଇ ସୂଚନା ଦେଇଛନ୍ତି । ନିଖୋଜ ସୈନିକଙ୍କୁ ଖୋଜିବା ପାଇଁ ସୁରକ୍ଷା ବାହିନୀ ସର୍ଚ୍ଚ ଅପରେସନ୍ ଜାରି ରଖିଛି । ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ଅକ୍ଟୋବର ୮ରେ ଜମ୍ମୁ କଶ୍ମୀରରେ ନିର୍ବାଚନ ଫଳାଫଳ ଘୋଷଣା କରାଯାଇଥିଲା । ବର୍ତ୍ତମାନ ଏଠାରେ ନ୍ୟାସନାଲ କନ୍ଫରେନ୍ସ-କଂଗ୍ରେସ ମେଣ୍ଟର ନୂତନ ସରକାର ଗଠନ ହେବାକୁ ଯାଉଛି ।

# ଆରମ୍ଭ ହେଲା କଚ୍ଚା ଘର ସର୍ଭେ

ନୂଆଦିଲ୍ଲୀ : କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ମଧ୍ୟପ୍ରଦେଶର ଭୈରୁଣ୍ଡାଠାରେ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟର ଗ୍ରାମୀଣ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆବାସ ସଖୀ ମୋବାଇଲ୍ ଆପ୍ ଉନ୍ମୋଚନ କରିବା ସହ ୧୮ଟି ରାଜ୍ୟରେ ୧୦୦ଟି ଗୋଷ୍ଠୀ ପରିଚାଳିତ ପ୍ରଶିକ୍ଷଣ କେନ୍ଦ୍ର-ସିଏମଟିସିର ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୫୦୦ କିଲୋମିଟର ନୂତନ ପକ୍କା ରାସ୍ତାର ଶିଳାନ୍ୟାସ କରିବା ସହ ଗ୍ରାମ ସଡ଼କ ସର୍ବେକ୍ଷଣ ଓ ଯୋଜନା ଉପକରଣର ଶୁଭାରମ୍ଭ କରିଥିଲେ । ସେହିପରି ମଧ୍ୟପ୍ରଦେଶରେ ୫ଟି ନୂଆ ଆରଏସଇଟିଆଇ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି । ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଯାଦବ, ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ କମଲେଶ ପାସୱାନ, ମଧ୍ୟପ୍ରଦେଶର ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ପଟେଲ, ଗ୍ରାମ୍ୟ ଉନ୍ନୟନ ସଚିବ ଶୈଳେଶ କୁମାର ଏବଂ ମନ୍ତ୍ରଣାଳୟ ତଥା ରାଜ୍ୟ ସରକାରଙ୍କ ଅନେକ ଅଧିକାରୀ



ଉପସ୍ଥିତ ଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ଆଜିଠାରୁ ସାରା ଦେଶରେ କଚ୍ଚା ଘରର ସର୍ଭେ ଆରମ୍ଭ ହେଉଛି ଏବଂ ୨୦୧୮ର ପକ୍କା ଘର ତାଲିକାରେ ବାଦ୍ ପଡ଼ିଥିବା ଲୋକଙ୍କ ନାମ ଏବେ ଅନ୍ତର୍ଭୁକ୍ତ କରାଯିବ । କୌଣସି ଭଉଣୀ କିମ୍ବା ଭାଇ ଯେପରି ବାଦ୍ ନ ପଡ଼ିବେ ସେଥିପାଇଁ ୬ ମାସ ମଧ୍ୟରେ ଏହି ସର୍ଭେ ଶେଷ ହେବ । ଫୋନ୍, ମୋଟରସାଇକେଲ୍ କିମ୍ବା ସ୍କୁଟର ଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କ ନାମ ଯୋଡ଼ାଯିବ ବୋଲି ସେ କହିଛନ୍ତି । ଲାଡଲି ବେହନାଙ୍କ ସହ ଲଖପତି ଦିଦି ତିଆରି ଅଭିଯାନ ମଧ୍ୟ ସାରା ଦେଶରେ ଚାଲିବ । ଲଖପତି ଦିଦି ଅର୍ଥାତ ପ୍ରତି ଦିଦିଙ୍କ ମାସିକ ଆୟ ୧୦ ହଜାର ଟଙ୍କାରୁ ଅଧିକ ହେବା ଦରକାର । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ପୂର୍ବରୁ କେବଳ ୧୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକ ଆବାସ ଯୋଜନା ପାଇଁ ଯୋଗ୍ୟ ଥିବା ବେଳେ ଏବେ ମାସିକ ଆୟ ୧୫ ହଜାର ଟଙ୍କା ହେଲେ ମଧ୍ୟ ଆବାସ ଯୋଜନାରେ ନାମ ଯୋଡ଼ାଯିବ । ଲଖପତି ଦିଦି କାର୍ଯ୍ୟକ୍ରମ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୨.୫ ଏକର ପର୍ଯ୍ୟନ୍ତ ଜଳସେଚିତ ଜମି ଏବଂ ୫ ଏକର ପର୍ଯ୍ୟନ୍ତ ଅଣଜଳସେଚିତ ଜମି ଥିବା ଚାଷୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପାଇବାକୁ ଯୋଗ୍ୟ ଅଟନ୍ତି । କୃଷକଙ୍କୁ ସମର୍ଥନ କରିବା ପାଇଁ କ୍ୟାବିନେଟ ପ୍ରତିଦିନ ନିଷ୍ପତ୍ତି ନେଉଛି । ବିଦେଶୀ ତୈଳ ଆମଦାନୀ ଯୋଗୁଁ ହ୍ରାସ ପାଉଥିବା ସୋୟାବିନ ଦରକୁ ପ୍ରତିହତ କରିବା ପାଇଁ ଭାରତ ସରକାର ଘରୋଇ ସୋୟାବିନ ଦର ବୃଦ୍ଧି ଲକ୍ଷ୍ୟରେ ଆମଦାନୀ ତେଲ ଉପରେ ୨୭.୫ ପ୍ରତିଶତ ଟିକସ ଲାଗୁ କରିବେ । କେନ୍ଦ୍ର ସରକାର ମଧ୍ୟପ୍ରଦେଶରେ ସର୍ବନିମ୍ନ ସହାୟକ ମୂଲ୍ୟରେ ସୋୟାବିନ୍ କିଣିବାକୁ ମଞ୍ଜୁରୀ ଦେଇଛନ୍ତି ଏବଂ ପଞ୍ଜୀକରଣ ଖୋଲା ରହିଛି । ମଧ୍ୟପ୍ରଦେଶ ପୁରା ମୁଗ କିଣି ସାରିଛି । ଏହାବ୍ୟତୀତ ବାସମତୀ ଚାଉଳର ସର୍ବନିମ୍ନ ରପ୍ତାନି ହାରକୁ ଉଚ୍ଛେଦ କରାଯାଇଛି, ଯାହା ବିଦେଶୀ ରପ୍ତାନି ଏବଂ ସମ୍ଭାବ୍ୟ ମୂଲ୍ୟ ବୃଦ୍ଧିକୁ ଅନୁମତି ଦେଇଛି ।

# ସ୍ପା ସେଣ୍ଟରରେ ସେକ୍ସ ର୍‍ୟାକେଟ

ବାର୍ମର : ରାଜସ୍ଥାନର ବାର୍ମର ସିଟିରେ ଥିବା ଏକ ସ୍ପା କେନ୍ଦ୍ରରେ ସେକ୍ସ ର୍‍ୟାକେଟ ଚାଲିଥିବା ଧରାପଡ଼ିଛି । ଆଇଏଏସ୍ ଅଫିସର ଟିନା ଡାବି ଏହି ର୍‍ୟାକେଟ୍‌ର ପରଦା ଫାସ୍ କରିଛନ୍ତି । ବହୁଚର୍ଚ୍ଚିତ ଦକ୍ଷ ଅଫିସର ଡାବି ଅଚାନକ ଏହି ସ୍ପା ସେଣ୍ଟରକୁ ଯାଞ୍ଚ କରିବା ବେଳେ ସେଠାରେ ସେକ୍ସ ର୍‍ୟାକେଟ ଚାଲୁଥିବା ଜାଣିବାକୁ ପାଇଥିଲେ । ସ୍ପା ସେଣ୍ଟରର ଦୁଆର ଭିତରପଟୁ ବନ୍ଦ ଥିଲା । ଏହି ଦ୍ୱାର ଖୋଲିବାକୁ ଟିନା ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଫିସରମାନେ ଏହାକୁ ଖୋଲିବାକୁ ବିଫଳ ହୋଇଥିଲେ । ଏହାପରେ ପୋଲିସକୁ ଡକାଯାଇ ଦ୍ୱାର ଖୋଲିବାକୁ କୁହାଯାଇଥିଲା । ପୋଲିସ ସ୍ପା ସେଣ୍ଟରର ଦ୍ୱାର ଭାଙ୍ଗି ଭିତରେ ପ୍ରବେଶ କରିଥିଲେ । ଏତିକିବେଳେ ସେମାନେ ଘର ଭିତରେ ୫ ଜଣ ଯୁବତୀ ଓ ଦୁଇଜଣ ଯୁବକ ଆପତ୍ତିଜନକ ଅବସ୍ଥାରେ ଥିବାର ଦେଖିବାକୁ ପାଇଥିଲେ । ସେଠାରେ ଦେହ ବେପାର କରୁଥିବା ସନ୍ଦେହରେ ବାର୍ମର ସଦର ପୋଲିସ ସମସ୍ତଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି । ଦୀର୍ଘଦିନ ଧରି ଏହି ସ୍ପା କେନ୍ଦ୍ରରେ ଅନୈତିକ କାର୍ଯ୍ୟ ଚାଲୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ସ୍ପା କେନ୍ଦ୍ର ଚଳାଉଥିବା ମାଲିକ ଶ୍ରମ ବିଭାଗଠାରୁ ଲାଇସେନ୍ସ ପାଇଛନ୍ତି । ସେମାନେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିହାର ଓ ନେପାଳରୁ ଯୁବତୀମାନଙ୍କୁ ଆଣି ସ୍ପା କେନ୍ଦ୍ରରେ ଦେହ ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଛି । ଏହି ସେକ୍ସ ର୍‍ୟାକେଟର ପରଦା ଫାସ କରିଥିବା ଟିନା ଡାବି ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛନ୍ତି । ତାଙ୍କର ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।

# କଂଗ୍ରେସ-ଆପ୍ ମଧୁଚନ୍ଦ୍ରିକାର ଅନ୍ତ

## ଦିଲ୍ଲୀରେ ହେବନି ମେଣ୍ଟ

ନୂଆଦିଲ୍ଲୀ : ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବ କ୍ଷମତାସୀନ ଆପ୍ । ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ଇଣ୍ଡିଆ ମେଣ୍ଟର ସଦସ୍ୟଛ ଏଥିସହ କଂଗ୍ରେସ ସହ ମେଣ୍ଟ କରି ଆପ୍ ଦିଲ୍ଲୀରେ ଲୋକସଭା ନିର୍ବାଚନ ଲିଥିଲା । ହେଲେ ହରିୟାଣାରେ ଉଭୟ କଂଗ୍ରେସ ଓ ଆପ୍‌କୁ ଝଟକା ଲାଗିଛି । କଂଗ୍ରେସ ବିଜୟ ସୁଯୋଗ ହାତ ଛଡ଼ା କରିଥିବା ବେଳେ ଆପ୍ ଖାତା ଖୋଲିବାକୁ ସକ୍ଷମ ହୋଇନାହିଁ । ହରିୟାଣାରେ ଦୁଇ ଦଳ ଏକାଠି ନିର୍ବାଚନ ଲିବାକୁ ଆଗ୍ରହ ଦେଖାଇଥିଲେ ହେଁ ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ ନ ହେବାରୁ ଉଭୟ ଅଲଗା ଅଲଗା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ହରିୟାଣା ନିର୍ବାଚନ ଶେଷ ହେବା ପରେ ଏବେ ସମସ୍ତଙ୍କ ନଜର ଦିଲ୍ଲୀ ଉପରକୁ ଆସିଛି । ଦିଲ୍ଲୀରେ କ'ଣ ଆପ୍ ଓ କଂଗ୍ରେସ ମେଣ୍ଟ କରିବେ କି? ଏହି ପ୍ରଶ୍ନର ଉତ୍ତର ଆପ୍ ପକ୍ଷରୁ ଦିଆଯାଇଛି ଓ କଂଗ୍ରେସ ସହ ଦିଲ୍ଲୀରେ ଦଳ ମେଣ୍ଟ କରିବ ନାହିଁ ବୋଲି ସ୍ପଷ୍ଟ କରିଛି । ଆପ୍ ମୁଖପାତ୍ର ପ୍ରିୟଙ୍କା କାକ୍କର ହରିୟାଣାରେ କଂଗ୍ରେସ ଅତ୍ୟଧିକ ଆତ୍ମବିଶ୍ୱାସ ପାଇଁ ହାରିଥିବା ମଧ୍ୟ କହିଛନ୍ତି ।

ସେ କହିଛନ୍ତି, ଆପ୍ ଦିଲ୍ଲୀରେ କଂଗ୍ରେସ ସହ କୌଣସି ମେଣ୍ଟ କରିବ ନାହିଁ । ହରିୟାଣାରେ ଆପ ଓ ସମାଜବାଦୀ ପାର୍ଟିକୁ କଂଗ୍ରେସ ସିଟ ଛାଡ଼ି ନଥିଲା । ଲୋକସଭା ବେଳେ ଉତ୍ତର ପ୍ରଦେଶ ଓ ଦିଲ୍ଲୀରେ ଦୁଇ ଦଳ କଂଗ୍ରେସକୁ ଅଧିକ ଆସନ ଛାଡ଼ିଥିଲେ । ତଥାପି ହରିୟାଣାରେ କଂଗ୍ରେସ ସିଟ ଛାଡ଼ିବାକୁ ରାଜି ହୋଇ ନଥିଲା । ଦଳ ବିଜୟ ନେଇ ଅଧିକ ଆତ୍ମବିଶ୍ୱାସ ଦେଖାଇଥିଲେ । ତେଣୁ ଦଳକୁ ଏବେ ହାରିବାକୁ ପଡ଼ିଛି । ଆସନ୍ତାବର୍ଷ ଫେବୃଆରୀରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବ । ଆପ୍ କ୍ରମାଗତ ତୃତୀୟ ଥର ପାଇଁ ଦିଲ୍ଲୀରେ କ୍ଷମତା ଦଖଲ ମୁଡରେ ରହିଛି । ମଙ୍ଗଳବାର ହରିୟାଣା ରେଜଲ୍ଟ ବାହାରିବା ପରେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ କଂଗ୍ରେସକୁ ପରୋକ୍ଷରେ କଟାକ୍ଷ କରିଥିଲେ । ସେ ଆପ୍ କାଉନସିଲରଙ୍କୁ ସମ୍ବୋଧନ କରୁଥିବା ବେଳେ କହିଥିଲେ ଯେ ଗୋଟିଏ କଥା ସ୍ପଷ୍ଟ ହୋଇଛି । ସବୁଠାରୁ ବଡ଼ ଶିକ୍ଷା ହେଲା ନିର୍ବାଚନରେ ଜଣେ କେବେ ହେଲେ ହିଁ ଅତ୍ୟଧିକ ଆତ୍ମବିଶ୍ୱାସ ଦେଖାଇବା କଥା ନୁହେଁ ।

# ବଢ଼ିବନି ରେପୋ ରେଟ୍

ନୂଆଦିଲ୍ଲୀ : ବଢ଼ିବନି ହୋମ୍ ଲୋନ୍ ଇଏମ୍ଆଇ । ଏଥର ମଧ୍ୟ ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆର୍ବିଆଇ । ଲଗାତର ୧୦ମ ଥର ପାଇଁ ପ୍ରମୁଖ ସୁଧ ହାର ତଥା ରେପୋ ରେଟ୍ରେ କୌଣସି ପରିବର୍ତ୍ତନ ହୋଇନାହିଁ ।

ଆଜି ଏମପିସିର ନିଷ୍ପତ୍ତି ଘୋଷଣା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ତଥା ଏମପିସି ଅଧ୍ୟକ୍ଷ ଶକ୍ତିକାନ୍ତ ଦାସ ଏହି ସୂଚନା ଦେଇଛନ୍ତି । ଆରବିଆଇ ଗଭର୍ଣ୍ଣର କହିଛନ୍ତି ଯେ ଏମପିସି ବୈଠକରେ ରେପୋ ରେଟ୍‌କୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ରିଭର୍ସ ରେପୋ ରେଟ୍‌କୁ ୩.୩୫% ଓ ବ୍ୟାଙ୍କ ରେଟ୍‌କୁ ୬.୭୫%ରେ ସ୍ଥିର ରହିଛି । ନୀତିଗତ ଆଭିମୁଖ୍ୟକୁ ମଧ୍ୟ ନ୍ୟୁଟ୍ରଲ ରଖାଯାଇଛି । ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୭ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ଆରବିଆଇର ମୁଦ୍ରା ନୀତି କମିଟିର ବୈଠକ ସୋମବାର ଠାରୁ ଆରମ୍ଭ ହୋଇଛି । ଏହି ମାସ ଆରମ୍ଭରେ ସରକାର ମୁଦ୍ରା ନୀତି କମିଟି (ଏମପିସି) – ଭାରତର ରିଜର୍ଭ ବ୍ୟାଙ୍କର ରେଟ୍ ସେଟିଂ କମିଟି ପୁର୍ନଗଠନ କରିଥିଲେ । ଏଥର କମିଟି ତିନିଜଣ ନୂତନ



ନିଯୁକ୍ତ ବାହ୍ୟ ସଦସ୍ୟଙ୍କ ସହ ଏହି ବୈଠକ କରିଛନ୍ତି ।

କହିରଖୁ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଫେବୃଆରୀ ୨୦୨୩ ଠାରୁ ରେପୋ ରେଟ୍‌କୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ଆର୍ବିଆଇର ଏହି ନିଷ୍ପତ୍ତି ସାମ୍ନାକୁ ଆସିବା ପରେ ସେୟାର ମାର୍କେଟରୁ ଏହାକୁ ନେଇ ସକାରାତ୍ମକ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ ଇଣ୍ଡେକ୍ସ ସେନ୍ସେକ୍ସ ୫୦୦ ପଏଣ୍ଟକୁ ବୃଦ୍ଧି ପାଇଛି । ଏଥି ସହିତ, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୫୦ ପଏଣ୍ଟକୁ ବଢ଼ିଛି ।

# ଆଗୁଆ ଟି-୨୦ ଶୃଙ୍ଖଳା କବ୍‌ଜା କଲା ଭାରତ



ନୂଆଦିଲ୍ଲୀ,୯।୧୦(ଏଜେନ୍ସି): ଟେଷ୍ଟ ଭଳି ବାଂଲାଦେଶ ବିପକ୍ଷ ଟି-୨୦ ଶୃଙ୍ଖଳାକୁ ଆଗୁଆ ୨-୦ରେ କବଜା କରି ଭାରତୀୟ ଟିମ । ଦିଲ୍ଲୀରେ ଖେଳା ଯାଇଥିବା ଦ୍ୱିତୀୟ ଟି-୨୦କୁ ଭାରତୀୟ ଟିମ ଅତି ସହଜରରେ ଜିତି ନେଇଛି ।

ଭାରତ ୨୨୨ ରନର ଟାର୍ଗେଟ ଦେଇଥିବା ବେଳେ ବାଂଲାଦେଶ ଟିମ ୯ ୱିକେଟରେ କେବଳ ୧୩୫ ରନରେ ଅଟକି ଯାଇଥିଲା । ୮୬ ରନରେ ଦ୍ୱିତୀୟ ମ୍ୟାଚକୁ ଜିତି ସୂର୍ଯ୍ୟ କୁମାର ଯାଦବଙ୍କ ଭାରତୀୟ ଟିମ ଗୋଟିଏ ମ୍ୟାଚ୍ ପୂର୍ବରୁ ଶୃଙ୍ଖଳା କବଜା କରିନେଇଛି । ଶେଷ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ଖେଳାଯିବ ।

ବ୍ୟାଟିଂ ଓ ବୋଲିଂରେ କମାଲ କରିଥିବା ନୀତୀଶ କୁମାର ରେଡ୍ଡୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି । ସେ ବ୍ୟାଟିଂରେ ମାତ୍ର ୩୪ ବଲରେ ୭୪ ରନ କରିଥିବା ବେଳେ ବୋଲିଂରେ ୪ ଓଭର ପକାଇ ୨୩ ରନ ଦେବା ସହ ୨ଟି ୱିକେଟ ନେଇଥିଲେ ।

ନୀତୀଶ କୁମାର ବ୍ୟତୀତ ବ୍ୟାଟିଂରେ ରିଙ୍କୁ ସିଂହ ମଧ୍ୟ ୨୯ ବଲରେ ୫୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲରେ ୩୨ ରନ କରିଥିଲେ । ଫଳରେ ଭାରତ ୨୦ ଓଭରରେ ୯ ୱିକେଟ ହରାଇ ୨୨୧ ରନ କରିଥିଲା ।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ୨୨୨ ରନର ଟାର୍ଗେଟ ପିଛା କରୁଥିବା ବାଂଲାଦେଶ ଆରମ୍ଭରୁ ବାଟ ହୁଡ଼ିଥିଲା । ପରଭେଜ ହୁସେନ ଇମୋନ ୧୬, ଲିଟନ ଦାସ ୧୪, ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୧୧ ଓ ତୋହିଦ ହ୍ରିଦୟ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିଲେ । ୪୬ ରନରେ ଦଳ ୪ ୱିକେଟ ହରାଇ ଏକ ପ୍ରକାରର ବିଜୟ ଟ୍ରାକରୁ ଓହରି ଯାଇଥିଲା । ଉରୋକ୍ତ ୪ ୱିକେଟ ମଧ୍ୟରୁ ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦର ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏ ୱିକେଟ ନେଇଥିଲେ ।

ଜାକିର ଅଲୀ(୧), ରିୟାଦ ହୁସେନ(୯), ମହମ୍ମଦୁଲ୍ଲା ୩୭ ଓ ତାଞ୍ଜିମ ହାସନ ସାକିବ ୭ ରନ କରିଥିଲେ । ଶେଷ ଓଭର ଫିଙ୍ଗିଥିଲେ ନୀତୀଶ କୁମାର । ପ୍ରଥମ ବଲରେ ସେ ୪୧ ରନ କରିଥିବା ମହମ୍ମଦୁଲ୍ଲାଙ୍କ ୱିକେଟ ନେଇଥିଲେ । ଏହାପରେ ସେ ୮ ରନ ଦେବାକୁ ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କେବଳ ୧୩୫ ରନ କରିପାରିଥିଲା ।

# ହାଇଟେକ୍ ଫୁଟବଲ ଲିଗ୍ ଉଦ୍‌ଯାପିତ




ଭୁବନେଶ୍ୱର,୯।୧୦(ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୫ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ହାଇଟେକ୍ ମେଡିକାଲ କଲେଜ୍, ଡେଣ୍ଟାଲ କଲେଜ, ଫିଜିଓଥେରାପି କଲେଜ, ଫାର୍ମାସୀ କଲେଜ, ନର୍ସିଂ କଲେଜ, ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗ ଦେଇ ବିଦ୍ୟାର୍ଥୀମାନେ ପାଠ ପଢିବା ସହ କ୍ରୀଡା ବି ଗୁରୁତ୍ୱପୂର୍ଣ୍ଣ ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରିନ୍ସିପାଲ ପ୍ରଫେସର୍ ରାଧାମାଧବ ତ୍ରିପାଠୀ ଉପସ୍ଥିତ ଥିଲେ । ଏଥିରେ ହାଇଟେକ୍ ମେଡିକାଲ କଲେଜର ବିଦ୍ୟାର୍ଥୀ ବିଜୟ ହାସଲ କରିଥିବାବେଳେ ଫିଜିଓଥେରାପି କଲେଜ ରନର୍ସଅପ୍ ହୋଇଛି। ଏହାକୁ ହାଇଟେକ୍ ଗ୍ରୁପର କ୍ରୀଡା ଓ ସଂସ୍କୃତି ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି ସଭାପତିତ୍ୱ କରିଥିବାବେଳେ ପ୍ରଶାସନିକ ଅଧିକାରୀ ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିଲେ । ବିଜୟୀ ଟିମ୍‌କୁ ୩୦,୦୦୦ ଏବଂ ରନର୍ସଅପ୍ ଟିମ୍‌କୁ ୧୫,୦୦୦ ସହ ଟ୍ରଫି ପ୍ରଦାନ କରାଯାଇଛି ।

# ଯାହାଙ୍କ ସହ ଦିନେ ଖେଳୁଥିଲି, ଆଜି ମୁଁ ତାଙ୍କ କୋଚ୍: ଦୀପକ ମଙ୍ଗରାଜ

ଜମ୍ମୁ,୯।୧୦(ସବ୍ୟୁ): ଓଡ଼ିଶା କ୍ରିକେଟ କିଛି ଏମିତି ଖେଳାଳିଙ୍କୁ ଆଗକୁ ଆଣିଛି, ଯେଉଁମାନେ ବର୍ଷ ବର୍ଷ ଧରି ଆଗକୁ ବଢ଼ିବା ସହ ନିଜ ନାମକୁ ଲୋକପ୍ରିୟ କରିପାରିଛନ୍ତି । ଏହି କ୍ରମରେ ସାମିଲ ଅଛନ୍ତି ଲୋକପ୍ରିୟ ଖେଳାଳି ତଥା କୋଚ୍ ଦୀପକ ମଙ୍ଗରାଜ ।

ନିଜ ଖେଳିବା ଦିନରୁ ନେଇ କୋଚିଂ କ୍ୟାରିୟର ପର୍ଯ୍ୟନ୍ତ, ଦୀପକ ଖେଳ ଜଗତରେ ଜଣେ ସଚ୍ଚୋଟ ଖେଳାଳି ରହିବା ସହ ଯୁବ ଖେଳାଳିଙ୍କ ପାଇଁ ସର୍ବଦା ପ୍ରେରଣା ପାଲଟିଛନ୍ତି । ବର୍ତ୍ତମାନ ଦୀପକ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଦଳରେ ସହକାରୀ ବୋଲିଂ କୋଚ୍ ଭାବରେ କଠିନ ପରିଶ୍ରମ କରୁଛନ୍ତି ।




### କିଛି ଖେଳାଳିଙ୍କ ସହିତ ଖେଳିବାର ସୁଯୋଗ ପାଇଲେ

ଯେତେବେଳେ କଥା ଆସେ ଅବସରପ୍ରାପ୍ତ ଖେଳାଳିଙ୍କ ଲିଗ୍ ବିଷୟରେ, ସେତେବେଳେ ଏହା ଏକ ସାଧାରଣ କଥା ଯେ ଟିମ୍‌ର କୋଚ୍ ଜଣଙ୍କ ଟିମ୍‌ର ଖେଳାଳି ମାନଙ୍କ ସହ ଆଗରୁ ଖେଳି ସାରିଛନ୍ତି । ଦୀପକ ଦଳ ସହ ଏଭଳି ମୁହୂର୍ତ୍ତ ମଧ୍ୟ ଅନୁଭବ କରୁଛନ୍ତି । ସେ କହିଛନ୍ତି, ମୁଁ ଆଗରୁ ଏନସିଏରେ ଦଳର କିଛି ଖେଳାଳିଙ୍କ ସହ ସମୟ ଅତିବାହିତ କରିସାରିଛି । ମୁଁ ଇରଫାନ୍ ପଠାନଙ୍କ ସହିତ ଏମଆରଏଫ୍ ପେସ୍ ଫାଉଣ୍ଡେସନରେ ମଧ୍ୟ ଥିଲି । ଦଳର ଏକ ଅଂଶ ହେବା ଏବଂ ସେହି ଖେଳାଳିଙ୍କ କୋଚ୍ ହେବା ମୋ ପାଇଁ ଏକ ବହୁତ ବଡ କଥା । ସେ ଏ କଥା ମଧ୍ୟ କହିଲେ ଯେ, ‘‘ମୁଁ ଗତ ୫ ବର୍ଷ ଧରି ଜଣେ ପେସାଦାର କୋଚ୍ ଭାବରେ କାମ କରୁଛି । ମୁଁ ଓଡ଼ିଶାର ରଣଜୀ ଟ୍ରଫି ଦଳର ବୋଲିଂ କୋଚ୍ ଏବଂ ରାଜ୍ୟର ଯୁ-୨୩ ଦଳର କୋଚ୍ ମଧ୍ୟ ରହିଛି । ଏହି ବର୍ଷ ମୁଁ ଲିଜେଣ୍ଡସ୍ ଲିଗ୍ କ୍ରିକେଟରେ ଦଳର କୋଚ୍ ହେବାର ସୁଯୋଗ ପାଇଛି । ଏହି ସୁଯୋଗ ମତେ ଅଧିକ କିଛି ଶିଖିବାକୁ ଏବଂ ମୋର କୋଚିଂ କ୍ୟାରିୟରରେ ଆଗକୁ ବଢ଼ିବାକୁ ଉତ୍ସାହିତ କରୁଛି ।’’

### ଜାତୀୟ ଲିଗରେ ଓଡ଼ିଶାର ନାମ

ଯାହା ବି ହେଉ, ବର୍ତ୍ତମାନ ରାଜ୍ୟରେ ଥିବା କ୍ରିକେଟ ପ୍ରେମୀ ପାଇଁ ଏହା ଖୁସିର ସମୟ । ଓଡିଶା ନାମରେ ଏବେ ଏବେ କ୍ରିକେଟ୍ ଦଳ ଆସିଯାଇଛି । ଦୀପକ ଏହି ପଦକ୍ଷେପକୁ ମଧ୍ୟ ଅତ୍ୟନ୍ତ ପ୍ରଶଂସା କରିଛନ୍ତି । ସେ କହିଲେ, ପ୍ରଥମଥର ପାଇଁ ଜାତୀୟ କ୍ରିକେଟ୍ ଲିଗରେ ଏକ ଦଳର ନାମ ଓଡ଼ିଶା ନାମରେ ରଖାଯାଇଛି । ଏହା ରାଜ୍ୟରେ ଖେଳକୁ ଆଗକୁ ନେବାରେ ସାହାଯ୍ୟ କରିବ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିବ, ଯେଉଁମାନେ ଖେଳରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି । ଏହା କେବଳ ରାଜ୍ୟରେ ଖେଳର ବିକାଶ କରିବନି ବରଂ ଓଡ଼ିଶାରେ କ୍ରିକେଟ୍ ପାଇଁ ଏକ ବଡ଼ ଧାରଣର ପ୍ରଶଂସକ ମଧ୍ୟ ସୃଷ୍ଟି କରିବ । ଏହି ପଦକ୍ଷେପ ପାଇଁ ମୁଁ ଆସୋଟେକ୍ ଗ୍ରୁପର ମାଲିକଙ୍କୁ ଧନ୍ୟବାଦ ଦେବି । ଏହା ମଧ୍ୟ ପ୍ରଶଂସା ଯୋଗ୍ୟ ଯେ ସେମାନେ ଦଳର ନାମ ଓଡ଼ିଶା ନାମରେ ନାମିତ କରିଛନ୍ତି, ବୋଲି ଦୀପକ କହିଲେ ।

### ଯୁବ ଖେଳାଳିଙ୍କ ପାଇଁ ସୁଯୋଗ

କେଏସଓ ନେଟ୍ ପ୍ରାକ୍ଟିସ୍ ପାଇଁ ରାଜ୍ୟର କିଛି ଦକ୍ଷ ଯୁବ ଖେଳାଳିଙ୍କୁ ଡାକିଥିଲା । ସେମାନେ ଦଳର କେତେକ ଟପ୍ ଲେଭଲର ଖେଳାଳିଙ୍କ ସହିତ ପ୍ରାକ୍ଟିସ୍ ମଧ୍ୟ କରିଥିଲେ । ଏହା ତାଙ୍କ ଆତ୍ମବିଶ୍ୱାସ ବଢାଇବାରେ ସାହାଯ୍ୟ କରିବ ଯାହା ତାଙ୍କୁ ଖେଳରେ ଆଗକୁ ବଢ଼ିବାରେ ସାହାଯ୍ୟ ବି କରିବ । ଖେଳାଳିଙ୍କ ସହ ଅଭ୍ୟାସ ସମୟରେ ନେଟ୍ ବୋଲର ଭାବରେ କାମ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ଦ୍ୱାରା କେତେକ ଯୁବ ଖେଳାଳିଙ୍କୁ ମଧ୍ୟ ଡକାଯାଇଥିଲା । ୟୁସୁଫ ପଠାନ ଏବଂ ଅମ୍ବାତି ରାୟୁଡୁଙ୍କ ଭଳି ଖେଳାଳିଙ୍କ ସହିତ ଅଭ୍ୟାସ କରିବା ଓ କଥାବାର୍ତ୍ତା କରିବା, ସେମାନଙ୍କ କୌଶଳକୁ ଆହୁରି ଦୃଢ଼ କରିବାର ସୁଯୋଗ ଦେଇଛି । ସେହିପରି ନଟରାଜ ବେହେରାଙ୍କୁ ଖେଳାଳି ଭାବରେ ଦଳର ଅଂଶ ହେବାର ସୁଯୋଗ ମିଳିଛି ।’’

### ମୋ ପାଇଁ କମ୍ ସମୟ ଓ ଖେଳାଳିଙ୍କ ପାଇଁ ଅଧିକ



କ୍ରିକେଟ୍ କେବଳ ଖେଳ ନୁହେଁ, ଏହା ଏକ ଭାବନା । ଏପରିକି ଯେଉଁ ଖେଳାଳିମାନେ ଅବସର ନେଇଛନ୍ତି, ସେମାନେ ପୁଣି ଥରେ ପଡ଼ିଆକୁ ଓହ୍ଲାଇ ନିଜ ଖେଳ ଦେଖାଇବାର ଇଛା ରଖନ୍ତି ଯେତେବେଳେ ଲିଗରେ ଖେଳାଳି ଭାବରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ବିଷୟରେ ପ୍ରଶ୍ନ ପଚରାଗଲା, ସେତେବେଳେ ଦୀପକ ଏକ ମଜାଦାର ଉତ୍ତର ଦେଇଥିଲେ । ସେ କହିଲେ, ମୁଁ ଏବେ ବି କ୍ଲବ ଟୁର୍ଣ୍ଣାମେଣ୍ଟ ଖେଳୁଛି । ମୁଁ ନିଜକୁ ଫିଟ୍ ରଖିବା ପାଇଁ ଏକ ନିୟମିତ ରୁଟିନ୍ ମଧ୍ୟ ଅନୁସରଣକରେ । ଟ୍ରେନିଂ ହେଉ କିମ୍ବା ଖେଳିବା ହେଉ, ମୁଁ କୌଣସି ଭାବେ ଦିନସାରା କ୍ରିକେଟ୍ ସହିତ ଜଡିତ ରହିବାକୁ ଭଲପାଏ । କିନ୍ତୁ ପରିଶେଷରେ, ମୁଁ ବର୍ତ୍ତମାନ ଜଣେ କୋଚ୍ । ମୁଁ ମୋର ନିଜ ଅଭ୍ୟାସ ପାଇଁ କମ୍ ସମୟ ଦେଇ ଅଧିକ ସମୟ ଖେଳାଳିଙ୍କୁ ଟ୍ରେନିଙ୍ଗ ଦେବାରେ ଲଗାଏ । କେବଳ କ୍ରିକେଟ୍ ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଦିନ ଆମେ କିଛି ନୂଆ ଶିଖାବାକୁ ପାଉ ମୁଁ ନିଜେ ମଧ୍ୟ ପ୍ରତିଦିନ ଏଠାରେ କିଛି ନୂଆ ଶିଖୁଛି । ଏଠି ପଡ଼ିଆରେ ଭିତରେ ଏବଂ ପଡ଼ିଆ ବାହାରେ ଖେଳାଳିଙ୍କ ଦୃଷ୍ଟିକୋଣ କଣ ରହିଥାଏ, ସେ ବିଷୟରେ ମୁଁ କିଛି ନୂଆ କଥା ଶିଖିବାକୁ ପାଉଛି ।’’






## ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍

# ପଶ୍ଚିମବଙ୍ଗ ଚାମ୍ପିଅନ, ଓଡ଼ିଶା ରନର୍ସଅପ୍




୧୪ ବର୍ଷରୁ କମ ବାଳକ ଟ୍ରାଇଥଲନ ପୁରସ୍କାର ବିତରଣ ଉତ୍ସବରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ

ଭୁବନେଶ୍ୱର,୯।୧୦(ସବ୍ୟୁ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି । ପ୍ରତିଯୋଗିତାରେ ୨୫୫ ପଏଣ୍ଟ ସହ ପଶ୍ଚିମବଙ୍ଗକୁ ଓଭରଅଲ୍ ଚାମ୍ପିଅନ ମାନ୍ୟତା ମିଳିଥିବା ବେଳେ ୨୧୯ ପଏଣ୍ଟ ସହ ଟିମ୍ ଓଡ଼ିଶା ଓଭରଅଲ୍ ରନର୍ସଅପ୍ ସ୍ଥାନ ହାସଲ କରିଛି । ସେହିପରି ଭାବେ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ବର୍ଗରେ ୧୨୬ ପଏଣ୍ଟ ସହ ଓଡ଼ିଶା ଓଭରଅଲ୍ ଚାମ୍ପିଅନ୍ ହୋଇଥିବା ବେଳେ ପଶ୍ଚିମବଙ୍ଗ ୧୦୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାସଲ କରିଛି । ମହିଳା ବର୍ଗରେ ୧୫୩ ପଏଣ୍ଟ ସହ ପଶ୍ଚିମବଙ୍ଗ ଓଭରଅଲ୍ ଚାମ୍ପିଅନ୍ ହୋଇଥିବା ବେଳେ ଟିମ୍ ଓଡ଼ିଶା ୯୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଲାଭ କରିଛି ।

ଉଦଯାପନୀ ସମାରୋହରେ ହକି ପ୍ରମୋସନାଲ କାଉନସିଲ୍ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଯୋଗଦେଇ ସମସ୍ତ ବିଜେତା ଖେଳାଳିଙ୍କୁ ପଦକ ପ୍ରଦାନ କରିଥିଲେ । ଦୀପଙ୍କର ମହାପାତ୍ର ସମସ୍ତ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଇଷ୍ଟଜୋନ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ମାଧ୍ୟମରେ ଯୁବକ୍ରୀଡ଼ାବିତମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ଉତ୍ତମ ପ୍ଲାଟଫର୍ମ ପାଇ ପାରୁଛନ୍ତି ବୋଲି କହିଥିଲେ ।




**Bharat Medical Hall**
Hospital Road, Baripada Mayurbhanj
Contact Us. : 9437039969
Regd. No. 17956/2011

| SPECIALIST | VISITING DOCTOR | PROFESSIONAL STATUS |
| --- | --- | --- |
| DENTIST | Dr. Sujit Ranjan Sahoo<br>Dr. Sonia Aggarwal | (Professor) PRMMCH, Baripada, (Ex-Asso.Porf.) SUM Hospital, BBSR |
| | Dr. A.K. Das | D. Artho (Khalikot), B.D.S. (Indore) |
| DIABETICS & THYROID | Dr. J.B. Kanwar | (Professor) Institute of Medical Science & SUM Hospital, MD (Medicine), DM (Endocrinology) SGPG |
| E.N.T | Dr. Mamata Sahoo | Prof. & HOD (ENT) PRM Medical College, Baripada Grant Medical |
| | Dr. Rajesh Kar | College & Sir J.J. Group of Hospitals, Mumbai, M.B.B.S, M.S., DNB |
| EYE (OPTHALMOLOGIST) | Dr. Suchitra Panigrahi | Associate Professor & H.O.D, (Opth.), PRMMCMCH, Baripada - M.B.B.S., M.S. (Opth). |
| GYNAECOLOGIST | Dr.Sudhanshu Sekhar Nath | (Asst. Professor) PRMMCMCH, Baripada M.S. (O&G) |
| HEART (CARDIOLOGIST) | Dr.Giridhari Jena | CARE Hospital, BBSR - M.D., D.M. (Cardio), FSCAI, FAHA |
| KIDNEY (NEFROLOGIST) | Dr.Bibekananda Panda | CARE Hospital, BBSR - M.D., (Ped.), DNB, Nephrology, Pediatric and Transplant Nephrology |
| PULMONOLOGIST | Dr. Madhumita Nayak | MD. (Pulm Medicine) Asst. Prof PRM Medical College, Baripada |
| NEUROLOGIST | Dr. Pradyut Ranjan Bhuyan | AMRI Hospital, BBSR. - M.B.B.S., M.D. (Medicine), DNB |
| ORTHOPAEDICS | Dr. Rashmi Ranjan Mohanty | (Asst. Professor) PRAMMCMCH, Baripada. - M.S. (Orthopedic) - UTKAL |
| MEDICINE SPECIALIST | Dr. Thakura Soren | Asst. Professor Dept. of Medicine P.R.M. Medical College, Baripada Ex-Resident Doctor in SCB Cuttack |
| SKIN & V.D. | Dr. Chandan Kumar Satpathy | S.C.B. M.C.H Cuttack - MBBS, MD (Skin & V.D) |
| SURGEON | Dr. K.N. Bisoi | Senior Consultant Surgeon |
| NEUROPSY-CHIATRIST | Dr. U.P. Biswal | Consultant - Neuropsychiatrist. |

**Bharat Medical Hall**
Hospital Road, Baripada, Mayurbhanj
Contact us - 9437039969
For Home delivery Call : 9776001963 Pathology : 8093110888

**ଭାରତ ମେଡିକାଲ ହଲ**

| ବିଭାଗ | ଡାକ୍ତରଙ୍କ ନାମ | ସାମ୍ପ୍ରତିକ ସ୍ଥିତି |
| --- | --- | --- |
| ଡେନ୍‌ଟିଷ୍ଟ | ଡା. ସୁଜିତ ରଞ୍ଜନ ସାହୁ<br>ଡା. ସୋନିଆ ଅଗାରୱାଲ୍ | ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, ପୂର୍ବରୁ ସମ ହସ୍ପିଟାଲ, ଭୁବନେଶ୍ୱର |
| | ଡା. ଏ. କେ ଦାସ୍ | ଡ. ଆର୍ଥୋ (ଖଲିକୋଟ), ବି.ବି.ଏସ୍-ଇନ୍ଦୋର |
| ଡାଇବେଟୋଲୋଜିଷ୍ଟ | ଡା. କେ.ବି. କୋଆଁର୍ | ପ୍ରଫେସର, ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏବଂ ସମ ହସ୍ପିଟାଲ, ଭୁବନେଶ୍ୱର |
| କର୍ଣ୍ଣ-ନାସା-ଗଳା (ଇ.ଏନ୍.ଟି.) | ଡା. ମମତା ସାହୁ | ପ୍ରଫେସର ଓ ମୁଖ୍ୟ (କର୍ଣ୍ଣ, ନାସା, ଗଳା) ପି.ଆର.ଏମ୍.ମେଡିକାଲ କଲେଜ ବାରିପଦା |
| | ଡା. ରାଜେଶ କର | ଗ୍ରାଣ୍ଡ ମେଡିକାଲ କଲେଜ ଏବଂ ସାର କେ.କେ. ହସ୍ପିଟାଲ, ମୁମ୍ବାଇ |
| ଅପଥାଲମୋଲୋଜିଷ୍ଟ (ଚକ୍ଷୁ) | ଡା. ସୁଚିତ୍ରା ପାଣିଗ୍ରାହୀ | ସହ-ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| ଗାଇନାଲୋଜିଷ୍ଟ ( (ସ୍ତ୍ରୀ ଓ ପ୍ରସୂତି) | ଡା. ସୁଧାଂଶୁ ସେଖର ନାଥ | ସହ-ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| କାଡିଓଲୋଜିଷ୍ଟ | ଡା. ଗିରିଧାରି ଜେନା | କେୟାର ହସ୍ପିଟାଲ, ଭୁବନେଶ୍ୱର |
| ନେଫ୍ରୋଲୋଜିଷ୍ଟ (କିଡନି) | ଡା. ବିବେକାନନ୍ଦ ପଣ୍ଡା | କେୟାର ହସ୍ପିଟାଲ, ଭୁବନେଶ୍ୱର |
| ଛାତି ରୋଗ ବିଶେଷଜ୍ଞ | ଡା. ମଧୁମିତା ନାୟକ | ସହ-ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| ନ୍ୟୁରୋଲୋଜିଷ୍ଟ (ସ୍ନାୟୁ) | ଡା. ପ୍ରଦ୍ୟୁତ୍ରଞ୍ଜନ ଭୂୟାଁ | ଆମ୍ରି ହସ୍ପିଟାଲ, ଭୁବନେଶ୍ୱର |
| ଅର୍ଥୋପେଡିକ (ଅସ୍ଥିଶଲ୍ୟ) | ଡା. ରଶ୍ମୀ ରଞ୍ଜନ ମହାନ୍ତି | ସହ-ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| ମେଡିସିନ୍‌ସ୍ ସ୍ପେସିଆଲିଷ୍ଟ | ଡା. ଠାକୁରା ସୋରେନ୍ | ଆସିଷ୍ଟାଣ୍ଟ ପ୍ରଫେସର, ଡିପାର୍ଟମେଣ୍ଟ ଅଫ ମେଡିସିନ୍ ପି.ଆର.ଏମ. ମେଡିକାଲ କଲେଜ, ବାରିପଦା ଏକ୍ସ-ରେସିଡେଣ୍ଟ ଡକ୍ଟର ଇନ୍. ଏସ.ସି.ବି, କଟକ |
| ସ୍କିନ୍ ସ୍ପେଶାଲିଷ୍ଟ (ଚର୍ମ ରୋଗ) | ଡ. ଚନ୍ଦନ କୁମାର ସତପଥୀ | ଏସିବି, ଏମସିଏଚ କଟକ |
| ୟୁରୋଲୋଜିଷ୍ଟ (ମୁତ୍ରାଶୟ | ଡା. ପ୍ରଣବ ପଟ୍ଟନାୟକ | ସହ-ପ୍ରଫେସର, ସମ ହସ୍ପିଟାଲ, ଭୁବନେଶ୍ୱର |
| ସର୍ଜରୀ ସ୍ପେଶାଲିଷ୍ଟ (ଶଲ୍ୟ) | ଡା. କାଶୀନାଥ ବିଶୋଇ | ବରିଷ୍ଠ ବିଶେଷଜ୍ଞ- ସର୍ଜରୀ |
| ସାଇକାଟ୍ରିକ୍ସ | ଡା. ୟୁ.ପି. ବିଶ୍ୱାଳ | ବରିଷ୍ଠ ବିଶେଷଜ୍ଞ-ସାଇକାଟିକ୍ସ |

**ଭାରତ ମେଡିକାଲ ହଲ**
ହସ୍‌ପିଟାଲ ରୋଡ୍, ବାରିପଦା, ମୟୂରଭଞ୍ଜ
ଯୋଗାଯୋଗ : ୮୦୯୩୧୧୦୨୨୨, ୯୪୩୭୦୩୯୯୬୯
ହୋମ ଡେଲିଭେରୀ : ୯୭୭୬୦୦୧୯୬୩, ପାଥୋଲୋଜି : ୮୦୯୩୧୧୦୮୮୮


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541